SANCHAR
# ସଂଚାର
ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17
Vol. 32 | ISSUE 171 | ଭାଗ ୩୨ | ସଂଖ୍ୟା ୧୭୧ Bhubaneswar | Monday 9 September 2024 | Page 8 ₹ 4.00 ଭୁବନେଶ୍ୱର | ସୋମବାର ୯ ସେପ୍ଟେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା



ଜେସିକା ପେଗୁଲାଙ୍କୁ ହରାଇ ବେଲାରୁଷୀୟ ଆରିନା ସାବାଲେଙ୍କା ୟୁଏସ୍ ଓପନ୍‌ରେ ନୂଆ ଚାମ୍ପିଅନ୍ ୬

### ମିଶନ ଶକ୍ତି ଯାଇଥିଲା, କାଳିଆ ଗଲା

# ନୂଆଁଖାଇରେ ଆରମ୍ଭ ହେଲା ସିଏମ କିଷାନ

**ସମ୍ବଲପୁର, ୮।୯ (ସଂଚାର ବ୍ୟୁରୋ) :** ଆଜି ପବିତ୍ର ନୂଆଁଖାଇ ଅବସରରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ବଲପୁରଠାରେ ସି.ଏମ କିଷାନ ସହାୟତା ଯୋଜନାର ଶୁଭାରମ୍ଭ କରିଛନ୍ତି। ଏଥି ସହିତ ମୁଖ୍ୟମନ୍ତ୍ରୀ ପିଏମ କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନ, ସିଏମ କିଷାନ ପୋର୍ଟାଲ ଓ କୃଷକ ଓଡିଶା ୟୁନିଫାଏଡ୍ ପୋର୍ଟାଲର ଉନ୍ମୋଚନ କରିଛନ୍ତି।

ସମ୍ବଲପୁରରେ ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ପ୍ରଥମେ ଚାଷୀ କୂଳର ସମୃଦ୍ଧି ଓ ଓଡିଶାବାସୀଙ୍କ କଲ୍ୟାଣ ପାଇଁ ମା ସମଲେଇଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ । ଏହା ପରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତି ରାଜ ଓ ପାନୀୟଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନଙ୍କ ସହିତ ମିଶି ମନ୍ଦିର ପରିସରରେ ନବାନ୍ନ ଖାଇଥିଲେ।

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡିଟୋରିୟମରେ ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟର ସମସ୍ତ ଚାଷୀ ଭାଇ ଭଉଣୀ ମାନଙ୍କୁ କୃଷି କ୍ଷେତ୍ରରେ ସଶକ୍ତ କରିବାର ମୂଳ ଲକ୍ଷ୍ୟ ରଖି ରାଜ୍ୟ ସରକାର ସର୍ବଦା କାର୍ଯ୍ୟ କରୁଛନ୍ତି। ସିଏମ କିଷାନ

- ରବି ଋତୁରେ ଉପକୃତ ହେବେ ୪୬ଲକ୍ଷ କ୍ଷୁଦ୍ର, ନାମମାତ୍ର ଚାଷୀ ଓ ଭୂମିହୀନ
- ପ୍ରଥମ କିସ୍ତିରେ ୯୨୫ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ସହାୟତା ଦିଆଗଲା
- ଖରିଫ ଓ ରବି ଋତୁ ପାଇଁ ଦୁଇଟି କିସ୍ତିରେ ମିଳିବ ସିଏମ କିଷାନ
- ହିତାଧିକାରୀ ପରିବାରର ପିଲାଙ୍କ ବୈଷୟିକ ଶିକ୍ଷା ପାଇଁ କୃଷି ବିଦ୍ୟା ନିଧି
- ଓଡ଼ିଶାର ସବୁ ବର୍ଗର ଉନ୍ନତି ଡବଲ ଇଞ୍ଜିନ ସରକାରର ପ୍ରତିବଦ୍ଧତା : ଧର୍ମେନ୍ଦ୍ର

ଯୋଜନାରେ ହସ୍ତାନ୍ତର ହେଉଥିବା ଏହି ସହାୟତା ରାଶି ଚାଷୀ ମାନଙ୍କୁ ଅତ୍ୟାବଶ୍ୟକୀୟ କୃଷି ସମାଗ୍ରୀ ଯଥା - ବିହନ, ସାର, କୀଟନାଶକ ଇତ୍ୟାଦି



ଆବଶ୍ୟକତା ଅନୁଯାୟୀ କିଣିବାରେ ନିଶ୍ଚିତ ରୂପେ ସହାୟତା କରିବ। ରବି ଋତୁରେ ୯୨୫ କୋଟିରୁ ଅଧିକ ଟଙ୍କା ବିନିଯୋଗ ମାଧ୍ୟମରେ ରାଜ୍ୟର ୪୫,୫୭,୭୩୩ ଜଣ କ୍ଷୁଦ୍ର ଓ ନାମ ମାତ୍ର ଚାଷୀ ଏବଂ ୩୯,୩୦୩ ଭୂମିହୀନ କୃଷି ପରିବାର ଏହା ମାଧ୍ୟମରେ ଉପକୃତ ହେବେ। ସିଏମ କିଷାନର ଏହି ସହାୟତା ରାଶି ଉଭୟ ଖରିଫ ଓ ରବି ଋତୁ ପାଇଁ ଦୁଇଟି କିସ୍ତିରେ ସମୁଦାୟ ଚାରି ହଜାର ଟଙ୍କା ପ୍ରଦାନ କରାଯିବ। ସିଏମ କିଷାନ ଯୋଜନାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପିଲାମାନଙ୍କ ବୈଷୟିକ ଉଚ୍ଚ ଶିକ୍ଷା ନିମନ୍ତେ କୃଷି ବିଦ୍ୟା ନିଧି ଯୋଜନାରେ ଦୁଇ ଲକ୍ଷ ଟଙ୍କା ଛାତ୍ର ବୃତ୍ତିର ବ୍ୟବସ୍ଥା ⮚ପୃଷ୍ଠା-୬



# ନୂଆଁଖାଇରେ କମ୍ପିଲା ପଶ୍ଚିମ ଓଡ଼ିଶା

**ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ**

**ସମ୍ବଲପୁର ୮।୯ (ସଂଚାର ବ୍ୟୁରୋ):** ନୂଆଁଖାଇ, କୃଷି ଓ କୃଷକର ଭାବନା ସହ ଜଡିତ ପଶ୍ଚିମ ଓଡ଼ିଶାର ଗଣ ପର୍ବ। ଚାଷୀ ତାର ପ୍ରଥମ ଅନ୍ନକୁ ନିଜର ଇଷ୍ଟଦେବୀ ଠାରେ ଲାଗି କରାଇ ବର୍ଷ ଯାକ କେମିତି ଭଲ ଅମଳ ହେବ ସେନେଇ ମାଁଙ୍କ ଠାରୁ ଆଶିଷ ଭିକ୍ଷା କରେ। ପରମ୍ପରା ଅନୁଯାୟୀ ସମ୍ବଲପୁର ଇଷ୍ଟଦେବୀ ମାଁ ସମଲେଇଙ୍କ ଠାରେ ନବାନ୍ନ ଲାଗି ପରେ ଲୋକେ ନୂଆଁଖାଇ ଉତ୍ସବ ମନାଇଥାନ୍ତି। ରବିବାର ପଶ୍ଚିମ ଓଡ଼ିଶାରେ ପାଳିତ ହୋଇଛି ନୂଆଁଖାଇ। ପୂର୍ବ ନିର୍ଦ୍ଧାରିତ ସମୟରେ ସମ୍ବଲପୁରର ମା' ସମଲେଶ୍ୱରୀ ଓ ବଲାଙ୍ଗିରର ମାଆ ପାଟଣେଶ୍ୱରୀଙ୍କ ନିକଟରେ ଲାଗି ହୋଇଛି ନବାନ୍ନ। ବରଗଡ଼, ଝାରସୁଗୁଡ଼ା, ସୁବର୍ଣ୍ଣପୁର ଜିଲ୍ଲାରେ ରୀତିନୀତି ଅନୁଯାୟୀ ନୂଆଁଖାଇ ପାଳନ କରାଯାଇଛି। ଏହି ଅବସରରେ ରାତିରେ ବିଭିନ୍ନ ଅଞ୍ଚଳରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଡାଲଖାଇ, ରସରକେଳି ପରି ଗୀତରେ ମତୁଆଲା ହୋଇଛନ୍ତି ପଶ୍ଚିମ ଓଡିଶାବାସୀ । ମା' ସମଲେଶ୍ୱରୀଙ୍କ ମନ୍ଦିରରେ ⮚ପୃଷ୍ଠା-୬

# ପାଣ୍ଡିଆନ ପରେ ପେଣ୍ଡାଲ ପଲିଟିକ୍ସ

**ଭୁବନେଶ୍ୱର, ୮।୯ (ସଂଚାର ବ୍ୟୁରୋ) :** କ୍ଷମତାରୁ ଗଲା ପରେ ଏବେ ନବୀନ ପଟ୍ଟନାୟକଙ୍କ ନୂଆ ରଣନୀତି। ଗତ ୨୭ ବର୍ଷର ରାଜନୈତିକ କ୍ୟାରିୟରରେ ନବୀନ ପଟ୍ଟନାୟକ କେବେ ବି ଗଣେଶ ପୂଜା ପେଣ୍ଡାଲ ବୁଲି ନଥିଲେ। ସମ୍ଭବତଃ ପ୍ରଥମ ଥର ପାଇଁ ନବୀନ ପଟ୍ଟନାୟକ ଗଣେଶ ପୂଜାରେ ପେଣ୍ଡାଲ ବୁଲି ବିଘ୍ନ ବିନାଶକଙ୍କ ଆଶୀର୍ବାଦ ନେଇଛନ୍ତି। ନିର୍ବାଚନ ପୂର୍ବରୁ ପାଣ୍ଡିଆନଙ୍କୁ ନେଇ ବିଜେଡି ରାଜନୀତି ଜୋର ଧରିଥିବା ବେଳେ ଏବେ ନବୀନଙ୍କ ପେଣ୍ଡାଲ ପଲିଟିକ୍ସକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

ଗତ କିଛି ବର୍ଷ ଧରି ପାଣ୍ଡିଆନ ହିଁ ବିଜେଡିର ସର୍ବେସର୍ବା ଥିଲେ। ନେତାମାନେ ବି ତାଙ୍କୁ ପରବର୍ତ୍ତି ମୁଖ୍ୟମନ୍ତ୍ରୀ ବୋଲି ଭାବୁଥିଲେ ଓ ସେହି ⮚ପୃଷ୍ଠା-୬



**ଗୋଟି ପହଣ୍ଡି ପ୍ରଭାବ**

# ଶଂଖ ଭବନ କ୍ୟାମ୍ପ ସନ୍ଦେହରେ ୭କୁ ସାତ !



**ଭୁବନେଶ୍ୱର, ୮।୯ (ସଂଚାର ବ୍ୟୁରୋ) :** ବିଜେଡି ଖୁଆଡରୁ ଦୁଇ ଦୁଇ ଜଣ ସାଂସଦ ପଳାଇ ଯିବାପରେ ଏବେ ଦଳର ମାନ, ସମ୍ମାନ ଓ ସ୍ଥିତି ସଙ୍କଟରେ । କେଉଁ ମୂହୂର୍ତ୍ତରେ ଆଉ କେଉଁ ରାଜ୍ୟସଭା ସାଂସଦ ଦଳ ଛାଡିବେ ତାହାକୁ ନେଇ ସମସ୍ତେ ସନ୍ଦେହରେ । ଅବସ୍ଥା ଏଭଳି ହୋଇଛି ଯେ ରାଜ୍ୟସଭାରେ ଥିବା ବିଜେଡିର ସାତ ଜଣ ସାଂସଦ ଏବେ ପରସ୍ପରକୁ ସନ୍ଦେହ ଦୃଷ୍ଟିରେ ଦେଖିବା ଆରମ୍ଭ କରିଛନ୍ତି । ଇସାରା ଇସାରାରେ ଜଣେ ଆଉ ଜଣ ଆଡକୁ ଠାରି ଦେଉଥିବା କୁହାଯାଉଛି ।

ଏଣେ ବିଜେଡିରୁ ଦୁଇ ଦୁଇ ଜଣ ରାଜ୍ୟସଭା ସାଂସଦଙ୍କୁ ନିଜ ଖାଳେଇରେ ପୂରେଇବା ପରେ ବିଜେପି ଶିବିରରେ ଉତ୍ସାହ । ଖୋଦ ଦଳର ନେତାମାନେ କହୁଛନ୍ତି ଲଡ଼କେ ଲିୟେ ଲୋକସଭା, ହସ୍‌କେ ଲେଙ୍ଗେ ରାଜ୍ୟସଭା । ଅର୍ଥାତ୍ ଆମେ ଲଢେଇ କରି ଲୋକସଭା ଜିତିଥିବାବେଳେ ଏବେ ହସି ହସି ରାଜ୍ୟସଭା ନେଇଯିବୁ । ଉଲ୍ଲେଖନୀୟ ଯେ ଗତ ନିର୍ବାଚନରେ ବିଜେପି ଓଡିଶାର ୨୦ଟି ଲୋକସଭା ଆସନ ମଧ୍ୟରୁ ୧୯ଟି ହାତେଇ ନେଇଥିବାବେଳେ ଗୋଟିଏ କଂଗ୍ରେସ ଖାତାକୁ ଯାଇଥିଲା । ସେହିଭଳି ୧୦ଟି ରାଜସଭା ଆସନ ମଧ୍ୟରୁ ବିଜେଡିର ୯ଜଣ ସାଂସଦ ଥିବାବେଳେ ଆଉଜଣେ ସାଂସଦ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବିଜେଡିର ଅଧା ବୋଲି କୁହାଯାଏ । କାରଣ ବିଜେପି ପ୍ରାର୍ଥୀ ହୋଇଥିବା ଅଶ୍ୱିନୀ ବିଜେଡି ସମର୍ଥନରେ ରାଜ୍ୟସଭାକୁ ⮚ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

## ଦିଲ୍ଲୀରେ ଆବୁଧାବି ଯୁବରାଜ



**ନୂଆଦିଲ୍ଲୀ,୮।୯:** ଆବୁଧାବି ଯୁବରାଜ ଶେକ୍ ଖାଲିଦ ବିନ ମହମଦ ବିନ୍ ଜାୟଦ ଅଲ୍ ନାହା ତିନିଦିନିଆ ଭାରତ ଗସ୍ତରେ ଆସି ରବିବାର ସନ୍ଧ୍ୟାରେ ଦିଲ୍ଲୀରେ ପହଞ୍ଚିଛନ୍ତି। ସୋମବାର ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଭେଟି ଦ୍ୱିପାକ୍ଷିକ ସଂପର୍କ ନେଇ ଆଲୋଚନା କରିବାର କାର୍ଯ୍ୟକ୍ରମ ଧାର୍ଯ୍ୟ ହୋଇଛି। ତାଙ୍କ ସହିତ ମନ୍ତ୍ରୀ ଓ ବ୍ୟବସାୟୀଙ୍କୁ ନେଇ ଗଠିତ ଏକ ଉଚ୍ଚସ୍ତରୀୟ ଟିମ୍ ମଧ୍ୟ ଆସିଛନ୍ତି। ଦିଲ୍ଲୀ ବିମାନବନ୍ଦରରେ କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ, ଉଭୟ ଦେଶର ବରିଷ୍ଠ ଅଧିକାରୀ, ରାଷ୍ଟ୍ରଦୂତ ପ୍ରମୁଖ ସ୍ୱାଗତ କରିଛନ୍ତି। ଏହା ହେଉଛି ମହମଦ ବିନ୍ ଜାୟଦ ଅଲ୍ ନାହାଙ୍କ ପ୍ରଥମ ଭାରତ ଗସ୍ତ। ଏହାବ୍ୟତୀତ ସେ ଭାରତୀୟ ବ୍ୟବସାୟୀଙ୍କ ସହିତ ବୈଠକରେ ଯୋଗଦେବେ ବୋଲି ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ରଣଦୀପ ଜୟସ୍ୱାଳ କହିଛନ୍ତି।

## ମଣିପୁରରେ ଆଣ୍ଟିଡ୍ରୋନ୍ ସିଷ୍ଟମ୍ ମୁତୟନ

**ଇମ୍ଫାଲ,୮।୯:** ମଣିପୁରରେ ଅବ୍ୟାହତ ରହିଥିବା ହିଂସାକାଣ୍ଡ ଓ ଆତଙ୍କବାଦୀଙ୍କ ପକ୍ଷରୁ ଡ୍ରୋନ୍ ବ୍ୟବହାର ପରିପ୍ରେକ୍ଷୀରେ ଉପଦ୍ରୁତ ଜିଲ୍ଲାଗୁଡ଼ିକରେ ପ୍ରତିରକ୍ଷା ବାହିନୀ ପକ୍ଷରୁ ଡ୍ରୋନ୍‌ନିରୋଧୀ ବ୍ୟବସ୍ଥା(ଆଣ୍ଟିଡ୍ରୋନ୍ ସିଷ୍ଟମ) ମୁତୟନ କରାଯାଇଛି। ଏହି ସିଷ୍ଟମକୁ ସିଆର୍‌ପିଏଫ୍ ପକ୍ଷରୁ ପରୀକ୍ଷା ନିରୀକ୍ଷା କରାଯାଇଥିଲା। ଆସାମ ରାଇଫଲ୍‌ସ୍ ପକ୍ଷରୁ କେତେକ ଅଞ୍ଚଳରେ ଏହାକୁ ମୁତୟନ କରାଯାଇଛି ଓ ଖୁବ୍‌ଶୀଘ୍ର ରାଜ୍ରର ଅନ୍ୟାନ୍ୟ ଜିଲ୍ଲାରେ ମୁତୟନ କରାଯିବ ବୋଲି ମଣିପୁର ପୋଲିସ ପକ୍ଷରୁ ଏକ ବିଜ୍ଞପ୍ତିରେ ଉଲ୍ଲେଖ କରାଯାଇଛି।

## ପିଓକେବାସୀ ଭାରତରେ ମିଶିବାକୁ ଆଗ୍ରହୀ

**ଶ୍ରୀନଗର,୮।୯:** ପାକ୍ ଅଧିକୃତ କାଶ୍ମୀରବାସୀ (ପିଓକେ) ଭାରତରେ ମିଶିଯାଆ। ଆମେ ଆପଣମାନଙ୍କୁ ଭାରତର ନାଗରିକ ବୋଲି ବିବେଚନା କରୁଛି। କିନ୍ତୁ ପାକିସ୍ତାନ ବିଦେଶୀ ଭାବେ ଦେଖୁଛି ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆହ୍ୱାନ କରିଛନ୍ତି। ଜାମ୍ମୁ-କାଶ୍ମୀରର ରାମ୍ବାନ ବିଧାନସଭା କ୍ଷେତ୍ରରେ ଅନୁଷ୍ଠିତ ନିର୍ବାଚନ ସମାବେଶରେ ଯୋଗଦେଇ ଶ୍ରୀ ସିଂହ ଆହୁରି ମଧ୍ୟ କହିଛନ୍ତି, ପିଓକେରେ ବିକାଶ ଘଟାଇବାକୁ ପାକିସ୍ତାନ ସରକାର ଚାହୁଁ ନାହାନ୍ତି। ଆମେ ସେଠାକାର ଲୋକଙ୍କ ଜୀବଜିବିକାର ଉନ୍ନତି କରିବୁ। ପିଓକେବାସୀ ଭାରତରେ ମିଶିବାକୁ ଆଗ୍ରହୀ ଥିବା ବାରମ୍ବାର ପ୍ରମାଣିତ ହୋଇଛି।

## ଉଛୁଳିଲା କୋଲାବ
### ମାଛକୁଣ୍ଡର ୨ ଗେଟ୍ ଖୋଲା

**କୋରାପୁଟ, ୮।୯(ସଂଚାର ବ୍ୟୁରୋ):** ଲଘୁଚାପ ପ୍ରଭାବରୁ କୋରାପୁଟ ଜିଲାରେ କିଛିଦିନ ହେଲା ଲଗାଣ ବର୍ଷା ଚାଲିଛି। ଫଳରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । କୋଲାବ ନଦୀ ଫୁଲୁଥିବାରୁ କିଛି ତଳିଆ ଅଞ୍ଚଳରେ ପାଣି ପଶିଛି। ମାଛକୁଣ୍ଡ ଡ୍ୟାମ୍‌ର ୨ ଗେଟ୍ ଖୋଲା ଯାଇଛି। ଜିଲ୍ଲାରେ ବର୍ଷା ଲାଗି ରହିଥିବାରୁ ଜଳସ୍ତର ବୃଦ୍ଧି ସମ୍ଭାବନା ପ୍ରକାଶ ପାଇଛି। ଏପରି ହେଲେ ଅଧିକ ଗେଟ୍ ଖୋଲିବ ବୋଲି ସୂଚନା ମିଳିଛି। କୋଲାବ ଓ ବିରି ନଦୀ ଫୁଲିବାରେ ଲାଗିଛି। ବୈପାରୀଗୁଡ଼ା, କୋଟପାଡ଼ ଓ କୁନ୍ଦୁରା ବ୍ଲକର ଅନେକ ଗାଁ ଜଳବନ୍ଦୀ ଅବସ୍ଥାରେ ରହିଛି। କୁନ୍ଦୁରା ବ୍ଲକର ଦୀଗାପୁର ଠାରେ ଥିବା ବ୍ରିଜ୍ ଉପରେ ପାଣି ଚାଲିବାରୁ କୁନ୍ଦୁରା ଦୀଗାପୁର ଠାରୁ ଘୁମରକୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। କୋଲାବ ନଦୀ ଉଛୁଳିବା ଯୋଗୁ କୁନ୍ଦୁରା ବ୍ଲକର ଘୁମର, ମସିଗାଁ, ଦିଗାପୁର ବିରି ଜଳବନ୍ଦୀ ହୋଇଛି। କୁରଲୁ ନଦୀ ମଧ୍ୟ ଫୁଲିବାରେ ଲାଗିଛି। କିଛି ସ୍ଥାନରେ ଲଗାଣ ବର୍ଷାରେ ଘର ଭାଙ୍ଗି ଯାଇଥିବା ⮚ପୃଷ୍ଠା-୬

### ଉଦୀୟମାନ ଓ ନିବେଶଯୋଗ୍ୟ ବଜାର ସୂଚକାଙ୍କ

# ଚୀନକୁ ଟପିଲା ଭାରତ

**ନୂଆଦିଲ୍ଲୀ, ୮।୯:** ସେପ୍ଟେମ୍ବରରେ ଏମ୍‌ଏସ୍‌ସିଆଇ ଉଦୀୟମାନ ବଜାର ଓ ନିବେଶଯୋଗ୍ୟ ବଜାର ସୂଚକାଙ୍କ (ଏମଏସସିଆଇ ଇଏମ୍ ଆଇଏମ୍‌ଆଇ)ରେ ଭାରତ ଗୁରୁତ୍ୱ ଦୃଷ୍ଟିରୁ ଚୀନକୁ ପଛରେ ପକାଇ ଦେଇଥିବା ମୋର୍ଗାନ ଷ୍ଟାନଲି ଘୋଷଣା କରିଛି। ଏମଏସସିଆଇ ଇଏମ ଆଇଏମଆଇରେ ଭାରତର ଗୁରୁତ୍ୱ ୨୨.୨୭ ପ୍ରତିଶତ ଥିବା ବେଳେ ଚୀନର ୨୧.୫୮ ପ୍ରତିଶତ ରହିଛି।

ଏମଏସସିଆଇ ଆଇଏମଆଇରେ ୩,୩୫୫ ଷ୍ଟକ ରହିଛି ଏବଂ ଏଥିରେ ବଡ଼, ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ୍ କମ୍ପାନୀ ଅନ୍ତର୍ଭୁକ୍ତ। ଏହା ଉଦୀୟମାନ ବଜାର ରୂପେ ବିବେଚିତ ହେଉଥିବା ୨୪ଟି ଦେଶର ଷ୍ଟକକୁ ସାମିଲ କରିବା ସହିତ ପ୍ରତ୍ୟେକ ଦେଶରେ ଫ୍ରି ଫ୍ଲୋଟ ଆଡଜଷ୍ଟେଡ୍ ମାର୍କେଟ କ୍ୟାପିଟାଲାଇଜେସନର ପ୍ରାୟ ୮୫% କଭ୍‌ରେଜକୁ ଲକ୍ଷ୍ୟ ରଖି ଅଧ୍ୟୟନ କରିଥାଏ। ସୂଚନାଯୋଗ୍ୟ, ଫ୍ରି ଫ୍ଲୋଟ ଆଡଜଷ୍ଟେଡ୍ ମାର୍କେଟ କ୍ୟାପିଟାଲାଇଜେସନର ଅର୍ଥ ହେଉଛି ସାର୍ବଜନୀନ ସ୍ତରରେ କାରବାର ହେଉଥିବା ଶେୟାରଗୁଡ଼ିକର ସଂଖ୍ୟାକୁ ଆଧାର କରି ବଜାର ପୁଞ୍ଜୀ ହିସାବ କରିବାର ଏକ ମୂଲ୍ୟାୟନ ସୂତ୍ର।

ମୁଖ୍ୟ ଏମଏସସିଆଇ ଇଏମ ଇଣ୍ଡେକ୍ସ (ଷ୍ଟାଣ୍ଡାର୍ଡ ଇଣ୍ଡେକ୍ସ) ବୃହତ ଏବଂ ମଧ୍ୟମ କ୍ୟାପ୍‌କୁ ଅନ୍ତର୍ଭୁକ୍ତ କରୁଥିବା ବେଳେ ଆଇଏମଆଇରେ ଏକ ଅଧିକ ବ୍ୟାପକ ପରିସର ଅନ୍ତର୍ଭୁକ୍ତ, ଯେଉଁଥିରେ ବୃହତ, ମଧ୍ୟମ ଏବଂ କ୍ଷୁଦ୍ର କ୍ୟାପ୍ ଷ୍ଟକ ଅନ୍ତର୍ଭୁକ୍ତ। ଭାରତ ପାଖରେ ଥିବା କ୍ଷୁଦ୍ର ବା ସ୍ମଲ୍ କ୍ୟାପ୍ କାରଣରୁ ଏମଏସସିଆଇ ଆଇଏମଆଇରେ ଚୀନ ତୁଳନାରେ ଏହା ଆଗରେ ରହିଛି। ପୁନଃସନ୍ତୁଳନ ବ୍ୟାପକ ବଜାର ଧାରାକୁ ପ୍ରତିଫଳିତ କରେ



। ଚୀନ୍‌ରେ ଆର୍ଥିକ ମାନ୍ଦାବସ୍ଥା ଯୋଗୁଁ ସେଠାକାର ବଜାର ସଂଘର୍ଷ କରୁଥିବା ବେଳେ ଅନୁକୂଳ ଆର୍ଥିକ ସ୍ଥିତିରୁ ଭାରତର ବଜାର ଲାଭବାନ ହୋଇଛି। ନିକଟ ଅତୀତରେ, ଭାରତ ଭାରତୀୟ ଅର୍ଥବ୍ୟବସ୍ଥାର ସୁଦୃଢ଼ ଆର୍ଥିକ ଭିତ୍ତିଭୂମି ଏବଂ ଭାରତୀୟ କର୍ପୋରେଟ୍ ଗୁଡ଼ିକର ଦୃଢ଼ ପ୍ରଦର୍ଶନ ଦ୍ୱାରା ପରିଚାଳିତ ଇକ୍ୱିଟି ବଜାର ପ୍ରଦର୍ଶନରେ ବହୁତ ଉନ୍ନତ ପ୍ରଦର୍ଶନ କରିଛି।

ଏହାବ୍ୟତୀତ ଭାରତୀୟ ଇକ୍ୱିଟି ବଜାରରେ ଏହି ବୃଦ୍ଧି ବ୍ୟାପକ ରହିଛି, ଯାହା ଲାର୍ଜ କ୍ୟାପ୍ ସହିତ ମିଡ୍ କ୍ୟାପ୍ ଏବଂ ସ୍ମଲ୍ କ୍ୟାପ୍ ସୂଚକାଙ୍କରେ ପ୍ରତିଫଳିତ ହୋଇଛି। ଏହି ସକାରାତ୍ମକ ଧାରାର ପ୍ରମୁଖ କାରଣ ଗୁଡ଼ିକ ହେଲା ୨୦୨୪ ର ପ୍ରାରମ୍ଭିକ ଭାଗରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ (ଏଫଡିଆଇ)ରେ ୪୭% ବୃଦ୍ଧି, ବ୍ରେଣ୍ଟ ଅଶୋଧିତ ତୈଳ ଦର ହ୍ରାସ ଏବଂ ଭାରତୀୟ ଋଣ ବଜାରରେ ଯଥେଷ୍ଟ ବିଦେଶୀ ପୋର୍ଟଫୋଲିଓ ⮚ପୃଷ୍ଠା-୬

## ୧୧ଯାଏଁ ପ୍ରବଳ ବର୍ଷା

**ଭୁବନେଶ୍ୱର, ୮।୯( ସଂଚାର ବ୍ୟୁରୋ):** ବଙ୍ଗୋପସାଗରରେ ସୃଷ୍ଟ ସୁଦୃଶ୍ୟ ଲଘୁଚାପ ଅବପାତରେ ପରିଣତ ହୋଇ ଉତ୍ତରପଶ୍ଚିମ ଆଡ଼କୁ ଅଗ୍ରସର ହେଉଛି । ପାଣିପାଗ ବିଭାଗର ସୂଚନା ଅନୁସାରେ, ଏହା ଉତ୍ତର-ପଶ୍ଚିମକୁ ଗତି କରି ଓଡ଼ିଶା-ପଶ୍ଚିମବଙ୍ଗ ଉପକୂଳକୁ ମୁହାଁଇବ। ଏହା ପ୍ରଭାବରେ ୧୧ ତାରିଖ ଯାଏଁ ପ୍ରବଳ ବର୍ଷା ହେବ।

ଆସନ୍ତା ୧୬ ଘଣ୍ଟା ମଧ୍ୟରେ ଏହା ଗଭୀର ଅବପାତରେ ପରିଣତହେବା ସମ୍ଭାବନା ରହିଥିବା ପାଣିପାଗ ବିଭାଗ କହିଛି । ସୋମବାର ଓ ମଙ୍ଗଳବାର ଦିନ ବର୍ଷାର ପ୍ରଭାବ ଅଧିକ ରହିବ ବୋଲି ପୂର୍ବାନୁମାନ କରାଯାଇଛି । ଏଥିପାଇଁ ଆସନ୍ତାକାଲି ପାଇଁ ପୁରୀ, ଜଗତସିଂହପୁର, ଖୋର୍ଦ୍ଧା, କଟକ ଏବଂ ଢେଙ୍କାନାଳ ଜିଲାକୁ ରେଡ୍ ୱାର୍ଣ୍ଣିଂ ରି କରାଯାଇଛି। ସେହିଭଳି ୧୨ ଜିଲାକୁ ଅରେଞ୍ଜ ଓ ୧୩ ଜିଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ୧୦ ତାରିଖରେ ସୋନପୁର, ବରଗଡ଼, ଅନୁଗୋଳ, ବୌଦ୍ଧ, କେନ୍ଦୁଝର, ଦେବଗଡ଼ ଆଦି ୯ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି। ଏହି ସମୟ ମଧ୍ୟରେ ପ୍ରବଳ ବର୍ଷା ସହ ଘଣ୍ଟା ପ୍ରତି ୪୦ ରୁ ୫୦ କି.ମି. ବେଗ ସମୟ ସମୟରେ ଝଟକା ପବନ ବହିବାର ସମ୍ଭାବନା ରହିଛି। ସମୁଦ୍ର ଅଶାନ୍ତ ରହିବା ଆଶଙ୍କା ଥିବାରୁ ୧୧ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଶନିବାରଠାରୁ ରାଜ୍ୟର ଅଧିକାଂଶ ଜିଲ୍ଲାରେ ବର୍ଷା ଲାଗି ରହିଛି। କଟକ, ଭୁବନେଶ୍ୱର ଓ ଏହା ଆଖପାଖ ଅଞ୍ଚଳରେ ତୁହାକୁ ତୁହା ବର୍ଷା ହୋଇଛି। ଏହାପ୍ରଭାବରେ ଟ୍ୱିନ ସିଟିର ଖାଲୁଆ ଅଞ୍ଚଳରେ ପାରି ଜମି ରହିଥିବା ବେଳେ ଜନଜୀବନ ପ୍ରଭାବିତ ହୋଇଛି।

# ରେଭେନ୍ସା ପାଇଁ ବିଜେଡି ନେତାଙ୍କ କୁମ୍ଭୀର କାନ୍ଦଣା

**ଭୁବନେଶ୍ୱର, ୮।୯(ସଂଚାର ବ୍ୟୁରୋ):** ଓଡିଶାରେ ୧୫ ବର୍ଷ ନିରଙ୍କୁଶ କ୍ଷମତା ଦଖଲ କରିଥିବା ନବୀନ ପଟ୍ଟନାୟକ ତାଙ୍କ ଶାସନ କାଳରେ ରାଜ୍ୟର ଶିକ୍ଷା ବ୍ୟବସ୍ଥା ବିଶେଷକରି ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ନଷ୍ଟ ଭ୍ରଷ୍ଟ କରିଦେଇଥିବାବେଳେ ଏବେ ରେଭେନ୍ସାକୁ ଆଳ କରି ବିଜେଡି ନେତାଏ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । ରେଭେନ୍ସାକୁ ନେଇ ତୁମ୍ବି ତୋଫାନ କରୁଥିବା ବିଜେଡି ନେତାମାନେ ସେହି ପବିତ୍ର ଶିକ୍ଷାନୁଷ୍ଠାନରେ କାହିଁକି ପାଠ ପଢାଇବାକୁ ଶିକ୍ଷକ ନାହାନ୍ତି ସେ ବିଷୟରେ ମୁହଁ ଖୋଲୁ ନାହାନ୍ତି ।

**ପାଠପଢାର ମାନ ସଂକ୍ରାନ୍ତରେ ମୁହଁ ଖୋଲୁ ନାହାନ୍ତି**

**୧୫ବର୍ଷର ଶାସନରେ ଶିକ୍ଷା ବ୍ୟବସ୍ଥାକୁ ବିଗାଡ଼ି ଦେଇଛନ୍ତି**

୨୦୦୦ ମସିହାରେ ନବୀନ ପଟ୍ଟନାୟକ ଓଡିଶାରେ କ୍ଷମତାକୁ ଆସିବା ପରେ ୨୦୦୯ ପର୍ଯ୍ୟନ୍ତ ବିଜେଡି ସହିତ ମିଳିତ ସରକାରର ନେତୃତ୍ୱ ନେଉଥିଲେ । ଏହା ପରଠାରୁ ୨୦୨୪ ପର୍ଯ୍ୟନ୍ତ ନିଜ ଏକ ଛତ୍ରବାଦ ଶାସନ କରିଥିଲେ । ପ୍ରଶାନ୍ତ ନନ୍ଦ, ପ୍ରଦୀପ ପାଣିଗ୍ରାହୀ, ଦେବୀ ମିଶ୍ର, ଡକ୍ଟର ଅରୁଣ ସାହୁ ଓ ଅତନୁ ସବ୍ୟସାଚୀଙ୍କ ଭଳି ଟାଣୁଆ ନେତାଙ୍କ ହାତରେ ଉଚ୍ଚଶିକ୍ଷା ବିଭାଗ ଥିଲା । ଶହେରୁ ଅଧିକ ବିଧାୟକ ଥିବାରୁ ନିଷ୍ପତ୍ତି ନେବାରେ କୌଣସି ଅସୁବିଧା ହେଉନଥିଲା । ହେଲେ ଏଭଳି ନିଷ୍ପତ୍ତି ନେଲେ ଯେ ରେଭେନ୍ସା ସହିତ ରାଜ୍ୟର ବିଶ୍ୱବିଦ୍ୟାଳୟ ଗୁଡିକରେ ପାଠ ପଢାଇବାକୁ ଶିକ୍ଷକ ନାହାନ୍ତି କି ନେତୃତ୍ୱ ନେବାକୁ କେତେକ ବିଶ୍ୱବିଦ୍ୟାଳୟରେ କୁଳପତି ନାହାନ୍ତି । ଏବେ ରେଭେନ୍ସାକୁ ନେଇ ତୁମ୍ବି ତୋଫାନ କରିବା ସହିତ ଇତିହାସ ବହିକୁ ଘୋଷୁଥିବା ବିଜେଡି ନେତାମାନେ ଶିକ୍ଷକ ଅଭାବ ସଂକ୍ରାନ୍ତରେ ପୂରା ନିରବ ।



ଖୋଦ ସରକାରୀ ସୂଚନା ଅନୁଯାୟୀ କଟକର ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ଥିବା ୨୬୭ଟି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୧୫୭ଟି ଖାଲି ପଡିଛି । ମାତ୍ର ୧୧୦ଜଣ ଶିକ୍ଷକଙ୍କୁ ନେଇ ରେଭେନ୍ସା ବିଶ୍ୱବିଦ୍ୟାଳୟର ବିଜ୍ଞାନ, କଳା ଓ ବାଣିଜ୍ୟ ବିଭାଗମାନ ଚାଲୁଛି । ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ୨୯ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀ ଥିବାବେଳେ ଏବେ ସେଠାରେ ମାତ୍ର ୯ଜଣ ପ୍ରଫେସରରେ କାମ ଚଳାଯାଉଛି।

ଏହି ବିଶ୍ୱବିଦ୍ୟାଳୟ ପାଇଁ ୭୧ଟି ମଞ୍ଜୁରୀପ୍ରାପ୍ତ ସହଯୋଗୀ ପ୍ରଫେସର ପଦବୀ ଥିବାବେଳେ ସେଥିରୁ ୫୨ଟି ବି ଖାଲି ପଡିଛି। ଏହାଛଡା ଏହି ବିଶ୍ୱବିଦ୍ୟାଳୟ ପାଇଁ ଥିବା ୧୬୭ଟି ମଞ୍ଜୁରୀପ୍ରାପ୍ତ ସହକାରୀ ପ୍ରଫେସର ପଦବୀରୁ ମଧ୍ୟ ୮୫ଟି ଖାଲି । ସବୁଠାରୁ ଦୁର୍ଭାଗ୍ୟଜନକ କଥା ହେଉଛି ଯେ ରେଭେନ୍ସା ବିଶ୍ୱବିଦ୍ୟାଳୟ ପାଇଁ ୧୭୫ଟି ମଞ୍ଜୁରୀପ୍ରାପ୍ତ ଅଣଶିକ୍ଷକ ପଦବୀ ଥିବାବେଳେ ସେଥିରୁ ବି ୧୬୨ଟି ଖାଲି ପଡିଛି । ମାତ୍ର ୧୩ଜଣ ତୃତୀୟ ଓ ଚତୁର୍ଥଶ୍ରେଣୀ କର୍ମଚାରୀଙ୍କୁ ନେଇ ଚାଲିଛି ରେଭେନ୍ସା ବିଶ୍ୱବିଦ୍ୟାଳୟ । ଅଥଚ ଏଭଳି ସ୍ଥିତି ସଂକ୍ରାନ୍ତରେ ବିଜେଡିର ତଥାକଥିତ ଛାତ୍ରନେତାମାନେ ମୁହଁ ଖୋଲୁ ନାହାନ୍ତି । ⮚ପୃଷ୍ଠା-୬

## ଟାଟାନଗର-ବ୍ରହ୍ମପୁର ବନ୍ଦେ ଭାରତର ଟ୍ରାଏଲ୍ ରନ୍

**ଯୋଡ଼ା,୮।୯(ସଂଚାର ବ୍ୟୁରୋ):** ଆସନ୍ତା ୧୫ରେ ଓଡ଼ିଶାରେ ଚାଲିବ ଚତୁର୍ଥ ବନ୍ଦେ ଭାରତ ଏକ୍ସପ୍ରେସ । ଝାଡ଼ଖଣ୍ଡର ଟାଟାନଗର ଓ ବ୍ରହ୍ମପୁର ମଧ୍ୟରେ ଦୌଡିବ ଏହି ବନ୍ଦେ ଭାରତ ଏକ୍ସପ୍ରେସ । ଏଥିପାଇଁ ପ୍ରକ୍ରିୟା ଚୂଡ଼ାନ୍ତ ହୋଇଛି। ରବିବାର ଉକ୍ତ ଟ୍ରେନର ଟ୍ରାଏଲ ରନ୍ କରାଯାଇଛି। ବନ୍ଦେଭାରତ ଏକ୍ସପ୍ରେସ ସକାଳ ୫.୨୦ରେ ଟାଟାନଗରରୁ ବାହାରି ସକାଳ ୭.୪୩ରେ ଯୋଡ଼ା ସହର ସ୍ଥିତ ବାଂଶପାଣି ରେଳ ଷ୍ଟେସନରେ ପହଞ୍ଚିଥିଲା। ଦୁଇ ମିନିଟର ରହଣି ପରେ ୭.୪୫ରେ ବାଂଶପାଣୀ ଷ୍ଟେସନ ଛାଡ଼ି ବ୍ରହ୍ମପୁର ଉଦ୍ଦେଶ୍ୟରେ ବାହାରିଥିଲା। ଏଥିପାଇଁ ଯୋଡ଼ା ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି। ମଙ୍ଗଳବାର ବ୍ୟତୀତ ସପ୍ତାହକୁ ୬ ଦିନ ଚାଲିବାକୁ ଥିବା ବନ୍ଦେ ଭାରତ ଏକ୍ସପ୍ରେସ ଝାଡ଼ଖଣ୍ଡର ଟାଟାନଗରରୁ ସକାଳ ୫ .୨୦ରେ ବାହାରି ⮚ପୃଷ୍ଠା-୬



# ଅକୁହା ବେଦନା

ପୁଷ୍ପଲତା ମିଶ୍ର



ଆକାଶରେ କଳା ହାଣ୍ଡିଆ ମେଘ ସାଙ୍ଗକୁ ନିର୍ଜନ ରାତି ମୁହଁକୁ ମୁହଁ ଦେଖା ଯାଉନି, ତୁହାକୁ ତୁହା ବର୍ଷା ସହ ତାଳଦେଇ ବଢ଼ି ଚାଲିଛି ସୁନୀତାର ଗର୍ଭ ଯନ୍ତ୍ରଣା। କଣ କରିବ ସୁଧୀର ତାକୁ ବୁଦ୍ଧି ବାଟ କିଛି ଦିଶୁନି। ରିକ୍ସା ଚଲେଇ ପେଟ ପୋଷୁଥିବା ସୁଧୀର ଦାସ ଏ ପରିସ୍ଥିତିରେ କରିବ ବା କଣ? ଅଟୋ, ମୋ ବସ ଯେବେଠାରୁ ଚାଲିଲାଣି ସେବେଠାରୁ ରିକ୍ସାର ଚାହିଦା କମି ଯାଇଛି, କିଏ ବା ପଚାରେ ରିକ୍ସାକୁ ...। ରୋଜଗାର ବି ଆଉ ହଉ ନାହିଁ। ରିକ୍ସା ଖଣ୍ଡକ ବି ଭାଙ୍ଗି ଗଲାଣି ସଜାଡିବାକୁ ହାତରେ ଧନ ନାହିଁ, ଏଇ ପନ୍ଦର ଦିନ ହେଲା ଜଣେ ବାବୁଙ୍କ ସହାୟତାରେ ତାଙ୍କ ଗାଡ଼ିଟିକୁ ଆଣି ଶିଖି ଡ୍ରାଇଭିଂ ଲାଇସେନ୍ସ ପାଇଁ ଆବେଦନ କରିଛି। ସେଇ ବାବୁଙ୍କ ପାଖକୁ ଚାଲିଲା ସୁଧୀର ଛତା ଖଣ୍ଡେ ଧରି ବର୍ଷାକୁ ଖାତିରି ନକରି। ବାବୁ ସବୁ ଶୁଣି ଗାଡି ସହ କିଛି ଟଙ୍କା ସୁଧୀରକୁ ଦେଲେ। ସେମିତି କଷ୍ଟ ପାଉ ଥାଏ ସୁନୀତା, ସେଇ ଗାଡିରେ ସୁନିତାକୁ ନେଇ ପହଁଚିଲା ବଡ଼ ମେଡ଼ିକାଲରେ, ସେ ଦିନ ଥିଲା ଗଣେଶ ଚତୁର୍ଥୀ ତାର ପୁଅଟିଏ ହେଲା, ଖୁସିରେ ନାଚିଗଲା ସୁଧୀର। ସେ ପୁଣି ଗଣେଶ ଚତୁର୍ଥୀ ଦିନ ଗଣେଶଙ୍କ ପରି ବିଦ୍ୱାନ ହେଉ ମୋ ପୁଅ ଠାକୁରଙ୍କୁ କୋଟି କୋଟି ଦଣ୍ଡବତ କଲା ସୁଧୀର। ସୁଧୀର ଓ ସୁନୀତା ପୁଅକୁ ଭଲ ମଣିଷ କରିବା ପାଇଁ ଆପ୍ରାଣ ଚେଷ୍ଟା କରି ମନରେ ସଂକଳ୍ପ କଲେ ଯେନତେନ ପ୍ରକାରେଣ ପୁଅକୁ ଡାକ୍ତର କରିବେ। ଏଇ ଆଶା ନେଇ ସୁଧୀର ଗାଡି ଚଲାଏ ଆଉ ସୁନୀତା ପର ଘରେ ବାସନ ମାଜି ଅକ୍ଳାନ୍ତ ପରିଶ୍ରମ କରି ଲାଗି ପଡ଼ିଲେ ପୁଅ ମନୋଜକୁ ଡାକ୍ତର କରିବା ପାଇଁ। ସୁଧୀର ର ସ୍ୱପ୍ନ ସଫଳ ହେଲା, ଏ ମନ ଭାବୁଥାଏ ଯାହା କାଳ ପ୍ରାପତେ ହୁଏ ତାହା। ଡାକ୍ତର ପୁଅ ପାଇଁ ସୁନ୍ଦରୀ ଗୁଣବତୀ ଝିଅ ଦେଖି ପୁଅର ବାହାଘର ମଧ୍ୟ କରିଦେଲେ। ସୁଧୀର ତ ଗରିବ ମଳିମୁଣ୍ଡିଆ ଲୋକ ହେଲେ ପୁଅ ତ ନାମକରା ଡାକ୍ତର ସେହିଭଳି ଲୋକଙ୍କୁ ପାର୍ଟିରେ ଡାକିବାକୁ ପଡ଼ିବ। ଶେଷରେ ସୁଧୀର କରଜ କରି ଆଣିଥିବା ଗାଡି ଖଣ୍ଡକ ବିକି ଦେଲା। ସେଇ ଟଙ୍କାରେ ଧୁମ୍‌ଧାମ୍‌ରେ ପୁଅର ବାହାଘର ଭୋଜି ସହ ବୋହୂ ପାଇଁ ସୁନାହାର କରି ସରିଲା ପରେ ସୁଧୀର ହୋଇଗଲା ନିସ୍ୱ ! ପୁଅ ଅଧିକ ପଢ଼ିବା ପାଇଁ ବିଦେଶ ଚାଲିଗଲା, ଘରେ ରହିଗଲେ ସୁଧୀର, ସୁନୀତା ଆଉ ବୋହୂ ଅଞ୍ଜଳି। ଡାକ୍ତର ମନୋଜର ଅନୁପସ୍ଥିତିରେ ବୋହୁ ଅଞ୍ଜଳି ନିର୍ଯାତନା ଦେଇ ଚାଲିଲା ଶାଶୁ ଶଶୁରଙ୍କୁ ...। ସେ ଧନୀ ଘରର ଝିଅ ତ! ମାନି ନେଇ ପାରିଲାନି ଏମାନେ ତାର ଶାଶୁ ଶଶୁର ଆଉ ଗୁରୁଜନ ବୋଲି..। ଚାକର ପରି ଖଟେଇଲା ନିଜେ ଅୟସ କଲା କ୍ଲବ୍ ପାର୍ଟିରେ ଦିନ ସରେ ଅଞ୍ଜଳିର, ମନୋଜ ଯେବେ ଫୋନ କରେ ଅଞ୍ଜଳିକୁ ବାପା ମାଆ କେମିତି ଅଛନ୍ତି ତାଙ୍କ କଥା ବୁଝୁଥିବ। ସେମାନେ ଭଲରେ ଅଛନ୍ତି କହି ଫୋନ କାଟିଦିଏ ଅଞ୍ଜଳି। ସରଳ ବିଶ୍ୱାସୀ ମନୋଜ ବୁଝି ପାରେନା ଅଞ୍ଜଳିର ମାୟାକୁ ...। ତା'ପରେ ଅଞ୍ଜଳି ଶାଶୁ ଶଶୁରଙ୍କୁ ନେଇ ଅନାଥାଶ୍ରମରେ ଛାଡ଼ି ଆସିଛି କିନ୍ତୁ ମନୋଜକୁ କହିଛି ତୁମ ବାପା ମାଆ ତୀର୍ଥ ଦରଶନରେ ଯାଇଛନ୍ତି। ଅନାଥାଶ୍ରମରେ ସୁଧୀର ଓ ସୁନୀତା ରହିନପାରି ସେଠୁ ପଳେଇ ଆସି ଗୋଟିଏ ବସ୍ତିରେ ରହିଛନ୍ତି। ସୁନିତା ଦେହ ଭୀଷଣ ଖରାପ ସେ ଆଉ କାମକରି ପାରୁ ନ ଥାଏ। ତା ପରେ ସୁଧୀର ଚିନ୍ତା କରେ ପୁଣି ସେଇ ଗାଡି ଚଲେଇବ, ସୁନୀତାକୁ ଭଲ ଡାକ୍ତର ଦେଖେଇବ, ତା ଦେହ ବହୁତ ଦୁର୍ବଳ ହୋଇଗଲାଣି କିନ୍ତୁ ପାଖରେ ତ ଡ୍ରାଇଭିଂ ଲାଇସେନ୍ସ ନାହିଁ କି ଆଧାର କାର୍ଡ ନାହିଁ, କେମିତି ବା ଗାଡି ଚଲେଇବ ଏ ସବୁ କାଗଜ ପତ୍ର ତ ଘରେ ରହିଗଲା। ଏ ସବୁ ପ୍ରମାଣ ପତ୍ର ନ ଥିଲେ କିଏ ବା ଦବ ଗାଡ଼ି ଚାଲିବାକୁ ...। ମନରେ ସାହାସ ବାନ୍ଧି ଘରକୁ ଗଲା ଆଧାର କାର୍ଡ ଓ ଡ୍ରାଇଭିଂ ଲାଇସେନ୍ସ ଆଣିବା ପାଇଁ କିନ୍ତୁ ସେ ଦେଖିଲା ଘର ତାଲା ପଡିଛି, ଏମିତି କେତେ ଥର ଯାଇଛି ନିରାଶରେ ଫେରିଛି। ଦିନ ମଜୁରି ଲାଗି ଯେନ ତେନ ପ୍ରକାରେଣ ଚଳି ଯାଉଥାନ୍ତି ସୁଧୀର ଆଉ ସୁନିତା। ଦିନେ ମଜୁରିରୁ ଫେରିବା ବେଳେ ସେ ଦେଖିଲା ତା ପୁଅ ଓ ବୋହୂ ଗୋଟେ ଘରୁ ବାହାରି ଗାଡ଼ି ରେ ବସି କୁଆଡେ ଗଲେ। ଡ୍ରାଇଭର ଥାଏ ଜଣେ ଅଚିହ୍ନା ଯୁବକ! ସେଇ ଘର ପାଖରେ ବସି ରହିଲା ସୁଧୀର ଭୋକରେ ପେଟ ମୋଡ଼ି ହେଇ ଯାଉଥାଏ।" ଭୋକରେ ଓଡ଼ିଆ ନିଦ ଯାଏ " କେତେ ବେଳେ ଯେ ଆଖି ଲାଗି ଯାଇଛି ସୁଧୀରର ସେ ଜାଣି ପାରିନାହି। ଗାଡି ଆସିବାର ଶବ୍ଦରେ ଉଠି ବସିଲା ସୁଧୀର, ଦେଖେ ତ ତା' ପୁଅ ମନୋଜ ଗାଡିରୁ ଓହ୍ଲାଇ ଘର ଭିତର କୁ ଚାଲିଗଲା। ପଛେ ପଛେ ଆସୁଥାଏ ବୋହୁ ଅଞ୍ଜଳି ! ସୁଧୀର ଡାକିଲା ବୋହୁ ମା ଆମକୁ ଅନାଥାଶ୍ରମ ରେ ଛାଡି ଆସିଲ କିନ୍ତୁ ଦିନକ ପାଇଁ ବି ଆମ ଦୁଇ ଜଣ କୁ ଦେଖା କରିବାକୁ ଆସିଲନି। ପୁଅ କେବେ ବିଦେଶରୁ ଆସିଲା ତାକୁ ଆମ କଥା କହିଛ ନା ନାହିଁ।ମୋ ପୁଅ କୁ ଟିକେ ଡାକ ଦିଅ ମା ! ମୋ ଲାଇସେନ୍ସ ଆଉ ଆଧାର କାର୍ଡ ଟିକେ ଆଣି ଦେଇଦେଲେ ମୁଁ ଗାଡ଼ି ଚଲେଇ ମୋ ପେଟ ପୋଷି ପାରିବି, ଆଉ ତୁମ ଉପରେ ବୋଝ ହେବିନି। ଅଞ୍ଜଳି କାହା ସହିତ କଥା ହେଉଛି ଶୁଣି ଡାକ୍ତର ମନୋଜ ଆସି ଦେଖେ ତ ! ତାର ପିତୃ ପ୍ରତୀମ ବାପା। ଗୋଟିଏ ଭିକାରୀ ବେଶ ରେ ଠିଆ ହୋଇଛି,କିଛି ବୁଝି ପାରିଲା ନାହିଁ ଡାକ୍ତର ମନୋଜ ମୁଣ୍ଡ ଗୋଳମାଳ ହେଇଗଲା ତୀର୍ଥ ଦରଶନରେ ଯାଇ ଥିବା ବାପା ଏ କି ଅବସ୍ଥା ରେ........। ତାପରେ ନିଜକୁ ସମ୍ଭାଳି ନେଇ ପଚାରିଲା ଅଞ୍ଜଳି ଏ ବୁଢ଼ା ଲୋକଟି କିଏ ? ତୁମେ କଣ ପାଇଁ ଏଠି ଠିଆ ହେଇ ଗପୁଛ? ତୁମ ବାପା ତୀର୍ଥ କରିବା ନାଁ ରେ କୁଆଡେ ଗଲେ ମୁଁ ଜାଣିନି କିନ୍ତୁ ଏବେ ଆସି ମତେ ଦୋଷ ଦେଉଛନ୍ତି ମୁଁ କୁଆଡ଼େ ତାଙ୍କୁ ଅନାଥାଶ୍ରମରେ ଛାଡି ବୋଲି......। ନିଅ ଏ ଚପଲ ତାଙ୍କୁ ପିଟି ପିଟି ଏଠୁ ୱାହାର କରି ଦିଅ। ମତେ ପିଟିବା ଦରକାର ନାହିଁ ବୋହୁ ମା,ମୋ କାଗଜ ପତ୍ର ଦେଇ ଦିଅ ମୁଁ ଏଠୁ ପଳେଇବି। ଡାକ୍ତର ମନୋଜ ଅଞ୍ଜଳି ହାତ ରୁ ଚପଲ ଆଣି ଧରି କହିଛି, ବାପା ମୁଁ ଯେତେବେଳେ ଛୋଟ ଥିଲି ଏଇ ଚପଲ ରେ କେତେ ମାଡ଼ ମାରି ଥିଲ। ଭାତ ନ ଖାଇଲେ ଏମିତି ଚପଲ ରେ ଭାବ ମାରି ଥାଳି ଥାଳି ଭାତ ଖୋଜି ଦଉ ଥିଲ। ପାଠ ନ ପଢ଼ିଲେ ଏଇ ଚପଲରେ କେତେ ଯେ ବାଡେଇଛ ଆଜି ମୋର ସେ ସବୁ କଥା ମନେ ଅଛି ବାପା ଭୁଲିନି। ସ୍କୁଲକୁ ନ ଯିବା ପାଇଁ ଜିଦ୍ କଲେ ଏଇ ଚପଲ ବାପା ! ଚପଲ୍ ରେ ବାଡେଇ ବାଡେଇ ସ୍କୁଲ୍ ରେ ଛାଡି ଆସୁ ଥିଲ। ଆଜି କଣ ହେଲା ବାପା ମତେ ନ ଜଣେଇ ତୁମେ ତୀର୍ଥ ବାହାନା ରେ କୁଆଡେ ହଜି ଗଲ ? ମୁଁ କିଛି ବୁଝି ପାରିଲିନି ବାପା !! ଏ ଜନ ଜଗତ ଦେଖିବ ଏ ମୋ ସ୍ତ୍ରୀ ବି ଦେଖିବ ମୁଁ ଆଜି କଣ କରିବି। ଏଇ ଚପଲ ବାପା ଏଇ ଚପଲ ମୁଁ ଆଜି କଣ କରିବି ଦେଖ। ନିଅ ବାପା ନିଅ ଏ ଚପଲ ବାପା ତୁମର ଏ ଅଝଟିଆ ପୁଅ କୁ ଚପଲରେ ପିଟି ପିଟି ବୁଦ୍ଧି ଶିଖେଇ ଦିଅ, ସେ ଯେପରି ଏପରି ଭୁଲ ନକରୁ ପିଟ ବାପା ପିଟ ବାପା ପିଟ...।

**ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭**

# ଜେନେରେସନ୍ ଗ୍ୟାପ୍



ଦିପ୍ତୀ ଶତପଥୀ



ଗୃହବନ୍ଦୀରେ ରହିରହି ବିରକ୍ତ ହେଇଗଲାଣି ଲାଡ଼ଲୀ। ଡ୍ୟାନ୍ସ, ପେଣ୍ଟିଂ, ବାସ୍କେଟ ବଲ୍... କେତେ କ'ଣ କୋର୍ସ ଥିଲା, ସମୟ ଅଣ୍ଟୁ ନ ଥିଲା। ସ୍କୁଲରେ ପୂରା ସାତଘଣ୍ଟା। ଆଉ ଏବେ? ସବୁ ବନ୍ଦ ହେଇଯାଇଚି। ପିଲାଟା ପୁରା ବୋର୍। ତାକୁ ମୋବାଇଲ ଫୋନ୍ ଛୁଆଁଇ ଦେଇନଥିଲା ସ୍ୱାତୀ। ଅନ୍‌ଲାଇନ୍ କ୍ଲାସ ଆରମ୍ଭ ହେବାଦିନଠାରୁ ସ୍ୱାତୀ ସମର୍ପଣ ମୁଦ୍ରାରେ। ଆଗରୁ ନିଜେ ପଢ଼ିବସିଲେ କମିକ୍ସ ଗୋଟେ ଧରେଇ ଦିଏ ତାକୁ। ପଢ଼ିବା ଅଭ୍ୟାସ ରହିଛି ତା'ର। ମାମୁନି ଦିଦିର ସବୁ ଗପ ବହି ଘାଣ୍ଟିକି ଚରିସାରିଲାଣି। ଆମାଜନ୍‌ରୁ ମଗଉଛି ଗୃଜବମ୍ପ୍। ଏଇ ବହିଗୁଡ଼ାକରେ ଚିତ୍ର ବେଶୀ, ଲେଖା କମ୍। ଧରୁ ଧରୁ ଘଣ୍ଟାକରେ ଶେଷ। ପୁଣି ବୋର୍। ଓହୋଃ! ସ୍ୱାତୀ ଡାକିଲା... ଗପ ଶୁଣିବୁ? ଛୋଟବେଳୁ ବହୁତ ଗପ ଶୁଣେ ଲାଡ଼ଲୀ ମନଦେଇ। ଖୁସି ହୁଏ। ପଢ଼ି ଜାଣିବାଠୁ ନିଜେ ବସିଯାଉଛି ବହିଧରି। ଲାଗିଆସିଲା ମାମା ପାଖକୁ। ସାଙ୍ଗସାଥି ସବୁ ତ ମନା କରୋନା ପାଇଁ।ମାମା ଏବେ ସାଙ୍ଗ। ମାମୁନି ଦିଦି ବ୍ୟସ୍ତ ରହୁଛି ପ୍ରୋଜେକ୍ଟ ଆଉ କ୍ଲାସରେ। ସ୍ୱାତୀ ଶୁଣେଇଲା 'ରେବତୀ', ତା'ପରେ 'ମାଗୁଣିର ଶଗଡ଼', 'ଲୋକେ ବୋଲିବେ କ'ଣ', ଡାକ ମୁନ୍‌ସୀ, 'ଅନ୍ଧାରୁଆ'। ବଡ଼ ବଡ଼ ଆଖିରେ ଚାହିଁଲା ଲାଡଲୀ... କି ଗପସବୁ !! କହିଲାବେଳେ ମାମା ଏତେ ଇମୋସନାଲ କାହିଁକି? ସବୁ ତ ଗପ। ସ୍ୱାତୀର ମନେ ପଡ଼ିଯାଉଥିଲା, ସିଲାବସ୍‌ରେ ନ ଥିଲେ ବି ସେ କେମିତି ବଡ଼ଭାଇର ବହିସବୁ ଆଣି ଛୁଟିରେ ଗପଗୁଡ଼ା ପାଣିପରି ପିଇଯାଉଥିଲା। ମାଗୁଣିର ଶଗଡ଼ ପଢ଼ିବାର ବହୁତ ଦିନ ପରେ ଖଲ୍ଲିକୋଟ ଯାଇଥିଲା। ମନଭିତରେ ଖୋଜିଥିଲା ତାକୁ। ଏମିତି ହିଁ ଚରିତ୍ରମାନେ ତାକୁ ବାନ୍ଧିରଖନ୍ତି ...ଦିନଦିନ, ମାସମାସ, ବର୍ଷବର୍ଷ।

''ଧୈର୍ଯ୍ୟଧରି ଶୁଣୁଥିଲା ଗପସବୁ ଲାଡ଼ଲୀ। 'ବୁଢ଼ା ଶଙ୍ଖାରୀ' ପାଖରେ ତା'ର ଧୈର୍ଯ୍ୟର ବନ୍ଧ ଭାଙ୍ଗିଗଲା। 'ଯଦି ସେ ନୂଆବୋହୂକୁ ଏତେ ଭଲ ପାଉଥିଲା ତାକୁ ବୁଝେଇଲାନି? ଏମିତିରେ ସବୁ ସରିଯାଏନି ବୋଲି। ଆମ ପ୍ରଣତୀ ମିସ୍ ୱିଡୋ। ତାଙ୍କର ଚୁଡ଼ି, ପର୍ସ ସବୁ ମ୍ୟାଚିଂ ମ୍ୟାଚିଂ। ଆନୁଆଲ ଡେ'ରେ ନାଚ ବି ଶିଖାନ୍ତି। ଏତେ ପରିଶ୍ରମ କରି ଚୁଡ଼ି ବନେଇଥିଲା, ଭାଙ୍ଗିଦେଲା କାହିଁକି? ଦାସୀକୁ ଦେଇ ଦେଇଥାନ୍ତା। ଦାସୀ ଥିଲା ମାନେ ସେମାନେ ଗରୀବ ନ ଥିଲେ। ଆଉ ଅଧିକ ପଢ଼େଇ ପାରିଥାନ୍ତେ....'' କି ପ୍ରଶ୍ନ !! ସ୍ୱାତୀ ନିଜକୁ ଓହ୍ଲାଇଆଣିଲା ବର୍ତ୍ତମାନ ସମୟକୁ। ହେଃ...ବାର ବର୍ଷର ଝିଅ ଆଗରେ ସେ କାହିଁ ଏତେ ଭାବୁକ ହେଇ ଗପି ଯାଉଥିଲା? ସାତ ଦଶନ୍ଧି ତଳର ପରିବେଶ, ଚରିତ୍ରକୁ ଏବର ପିଲାଟେ କେମିତି ବୁଝିଯିବ?? ସ୍ୱାତୀ ବି କୋଉ ସେମାନଙ୍କୁ ଛାଡ଼ିପାରିବ? ସେଇମାନେ ତ ତାକୁ ଜାବୁଡ଼ି ଧରିଛନ୍ତି ଅହରହ। ସେ କ'ଣ ସୁନାନାକୀ ବୋହୂକୁ ବଦଳେଇ ଦେବ? ଯୁଗ ବଦଳୁ, ବଦଳିବା ଦରକାର ବି। ବୁଢ଼ା ଶଙ୍ଖାରୀ ସେମିତି ଥାଉ। ତା' କାନ୍ଦୁରା ପଣରେ ସ୍ୱାତୀ ବି ଭିଜୁଥାଉ।

## ନିଶାର୍ଦ୍ଧ ସରାଗ: ବନ୍ଧୁମହାନ୍ତି

ମନୋଜ ଦାସ

ନିଶାର୍ଥେ ଧରାଇଦେଇ ସୁନାର ବାସନ
ସୁବାସିତ ଅନ୍ନ ଏବଂ ହରେକ ବ୍ୟଞ୍ଜନ
ଉପଶମ କରି ମୋର ନିଦାରୁଣ କ୍ଷୁଧା
ନିଶାନ୍ତେ ଏ ଅଧମକୁ କରିବାକୁ ପ୍ରଚଣ୍ଡ ହିନସ୍ତା-
ହେ ପ୍ରଭୁ! ତୁମକୁ ଥରେ ଲାଗିଲାନି ଦ୍ୱିଧା ?
ଭୁଲିଗଲି ଅନ୍ତତଃ ସେ ରାତିକ ସକାଶେ ଯେଉଁ କ୍ଷୁଧା
ମୋତେ ତଡ଼ି ଆସିଥିଲା ନେଇ
ତୁମର ଏ ମେଘନାଦ ପ୍ରାଚୀରର ପାଶେ-
ଅବଶ୍ୟ ତୁମକୁ ଜଣା
ସେ କ୍ଷୁଧାର ତୃପ୍ତି ନାହିଁ ଛତିଶ ବ୍ୟଞ୍ଜନେ
ତୃପ୍ତି ନାହିଁ ଯେ ପର୍ଯ୍ୟନ୍ତ ହୋଇନି ପ୍ରକଟ
ତୁମେ-ରୂପୀ ଅମୃତ ମୋ ଚେତନାର ସମୁଦ୍ର ମନ୍ଥନେ।
କିନ୍ତୁ ପ୍ରଭୁ ! ଜାଣିଲି ଓ ହେଲି ଆମୋଦିତ
କୋଳାହଳମୟ ଏହି ପୃଥିବୀରେ ତୁମ ପଦପାତ-
ଅସମ୍ଭବ ନିଶାର୍ଦ୍ଧର ଅନ୍ଧାର ବ୍ୟତୀତ !
ହାୟ ପ୍ରଭୁ, ତୁମେ ଯଦି ପୃଥିବୀରେ ଏଡ଼େ ଅସହାୟ
ପୃଥିବୀର ଚାବୁକରେ ମୁଁ ବା ହେବି କିପାଇଁ ଅଥୟ ?



## ଆଶା

କୃଷ୍ଣା ଦାସ

ଫୁଲକଢ଼ ଟିର ଆଶା ଥାଏ ଦିନେ
ପାଖୁଡା ମେଲାଇ ଫୁଟିବ,
ଫୁଟା ଫୁଲ ପରା ଚାହିଁବସିଥାଏ
କେବେ ବୃନ୍ତଚ୍ୟୁତ ଘଟିବ।
ଟିକି ଝରଣା ଟି ଧାଉଁଥାଏ ନିତି
କେବେ ସାଗରରେ ମିଶିବ,
ପାରାୱାରେ ମିଶି ଫେରିଛି ଯେ ନଦୀ
ଲକ୍ଷ୍ୟ ତାର କିଛି ନଥିବ।
ଉଁଆଶ ରାତିରେ ଯେଉଁ ଚକୋରିଟି
ଭାବେ କେବେ ପୂର୍ଣ୍ଣମାସୀ ଆସିବ,
ଜୋଛ୍ନାବିଧୌତ ନୀଳନଭେ ଚାହିଁ
(ଚିନ୍ତେ )ଆଉକି ପୂର୍ଣ୍ଣିମା ଦେଖିବ।
ନବ ପଲ୍ଲବୀତ କୁଆଁରୀ ତରୁର
ଆଶା ତ ମଳୟ ଛୁଇଁବ,
ଥୁଣ୍ଟା ବୃକ୍ଷ ବସି ଦିବସ ଗଣୁଛି
କେବେ ଧରାଶାୟୀ ହୋଇବ।
ନବୀନ ଉଲ୍ଲାସ ନବ ପ୍ରତିମାଟି
ସିଂହାସନେ ପୂଜା ପାଇବ,
ବ୍ୟଥାରେ ବତୁରେ ଭଗ୍ନ ମୂର୍ତ୍ତି କେବେ
ବିସର୍ଜନ ବେଳା ଆସିବ।



# ଓଏଲ୍‌ଏକ୍ସ



ଅମିୟ ବେଜ୍

ତା'କୁ ସବୁବେଳେ ଲାଗେ,
ମୁଁ ଯେଉଁ ସ୍ତ୍ରୀ ଲୋକଟି
ବାବଦରେ ଥରେକେବେ
ଭଲକଥା କହିଥିଲି , ସେଇ
ହେଉଛି ମୋ'ର ପୂର୍ବତନ
ପ୍ରେମିକା। ତା'କୁ ଏପରି
ଲାଗିବାରେ ମୋ'ର ବିଶେଷ
ଖୁସି ନଥିଲେବି, ସିଏ
ସୁଯୋଗ ପାଇବା ମାତ୍ରକେ ସେଇ ସ୍ତ୍ରୀ ଲୋକଟିର
କଥା ଉଠାଏ। ଯେମିତିକି ମୁଁ ସ୍ତ୍ରୀ ଲୋକଟିକୁ ନେଇ
କିଛି ଏକ ଗୁପ୍ତତଥ୍ୟ ତାକୁ ଜଣାନ୍ତି ଓ ସିଏ
ମୋ' ଉପରେ ଆଜୀବନ ଦାଉ
ସାଧନ୍ତା।
ଦିନେ ସିଏ ପଚାରିଲା-
-କହିଲ, ସେଇ ସ୍ତ୍ରୀ
ଲୋକଟା' ମୋ'ଠୁଁ
ଅଧିକ ସୁନ୍ଦରୀ ନା ମୁଁ?
ସମୟଟା ପ୍ରେମ
ସପ୍ତାହ ଚାଲିଥିବା
ବେଳର କଥା ଥିଲା।
ସ୍ଥୂଳ ଦୃଷ୍ଟିରୁ ସୁନ୍ଦରୀ
ଦୁଇପ୍ରକାର।
ଗୋଟେ ମୁହଁ
ସୁନ୍ଦରୀ ଆଉଟେ
ଦେହ ସୁନ୍ଦରୀ। ମୋ'
ଭାବନା ମଧ୍ୟ ସବୁ
ପୁରୁଷଙ୍କ ପରି ସମାନ
ନହୁଅନ୍ତା କାହିଁକି ? ବାକି
ଯେଉଁ ମନ ସୁନ୍ଦରୀ ଇତ୍ୟାଦି
କଥା ସେସବୁ ଯୁଗପୁରୁଷ ମାନଙ୍କ ମହତ
ବିଚାର।
ମୁଁ କହିଲି-
-ସେଇ ସ୍ତ୍ରୀ ଲୋକଟିର ମୁହଁ ମୋର ସଠିକ୍ ମନେ
ପଡୁନି। ଢେର୍ ଅତୀତକୁ ମୁଁ ଫେରି ପାରେନି ତୁ
ଭଲକି ଜାଣୁ।
-ଆଉ ଦେହ ?
ହଠାତ୍ ଅଡୁଆ ରେ ପକାଇବାର ଚରିତ୍ର ଟି ହେଉଛି
'ପ୍ରେମିକା'।
ମୁଁ ଭୁଲିଯିବାର କଥାସବୁ ମନେପକାଇବାକୁ ଚେଷ୍ଟା
କଲି ଓ ବହୁ ସନ୍ତାପରେ କହିଲି –
-ଯାହାର ମୁହଁ ମନେପଡୁନି ତା' ଦେହ ବାବଦରେ
ଟିପ୍ପଣୀ ଦେବା ଅସତ୍ୟ। ତେବେ ତୋ'ଠୁ ଟପି କେହି
କେବେ ପାରିବ?
ଏତିକ ପ୍ରଶଂସା ଯଥେଷ୍ଟ ନଥିଲା। ସିଏ ସ୍ପଷ୍ଟ ଉତ୍ତର
ଚାହୁଁଥିଲା।
-କୁହ, କିଏଁ ସୁନ୍ଦର? ମୁଁ ? ସେଁ?
-ସେ ତ ଆଡୌନଥିଲା। ତା' ମୁହଁ ଦେହରେ କେମିତି
ଏକ
ଧଳାଛଉ ରିବିରିବି
ହୋଇ ଚରିଯାଇଥିଲା।
ସେ ସୁନ୍ଦର ଲାଗନ୍ତା
କେମିତି ମୋତେ....
ହଠାତ୍ ଫୋନ୍ କାଟିଦେଲା। ମୁଁ
ଆଗକୁ ଯେତେଥର ଯୋଗାଯୋଗ କଲି
ତା ଫୋନ୍ ବନ୍ଦ ରହିଲା। ପ୍ରକୃତରେ ପ୍ରେମ ସପ୍ତାହ
ଚାଲିଥିଲା। କେହିଜଣେ ବିଦେଶୀ ପ୍ରେମିକ ପୁରୁଷ
ସନ୍ତ ଭାଲେଣ୍ଟାଇନ୍‌ଙ୍କ ମୃତ୍ୟୁଦିବସ ହେଉଛି
ପ୍ରେମଦିବସ। ଗୋଟେ ଅନୁଭବର ସପ୍ତାହ। ଅର୍ଥାତ୍
ସବୁ ଦିନ ସମାନ ପରି ଅନୁଭବ ଭିତରେ କିଛି
ଦିନ ବା ସମୟକୁ ଟିକେ ଭିନ୍ନ ବାଗରେ ଗୁରୁତ୍ୱପୂର୍ଣ୍ଣ
କରାଇନେବା ହେଉଛି ଏକ ଜୀଇଁବାର କଳା
କାରୁକାର୍ଯ୍ୟ। ଏଥିନେଇ ଯାବତୀୟ ବ୍ୟବସ୍ଥିତ
କାର୍ଯ୍ୟକ୍ରମ ସିକୃତ। ଯାହାସବୁ ଅବ୍ୟବସ୍ଥା ତାକୁନେଇ
ବିରୋଧ , ବିଦ୍ରୋହ।
ମୁଁ ନିଜର ସଚ୍ଚୋଟପଣର ପ୍ରମାଣ ଦେବାକୁ ଯାଇ
ସ୍ତ୍ରୀ ଲୋକଟିର କଥା ଯା' ଆଗରେ ବଖାଣିଥିଲି।
ଏବେ ସେଇକଥାତକ ଅପହୃତ - ଅପଭ୍ରଂଶ ହୋଇ
ମୋ' ପ୍ରାଣ ଖାଉଛି।
ଏସବୁ ଦୁର୍ଘଟଣା ପୂର୍ବରୁ ଗୋଲାପ ଦିବସ, ପ୍ରସ୍ତାବ
ଦିବସ, ଚକୋଲେଟ୍ ଦିୱସ, ଟେଡି ଦିବସ ଅତିକ୍ରାନ୍ତ
କରିଯାଇଥିଲା। ଠିକ୍ ପ୍ରତିଶ୍ରୁତି ଦିବସ ର ଦିନାରମ୍ଭ
ବେଳେ ମୋ' ସହ ଏଇ ଘଟଣାଟି ଘଟିଲା। ତା'ର
ଫୋନ୍ ବନ୍ଦ।
ଦିବସାନ୍ତରେ ଫୋନ୍
ଖୋଲିଲା। ପଚାରିଲା –
-ଅଭିମାନ କରିଥିଲି। କାହିଁ
ଥରୁଟେ ତ ଖୋଜିଲନି ?
-ଖୋଜିଛି ବହୁତ। ସବୁ
ପାଇଲି। ସବୁ ଜିନିଷ
ର ବିକଳ୍ପ ମିଳିଗଲା।
କେବଳ ଗୋଟାଏ ଜିନିଷ
ର ବିକଳ୍ପ ମିଳୁନି ମୋତେ।
-କଣ ?
-ତୋ'ରରରରର...
-ସତରେ ଖୋଜିଛ ?
-ହଁଅଁ
-କେଉଠି ଖୋଜିଲ ?
-ଓ ଏଲ୍ ଏକ୍ସ ରେ ....
-ସିଏ କ'ଣ ଗୋଟେ ?
-ଯେଉଁ ହାଟରେ ଜଣେ ପୁରୁଣା ଭାବି ବିକ୍ରି
କରିଦିଏ। ଯେଉଁଠୁ ଜଣେ ପୁରୁଣା ଜାଣି ସୁଦ୍ଧା
କିଣିଥାଏ।
-ହାଟରେ ପୁଣି ପ୍ରେମିକା ଖୋଜା ?
-ତୁ ସେତେବେଳୁ ଫୋନ୍ ବନ୍ଦ ରଖିଛୁ। କେହି
ମୁନାଫାଖୋର ତୋତେ ଅପହୃତ କରି କାଳେ ବିକ୍ରି
କରିଦେବାକୁ ବସିଥିବ?
-ଏତେ ଭଲପାଅ। ପୁଣି କୁଆଡେ ମୋର ଅପହୃତ
ହୋଇଯିବାର ଭୟ କରଯେ?
-ତୋ' ସୁନ୍ଦରପଣର ପ୍ରମାଣ, ଆଉ କେଉଁ ଉପାୟ
ରେ ଦିଅନ୍ତି ମୁଁ? ତୁ ଏକ ବିକଳ୍ପହୀନ ପ୍ରେମିକା।
-ଆଉ ସେଇ ସ୍ତ୍ରୀ ଲୋକଟି?
ଆମେ ବୋଧେ ଯେଉଁଠୁଁ ପ୍ରଥମେ ଆରମ୍ଭ କରିଥିଲୁ
, ସେଇଯାଗାକୁ ପୁଣି ଫେରି ଆସିଲୁ। ମୁଁ ଉତ୍ତର
ଫେରାଇଲି –
-ସିଏ ଏବେ ଓ ଏଲ୍ ଏକ୍ସ ରେ ଉପଲବ୍ଧ ....

**ଘଟଗାଁ, କେନ୍ଦୁଝର**





## ହଜାର ଆଲୋକବର୍ଷର ଦୂରେ

ଶୁଭ୍ରାଶ୍ରୀ ଦାସ

ମୋ କବିତା
କେହି ଜଣେ ନିହାତି ପଢ଼ିବ
ଗ୍ରହ,ନକ୍ଷତ୍ରର ସୀମା ଡେଇଁ, ପୃଥିବୀର ଅଭ୍ୟନ୍ତର ଭେଦକରି
ହେଉଥବା ମହାଶୂନ୍ୟର ମହାନ୍ଧକାର କୃଷ୍ଣ ଗର୍ତ୍ତ ଅବା ଛାୟାପଥ
ଦେଇ,ହଜାର ଆଲୋକବର୍ଷ ର ଦୂରେ......
ସେ କବିତାରେ ଲେଖାଥିବ ପରିବର୍ତ୍ତିତ ପୃଥିବୀର
ଜୀବନ୍ତ ଇତିହାସ, ମଣିଷ ରୁ ପୁଣି ମଣିଷ ହେବାର
କ୍ରମବିବର୍ତ୍ତନ ,ହେଉଥବା ଜଣେ କେହି କାର୍ବନ
ଡେଟିଂ କରୁଥିବ,ହଜାର ଆଲୋକବର୍ଷ ର ଦୂରେ.....
କବିତାର ପଂକ୍ତି ସାଲିସ କରୁନଥିବ ମିଛ ସହ
ଅହଂବୋଧର ଆବରଣରେ ହରାଉନଥିବ ସ୍ୱାଭିମାନ
ନିଛୁକ ନିଜ ସହ ନିଜକୁ ଚିହ୍ନେଇବାର ନିର୍ଭର ପ୍ରତିଶୃତି କେହି ଜଣେ
ଦେଉଥିବ,ହଜାର ଆଲୋକବର୍ଷ ର ଦୂରେ...

କବିତାର ପ୍ରତିଟି ଛନ୍ଦରେ ଗୁନ୍ଥା ଅକ୍ଷରରେ
ମୁଁ, ତୁମେ ଓ ସେମାନେ ସମସ୍ତେ ,
ବ୍ୟକ୍ତିସତ୍ତାର ପାହାଡ କୁ ଅତିକ୍ରମ କରି ଏକାକାର
ଯେଉଁଠି ନା ଥିବ ଜୀବନର ଭୟ ,ନା ମୃତ୍ୟୁର
ନା ନ ପାରିବାପଣିଆର ଭୟ ,କେହି ନିଶ୍ଚେ ମୋ ସହ ଗାଇବ
ହଜାର ଆଲୋକବର୍ଷର ଦୂରେ

**ଭୁବନେଶ୍ୱର, ମୋବାଇଲ୍: ୯୨୩୭୫୪୭୧୯୫**



## ଗୁରୁ

ଡ. ନାରାୟଣ ଚନ୍ଦ୍ର ସେନାପତି

ଘର ଦ୍ୱାର ନିଜ ପରିବାର ଭୁଲି
ତ୍ୟାଗରେ କରନ୍ତି କରମ ସୁରୁ
ଶିଷ୍ୟ ଭଲ ପାଇଁ ସର୍ବସ୍ୱ ଅର୍ପନ୍ତି
ଜଗତରେ ଶ୍ରେଷ୍ଠ ସେଇ ମୋ ଗୁରୁ।

ଯେଉଁ ଶିଷ୍ୟ ପାଶେ ସଦାଚାର ଥାଏ
ଭାବନ୍ତି ଇଏ ମୋ କୃଷ୍ଣ ଅର୍ଜ୍ଜୁନ
ନିଜକୁ ସଜାଇ ଦ୍ରୋଣ ସାନ୍ଦିପନୀ
ଦେଇଥାନ୍ତି ସ୍ୱଚ୍ଛ ପବିତ୍ର ଜ୍ଞାନ।

ଶୟନେ ସପନେ କିବା ଜାଗରଣେ
ଏକ ଚିନ୍ତା ଥାଏ ଶିଷ୍ୟ ଉନ୍ନତି
ତାହାର ପ୍ରଶଂସା ଶୁଣିବା ପାଇଁ କି
ନିଜ ଜୀବନକୁ ବାଜି ଲଗାନ୍ତି।

ତାଙ୍କ ପାଶେ ଗୁଣ ଯେତିକି ବି ଥାଉ
ଶିଷ୍ୟର ଚାହାଁନ୍ତି ଶହେରୁ ଶହେ
ଯଦି କେଉଁ ଶିଷ୍ୟ ହୁଅନ୍ତି ବିଫଳ
ଭିଜେ ଗୁରୁ ଆଖି ତତଲା ଲୁହେ।

ଦେଇଥାନ୍ତି ମନ ଇଚ୍ଛା ଉପଦେଶ
ଶିଷ୍ୟକୁ ଆଦର୍ଶ ଗଢ଼ିବା ପାଇଁ
ଯେବେ ଭଲ ହୋଇ ସଂସ୍କାର ପରଶେ
ଧନ୍ୟ ହୋଇଯାଏ ଜନମ ଭୂଇଁ।

ବନ୍ଧୁ ହୋଇ ଗୁରୁ ରଚନ୍ତି ବନ୍ଧନ
ଦେଖାନ୍ତି ଶିଷ୍ୟକୁ ଉଚିତ୍ ପଥ
ଦାର୍ଶନିକ ସାଜି ତତ୍ତ୍ୱ ଭରିଥାନ୍ତି
ଚଳାଇବାକୁ ଏ ଜୀବନ ରଥ।

ଦୀପ ଟିଏ ପରି ଜଳାନ୍ତି ପ୍ରଦୀପ
କୁହନ୍ତି ଜାଳ ହେ ସହସ୍ର ଦୀପ
ଘାଆରେ ନ ବସି ଫୁଲରେ ବସ ହେ
ହୁଏନାହିଁ ମାଛି ସାଜ ମଧୁପ।

ଅଜ୍ଞାନ ରୂପକ ଅନ୍ଧାର ଦୂରେଇ
ଦିଅନ୍ତି ଆମକୁ ଦୀପ୍ତ ଆଲୋକ
ତାଙ୍କରି ଆଲୋକ ଜଳାଇ ସଭିଏଁ
ଚାଲିଥାନ୍ତି ସଦା ସାରା ମୂଲକ।

ଶିକ୍ଷା ଦୀକ୍ଷା ନୀତି ଶୃଙ୍ଖଳା ସଂସ୍କାର
ସବୁତ ଦିଅନ୍ତି ଯାଚି ବଳେଇ
ତାଙ୍କ ପରି ଦିବ୍ୟ ମଣିଷକୁ ଗଢି
ପ୍ରଭୁ ପା ଦିଅନ୍ତି ମୁଣ୍ଡ ନୁଆଁଇ।

ଆଜି ମୁଁ ଯାହାବି ପାଇଛି ହୋଇଛି
ସେ ସବୁର ଶ୍ରେୟ ମୋ ପୂଜ୍ୟ ଗୁରୁ
ତାଙ୍କ ପାଦ ତଳେ କୋଟିଏ ପ୍ରଣାମ
ତାଙ୍କ ଓଠୁଁ ମୋର ନାମ ନ ସରୁ।

**ଜମ୍ବୁରା,କେନ୍ଦୁଝର**



## ଶୁଣ କଙ୍କାଳ

ବିଷ୍ଣୁ ପ୍ରସାଦ ମିଶ୍ର

ଶୁଣ କଙ୍କାଳ ଦେଖ ଉତ୍କଳ
କାନ୍ଦେ ବିକଳେ ଆଜି ,,
ହଜିଯାଏ ତାର ପୂରୁବ ଗୌରବ
ହଜେ ତା କୀର୍ତ୍ତି ରାଜି ----।୦।

ଖୋଜୁଅଛି ସେ"ତ ବିଗତ ପାଶ୍ଚ୍ୟାତ
ଅନ୍ତରେ ବହି କୋହ ,,
ପାଉନାହିଁ କାହିଁ ହରାଇବା ତା'ର
ଉତ୍କଳ ସନ୍ତାନ ମୁହଁ ।।

ଥିଲା ଯା'ର ଶିରୀ ଗଙ୍ଗା ଗୋଦାବରୀ
ପୁଣ୍ୟ ପ୍ଲାବିତେ ତୋରା ,,
ନଦୀ ନିର୍ଝରଣୀ ସୁନ୍ଦର ବନାନୀ
ଆଜି ହତଶିରୀ ଭରା ।।
ଶୁଣ କଙ୍କାଳ -----------।୧।

କାନ୍ଦେ କୋଣାରକ ଖଣ୍ଡଗିରି ଶିଖ
ହଜାଇ ନିଜର ଜ୍ୟୋତି ,,
କାନ୍ଦେ ଧଉଳି ଭଗ୍ନ ବାରବାଟି
ରୁଗ୍ଣ କଳା ଓ କୀର୍ତ୍ତି ।।

ଦେଓମାଳି ତା'ର ନିଜତ୍ୱ ହରାଏ
ଝୁରେ ହୀରାକୁଦ ବନ୍ଧ ,,
ରତ୍ନଗଡ"ର ଯତ୍ନ ନାହିଁ ରେ
ସବୁ ଦେଖି କିଆଁ ଅନ୍ଧ ।।
ଶୁଣ କଙ୍କାଳ -----------।୨।

ଚଉଦିଗୁ ଝୁଣି ଶତ୍ରୁ ଏ ପୁଣି
କ୍ଷୁର୍ଣ୍ଣ କଲେଣି ଦେହ ,,
କଦାକାର ଆଜି ଉତ୍କଳ ରାଜି
ସହିଣ ପାଜି"ଙ୍କ ଦାହ ।।

ହତ୍ୟା ଧର୍ଷଣ ଶତ୍ରୁ ଲୁଣ୍ଠନ
ଶୋଷଣ ଓ ସୁରାପାନ ,,
ଉଚ୍ଚ ଶିକ୍ଷାର ବଡିମା ଚାତୁର
ଲୋଭ ଲାଭ ଆସ୍ଫାଳନ ।।
ଶୁଣ କଙ୍କାଳ ------------।୩।

ଆନ୍ଧ୍ର ବଙ୍ଗ ମଧ୍ୟ ପ୍ରାଚୀର
ଚଉଦିଗୁ ବିଦାରିତା ,,
ନିଜର ସନ୍ତାନ ପରାନୁକରଣେ
ସର୍ବଦା ବ୍ୟାକୁଳିତା ।।

ନୋହୁ କିରେ ତୁହି ଉତ୍କଳ ସନ୍ତାନ
କାହିଁକି ଆଜି ତୁ ଭିରୁ ,,
ହଜାଇ ମମତା ନିଜର ଗରବେ
ପରାନୁସରଣ କରୁ ।।
ଶୁଣ କଙ୍କାଳ ------------।୪।

ମତୃଭୂମି ମାତୃଭାଷା"ର ମମତା
ସବୁ ଯାଉ ଆଜି ଭୂଲି ,,
କେମିତି କହିବୁ ନିଜକୁ ତୁହିରେ
ଉତ୍କଳ ସନ୍ତାନ ବୋଲି ।।

ଡାକେ ଠାରି ହାତ ଆସ ମୋର ସୁତ
ଏଇ ତୋ ଉତ୍କଳ ଭୂଇଁ ,,
ଭୂଲି 'ନ' ଯାଅ ରେ ନିଜକୁ ଥରୁଟେ
କଳିଙ୍ଗ ର ବୀର ତୁହି ।।

**ରଥଶର୍ମା କଲୋନୀ**
**କୋରାପୁଟ**
**୯୧୨୪୦୪୯୧୨୯**







ସୋଆ ବିଶ୍ୱବିଦ୍ୟାଳୟରେ ଗଣେଷ ପୂଜା

## ନୂଆଁଖାଇର ଶୁଭକାମନା ଜଣାଇଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ, ୮।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି କୃଷିଭିତ୍ତିକ ପର୍ବ ନୂଆଁଖାଇ ଅବସରରେ ହାର୍ଦ୍ଦିକ ଶୁଭକାମନା ଜଣାଇଛନ୍ତି। ଶ୍ରୀ ମୋଦୀ ଦେଶର ଚାଷୀଙ୍କ ପ୍ରତି କୃତଜ୍ଞତା ବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ଏକ୍ସରେ ପୋଷ୍ଟ କରିଛନ୍ତି: "ନୂଆଁଖାଇ ଜୁହାର୍! ନୂଆଁଖାଇର ବିଶେଷ ଅବସରରେ ମୋର ଶୁଭେଚ୍ଛା। ଆମର ପରିଶ୍ରମୀ ଚାଷୀମାନଙ୍କୁ ଆମେ କୃତଜ୍ଞତା ଜଣାଉଛୁ ଏବଂ ଆମ ସମାଜ ପ୍ରତି ସେମାନଙ୍କ ଯୋଗଦାନକୁ ପ୍ରସଂଶା କରୁଛୁ। ସମସ୍ତଙ୍କ ସୁଖ ଓ ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛି।

### ସମ୍ବଲପୁରବାସୀଙ୍କ ସହ 'ନୂଆଁଖାଇ' ପାଳିଲେ କେନ୍ଦ୍ରମନ୍ତ୍ରୀ

# 'ନୂଆଁଖାଇ' ସାଂସ୍କୃତିକ, ଆଧ୍ୟାତ୍ମିକ ଓ ସାମାଜିକ ଜୀବନଧାରାର ଉଜ୍ଜ୍ୱଳ ପ୍ରତୀକ: ଧର୍ମେନ୍ଦ୍ର

**ସମ୍ବଲପୁର, ୮।୯ (ସଂଚାର ବ୍ୟୁରୋ):** 'ନୂଆଁଖାଇ' ଆମର ସାଂସ୍କୃତିକ, ଆଧ୍ୟାତ୍ମିକ ଓ ସାମାଜିକ ଜୀବନଧାରାର ଉଜ୍ଜ୍ୱଳ ପ୍ରତୀକ। ଏହି ପର୍ବ ସମସ୍ତଙ୍କୁ ମିଳିମିଶି କରି ରହିବାର ମହତ ବାର୍ତ୍ତା ଦେଉଛି। ସମ୍ବଲପୁର ଲୋକସଭାର ସେବକ ଭାବେ ଦାୟିତ୍ୱ ନେବା ପରେ ମା' ସମଲେଇଙ୍କ ଆଶୀର୍ବାଦ ନେଇ ନୂଆଁଖାଇ ପାଳନ କରିବା ମୋ ପାଇଁ ସୌଭାଗ୍ୟର ବିଷୟ ବୋଲି ରବିବାର ସମ୍ବଲପୁରରେ ନୂଆଁଖାଇ ଉପଲକ୍ଷେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନୂଆଁଖାଇ ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଓଡ଼ିଶା ସରକାରଙ୍କ ମନ୍ତ୍ରୀ ଏବଂ ବ୍ୟକ୍ତିବିଶେଷଙ୍କ ସହ ମା'ସମଲେଶ୍ୱରୀ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ପରେ ସେଠାରେ ମନ୍ଦିର ପରିସରରେ ନବାନ୍ନ ଗ୍ରହଣ କରିଥିଲେ। ନନ୍ଦପଡ଼ା ଠାରେ ଅବସରପ୍ରାପ୍ତ କୃଷି ଅଫିସର ମଦନ ମୋହନ ମିଶ୍ର ଓ ତାଙ୍କ ଧର୍ମପତ୍ନୀ ସ୍ୱର୍ଣ୍ଣ ମଞ୍ଜରୀ ମିଶ୍ରଙ୍କ ପରିବାର ସଦସ୍ୟଙ୍କ ସହିତ ମଧ୍ୟ କେନ୍ଦ୍ରମନ୍ତ୍ରୀ ନିଜେ ନବାନ୍ନ ଖାଇଥିଲେ। ଏହାବ୍ୟତିତ




ସମ୍ବଲପୁର କ୍ଷେତରାଜପୁର ଠାରେ 'ଓଡ଼ିଶା ପ୍ରାନ୍ତୀୟ ମାରୱାଡ଼ି ଯୁବା ମଞ୍ଚ' ଦ୍ୱାରା ଆୟୋଜିତ "ନୂଆଁଖାଇ ଭେଟଘାଟ୍-୨୦୨୪"ରେ ମଧ୍ୟ ଯୋଗଦେଇଥିଲେ।

କୃଷିଭିତ୍ତିକ ଗଣପର୍ବ 'ନୂଆଁଖାଇ'ର ଶୁଭେଚ୍ଛା ଜଣାଇବା ସହ ଶ୍ରୀ ପ୍ରଧାନ କହିଛନ୍ତି ଏକତା, ସୌହାର୍ଦ୍ଦ୍ୟ ଓ ସଦଭାବନାର ପର୍ବ ନୂଆଁଖାଇ। କଳା, ସଂସ୍କୃତି, କୃଷି ଓ ଭାଇଚାରାର ଅନନ୍ୟ ପର୍ବ। ଆନନ୍ଦ ଓ ଉଲ୍ଲାସ ମନାଇବାର ମହାନ ଅବସର। ଓଡ଼ିଶାର ପାରମ୍ପରିକ ପର୍ବ 'ନୂଆଁଖାଇ'ରେ ନବାନ୍ନର ସ୍ୱତନ୍ତ୍ରତା ରହିଛି। ପରିବାର ସଦସ୍ୟଙ୍କ ସହ ମିଳିମିଶି କରି ଖାଇବା ସହ ସମାଜରେ ସୁଖ, ଶାନ୍ତି ଓ ପ୍ରତିଷ୍ଠାର ମହତ ବାର୍ତ୍ତା ଦେଉଛି ନୂଆଁଖାଇ। ସମ୍ବଲପୁର ଲୋକସଭାର ସେବକ ଭାବେ ଦାୟିତ୍ୱ ନେବା ପରେ ମା' ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ନୂଆଁଖାଇ ପାଳନ କରିବା ମୋ ପାଇଁ ଆନନ୍ଦର ବିଷୟ। ସମାଜ ନିର୍ମାଣରେ କୃଷକଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନୂଆଁଖାଇ ଭଳି ଦିନରେ କୃଷକବନ୍ଧୁଙ୍କ ବିକାଶ ପାଇଁ ଆଜି ଓଡ଼ିଶାରେ ସି.ଏମ୍ କିଷାନ ଯୋଜନାର ଶୁଭାରମ୍ଭ ସହ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଆନୁଷ୍ଠାନିକ ଭାବେ ହେବା ଯୁଗାନ୍ତକାରୀ ପଦକ୍ଷେପ। ମା' ସମଲେଶ୍ୱରୀଙ୍କ ଆଶୀର୍ବାଦରୁ ଆମ ଓଡ଼ିଶା ଓ ଭାରତ ଆହୁରି ପ୍ରଗତି ପଥରେ ଯାଉ ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

ଉଲ୍ଲେଖନୀୟ ଯେ, ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଅଯୋଧ୍ୟା ସରୋବର ହାଟପଡା ଘାଟ ଠାରେ ମୁଖ୍ୟମନ୍ତ୍ରୀଙ୍କ ସହ ସମ୍ବଲପୁରର ମହାନଦୀ କୂଳବର୍ତ୍ତୀ ଅଞ୍ଚଳକୁ 'ରିଭରଫ୍ରଣ୍ଟ ଡେଭଲପମେଣ୍ଟ ପ୍ରୋଜେକ୍ଟ' ଯୋଜନାରେ ବିକଶିତ କରିବା ଉପରେ ଆଲୋଚନା କରିଥିଲେ। ଏହି ଯୋଜନା କାର୍ଯ୍ୟକାରୀ ହେବା ପରେ ସମ୍ବଲପୁର ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ କାର୍ଯ୍ୟର କେନ୍ଦ୍ରବିନ୍ଦୁ ହୋଇପାରିବ ବୋଲି କହିଥିଲେ।

ଏହି ସବୁ କାର୍ଯ୍ୟକ୍ରମରେ ଓଡ଼ିଶାର ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ଭାବ୍ୟ ଲଘୁଚାପ ବର୍ଷା ପାଇଁ ପ୍ରସ୍ତୁତ ରହିବାକୁ ନିର୍ଦ୍ଦେଶ

### ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ବୈଠକ

**ଭୁବନେଶ୍ୱର, ୮।୯ (ସଂଚାର ବ୍ୟୁରୋ):** ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ପଶ୍ଚିମ- କେନ୍ଦ୍ର ଏବଂ ପାର୍ଶ୍ୱବର୍ତ୍ତୀ ଉତ୍ତର- ପଶ୍ଚିମ ବଙ୍ଗୋପସାଗର ରେ ଅବପାତ କ୍ଷେତ୍ର ସୃଷ୍ଟି ହୋଇଛି। ଫଳରେ ଏହା ଉତ୍ତର ଓଡିଶା, ପଶ୍ଚିମ ବଙ୍ଗ ଉପକୂଳରେ ଗତିଶୀଳ ହୋଇ ଆଗାମୀ ୨୪ଘଣ୍ଟାରେ ଗଭୀର ଅବପାତର ରୂପ ନେଇପାରେ। ଏହା ପୁରୀ ଏବଂ ଦିଘା ମଧ୍ୟରେ ଆସନ୍ତା କାଲି ୯ ତାରିଖ ରାତି ସୁଦ୍ଧା ଅତିକ୍ରମ କରିପାରେ। ଏହି ପରିପ୍ରେକ୍ଷୀରେ ଓଡିଶା ଉପକୂଳରେ ସମ୍ଭାବ୍ୟ ଲଘୁଚାପ ଜନିତ ଲଗାଣ ବର୍ଷା ପାଇଁ ପ୍ରସ୍ତୁତି ରହିବାକୁ ନିର୍ଦ୍ଦେଶ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ଲୋକସେବା ଭବନରେ ଅନୁଷ୍ଠିତ ହୋଇଯାଇଛି।




ଆଗାମୀ ୪୮ ଘଣ୍ଟା ପର୍ଯ୍ୟନ୍ତ ଉପକୂଳ ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଦୃଷ୍ଟିରୁ ପୁରୀ , ଜଗତସିଂହପୁର, ଖୋର୍ଦ୍ଧା, କଟକ, ଢେଙ୍କାନାଳ ଜିଲ୍ଲାକୁ ପ୍ରସ୍ତୁତି ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଆହୁରି ମଧ୍ୟ ମାଲକାନଗିରି, କୋରାପୁଟ, ରାୟଗଡା, ଗଜପତି, ଗଂଜାମ ଜିଲ୍ଲାକୁ ପ୍ରସ୍ତୁତି ପାଇଁ ସଜାଗ କରାଯାଇଛି। ଏ ସଂପର୍କରେ ସମ୍ପୃକ୍ତ ଜିଲ୍ଲାପାଳମାନଙ୍କୁ ଅବଗତ କରାଯାଇଛି।

ସମ୍ଭାବ୍ୟ ଲଗାଣ ବର୍ଷା ଫଳରେ ବିଭିନ୍ନ ତଳିଆ ଅଂଚଳରେ ବର୍ଷା ଜମି ରହିବାର ସମ୍ଭାବନାକୁ ଦୃଷ୍ଟିରେ ରଖି ପଦକ୍ଷେପ ନିଆଯିବା, ଆବଶ୍ୟକସ୍ଥଳେ ଅତ୍ୟଧିକ ବର୍ଷା ହେଲେ ତଳିଆ ଅଂଚଳ ଲୋକଙ୍କୁ ଉଚ୍ଚ ସ୍ଥାନକୁ ସ୍ଥାନାନ୍ତରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କ୍ଷେତ୍ରସ୍ତରରେ ଥିବା ଯନ୍ତ୍ରୀମାନଙ୍କୁ ନଦୀ ବନ୍ଧ ପ୍ରତି ସତର୍କ ଦୃଷ୍ଟି ରଖିବାକୁ କୁହାଯାଇଛି। ମହାନଗର ନିଗମ ଓ ପୌରାଂଚଳ କର୍ତ୍ତୃପକ୍ଷମାନଙ୍କୁ ଡ୍ରେନେଜ ସମସ୍ୟା ଉପୁଜିଲେ ତୁରନ୍ତ ପ୍ରତିକାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅଗ୍ନିଶମ ସେବା ବିଭାଗ ଏବଂ ଓଡ୍ରାଫ୍ ମୁତୟନ କରାଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

# ୧୦୪୨ ଏମ୍ଏସ୍ଏମ୍ଇରେ ତାଲା ଝୁଲୁଛି

**ଭୁବନେଶ୍ୱର,୮।୯(ତଥ୍ୟ):** ଶିଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ଠାରୁ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ନେଇଥିବା ହଜାରେରୁ ଅଧିକ ଛୋଟ ଛୋଟ ଶିଳ୍ପ ସଂସ୍ଥାରେ ତାଲା। ଏହି ବନ୍ଦ ହୋଇଥିବା ଶିଳ୍ପସଂସ୍ଥା ମଧ୍ୟରୁ କେତେକ ସରକାରଙ୍କ ଠାରୁ ଶିଳ୍ପପାଇଁ ନେଇଥିବା ଜମିକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିଛନ୍ତି।

ସରକାରୀ ସୂଚନା ଅନୁଯାୟୀ ରାଜ୍ୟରେ ରହିଛି ୧୩୫ଟି ଶିଳ୍ପାଞ୍ଚଳ। ଏହାର ଦାୟିତ୍ୱ ରହିଛି ଶିଳ୍ପ ବିକାଶ ନିଗମ (ଇଡ୍କୋ) ହାତରେ। ଏଠାରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ପ୍ରତିଷ୍ଠା ସକାଶେ ୬୫୦୪ଟି ଶିଳ୍ପସଂସ୍ଥାକୁ ୭୨୯୫ ଏକର ପରିମିତ ଜମି ଯୋଗାଇ ଦିଆଯାଇଥିଲା। ଲକ୍ଷ୍ୟ ଥିଲା ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠା ଦ୍ୱାରା ଅର୍ଥନୀତି ସମୃଦ୍ଧ ହେବା ସହିତ ଅଧିକରୁ ଅଧିକ ଲୋକ କର୍ମସଂସ୍ଥାନ ପାଇପାରିବେ।

ତେବେ ଇତି ମଧ୍ୟରେ ଜମି ନେଇ ଶିଳ୍ପ ସ୍ଥାପନ କରିଥିବା ୬୫୦୪ ସଂସ୍ଥା ମଧ୍ୟରୁ ୧୦୪୨ଟି ଶିଳ୍ପସଂସ୍ଥାରେ ତାଲା ଝୁଲି ଗଲାଣି। ବିଭିନ୍ନ କାରଣ ଯୋଗୁଁ ବନ୍ଦ ହୋଇଥିବା ଏହି ଶିଳ୍ପସଂସ୍ଥା ମଧ୍ୟରୁ ୪୧୬ଟି ସଂସ୍ଥା ନେଇଥିବା ଜମିକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିଦେଇଛନ୍ତି। ଅନ୍ୟ ୫୭୩ଟି ସଂସ୍ଥା ନିଜର ଶିଳ୍ପକୁ ବନ୍ଦକରି ଥିଲେ ମଧ୍ୟ ଜମି ନଛାଡି ତାହାକୁ ସେହିଭଳି ରଖିଛନ୍ତି।

ଶିଳ୍ପକୁ ପ୍ରୋତ୍ସାହନ ପାଇଁ ସରକାର ଯୋଗାଇ ଦେଇଥିବା ଜମିକୁ କିଭଳି ଶିଳ୍ପସଂସ୍ଥାମାନେ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରୁଛନ୍ତି ତାହାର ଉଦାହରଣ ଦେଖିବାପାଇଁ ବେଶି ଦୂର ଯିବା ଦରକାର ନାହିଁ। ଜଣେ କେହି ରାଜଧାନୀ ଉପକଣ୍ଠରେ ଥିବା ଚନ୍ଦକା ଶିଳ୍ପାଞ୍ଚଳ କିମ୍ବା ମଞ୍ଚେଶ୍ୱର ଶିଳ୍ପାଞ୍ଚଳକୁ ଗଲେ ଏହା ସହଜରେ ଦେଖିପାରିବେ। ଚନ୍ଦକା ଶିଳ୍ପାଞ୍ଚଳରେ ଏକାଧିକ ଶିକ୍ଷାନୁଷ୍ଠାନର ନିଜର ପସରା ଖୋଲିଥିବାବେଳେ ମଞ୍ଚେଶ୍ୱର ଶିଳ୍ପାଞ୍ଚଳରେ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଆବାସିକ ଘର ଗଢି ଉଠିଲାଣି। ଏଠାରେ ଏବେ ଶିଳ୍ପସଂସ୍ଥା ବଦଳରେ ଅଧିକାଂଶ ଗୋଦାମଘର ଦେଖିବାକୁ ମିଳୁଛି। ଉଭୟ ଶିଳ୍ପସଂସ୍ଥା ସହରତଳି ଅଞ୍ଚଳରେ ହୋଇଥିବାରୁ ବଡ ବଡ ବ୍ୟବସାୟିକ ସଂସ୍ଥାମାନେ ଶିଳ୍ପପାଇଁ ତିଆରି ହୋଇଥିବା ଘରେ ନିଜର ଗୋଦାମ କରିବାକୁ ପସନ୍ଦ କରୁଛନ୍ତି।

ତେବେ ଶିଳ୍ପ ପାଇଁ ଜମି ନେଇ ତାହାକୁ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବା କିମ୍ବା ଜମିକୁ ଖାଲି ପକାଇ ରଖିବା ଇଡ୍କୋର ନିୟମ ଅନୁଯାୟୀ ବେଆଇନ୍। ଏଭଳି ସଂସ୍ଥାଙ୍କ ବିରୁଦ୍ଧରେ କାରଣ ଦର୍ଶାଅ ନୋଟିସ୍ ଜାରି ରହିଛି ଆବଣ୍ଟନ ରଦ୍ଦ ଓ ଓପିପିଇ ମାମଲା ରୁଜୁ କରାଯାଉଛି। ତଥାପି ଅନେକ ଶିଳ୍ପସଂସ୍ଥା ଗଳାବାଟ ଦେଇ ସରକାରଙ୍କ ଠାରୁ ନେଇଥିବା ମୂଲ୍ୟବାନ୍ ଜମିକୁ ଫେରାଇ ରାଜି ନୁହନ୍ତି।

ଏଥିଯୋଗୁଁ କେବଳ ରାଜ୍ୟରେ ଶିଳ୍ପ ପ୍ରଭାବିତ ହେଉନାହିଁ, ଯେଉଁ ଆଗ୍ରହୀ ଯୁବଗୋଷ୍ଠି ନୂତନ ଶିଳ୍ପ ଓ ଷ୍ଟାର୍ଟଅପ୍ ପ୍ରତିଷ୍ଠା ପାଇଁ ଆଗେଇ ଆସୁଛନ୍ତି ସେମାନଙ୍କ ଶିଳ୍ପାଞ୍ଚଳରେ ଜମି ଖଣ୍ଡିଏ ମିଳିପାରୁ ନାହିଁ। ତେଣୁ ନିଜ ନିଜର ଶିଳ୍ପରେ ତାଲା ଝୁଲାଇଥିବା ସଂସ୍ଥାର ଜମିକୁ ତୁରନ୍ତ ଫେରାଇ ଆଣି ନୂଆ ଶିଳ୍ପପତିମାନଙ୍କୁ ଦେବାପାଇଁ ମତପ୍ରକାଶ ପାଉଛି।

# ନବଜାତଙ୍କ ଜୀବନ ବଞ୍ଚାଉଛି ସ୍ୱଚ୍ଛ ଭାରତ ଅଭିଯାନ

**ନୂଆଦିଲ୍ଲୀ, ୮।୯ (ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱଚ୍ଛ ଭାରତ ଅଭିଯାନ ଏବେ ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି। ଏହି ଅଭିଯାନ ଦେଶକୁ ଖୋଲା ଶୌଚମୁକ୍ତ କରିବା ଯୋଗୁ ଭାରତରେ ବାର୍ଷିକ ପ୍ରାୟ ୬୦,୦୦୦ରୁ ୭୦,୦୦୦ ନବଜାତ ଶିଶୁଙ୍କ ମୃତ୍ୟୁକୁ ଏଡ଼ାଇ ଦିଆଯାଇ ପାରିଛି।

ନିକଟରେ ନେଚର୍ ପତ୍ରିକାରେ ପ୍ରକାଶିତ ଏକ ଗବେଷଣା ପତ୍ରରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ, କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ ଏବଂ ଓହିୟୋ ଷ୍ଟେଟ୍ ୟୁନିଭର୍ସିଟୀର ଗବେଷକଙ୍କ ଦ୍ୱାରା ପ୍ରସ୍ତୁତ ଏହି ଗବେଷଣା ପତ୍ରରେ ଶିଶୁ ମୃତ୍ୟୁ ହାର ରୋକିବାରେ ସ୍ୱଚ୍ଛ ଭାରତ ଅଭିଯାନର ଯୋଗଦାନକୁ ଉଚ୍ଚ ପ୍ରଶଂସା କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗବେଷଣାପତ୍ରର ପରିଣାମକୁ ନେଇ ସନ୍ତୋଷ ବ୍ୟକ୍ତ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଏ ସଂକ୍ରାନ୍ତ ଏକ ପୋଷ୍ଟ ଶେୟାର କରି ଶ୍ରୀ ମୋଦୀ ଲେଖିଛନ୍ତି, "ସ୍ୱଚ୍ଛ ଭାରତ ଭଳି ଅଭିଯାନର ପ୍ରଭାବ ଉଲ୍ଲେଖ କରୁଥିବା ଗବେଷଣାପତ୍ରର ଫଳାଫଳକୁ ଦେଖି ଆନନ୍ଦିତ। ଶୌଚାଳୟର ଉପଯୁକ୍ତ ଉପଲବ୍ଧତା ନବଜାତ ଓ ଶିଶୁ ମୃତ୍ୟୁ ହାର ରୋକିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛି। ସ୍ୱଚ୍ଛ, ସୁରକ୍ଷିତ ପରିମଳ ଜନସ୍ୱାସ୍ଥ୍ୟ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛି। ଆଉ ଭାରତ ଏହି କ୍ଷେତ୍ରରେ ଅଗ୍ରଣୀ ହେବା ଖୁସିର ବିଷୟ।"

ଉପରୋକ୍ତ ଗବେଷଣା ପତ୍ରରେ ଦର୍ଶାଯାଇଛି ଯେ, ମୋଦୀ ସରକାରଙ୍କ କାର୍ଯ୍ୟକାଳରେ ଶୌଚାଳୟ ପ୍ରସାରରେ ଉଲ୍ଲେଖନୀୟ



ବୃଦ୍ଧି ହେବା ସହିତ ଖୋଲା ଶୌଚ ଭଳି କୁଅଭ୍ୟାସରେ ପରିବର୍ତ୍ତନ ଆସିଛି। କେବଳ ସେତିକି ନୁହେଁ, ପାଇପ୍ ଜଳ ଯୋଗାଣ ୧୬%ରୁ ବୃଦ୍ଧି ପାଇ ୭୮%ରେ ପହଞ୍ଚିଛି। ୧୧ କୋଟିରୁ ଅଧିକ ଘରକୁ ସ୍ୱଚ୍ଛ ରୋଷେଇ ଗ୍ୟାସ୍ ସଂଯୋଗ ଦିଆଯାଇଛି। ଏହାଦ୍ୱାରା ସାମାଜିକ ଓ ସ୍ୱାସ୍ଥ୍ୟଗତ ପରିଣାମରେ ଉନ୍ନତି ଦେଖିବାକୁ ମିଳିଛି।

ଏଥିରେ ଆହୁରି କୁହାଯାଇଛି ଯେ, ୨୦୦୦ରୁ ୨୦୧୫ ନବଜାତ ମୃତ୍ୟୁ ହାର ବାର୍ଷିକ ୩% ହ୍ରାସ ପାଇଥିବା ବେଳେ ୨୦୧୫ରୁ ୨୦୨୦ ମଧ୍ୟରେ ବାର୍ଷିକ ୮ରୁ୯% ହାରରେ ହ୍ରାସ ପାଇଥିଲା। ନବଜାତଙ୍କ ମୃତ୍ୟୁହାରରେ ତିନିଗୁଣା ହ୍ରାସ ଦେଖିବାକୁ ମିଳିବା ସ୍ୱଚ୍ଛ ଭାରତ ମିଶନର ଉଲ୍ଲେଖନୀୟ ପ୍ରଭାବକୁ ଦର୍ଶାଉଛି। କେବଳ ସେତିକି ନୁହେଁ ସହରାଞ୍ଚଳ ଏବଂ ଗ୍ରାମାଞ୍ଚଳ ନବଜାତ ଶିଶୁ ମୃତ୍ୟୁ ହାର ମଧ୍ୟରେ ବ୍ୟବଧାନ ୨୦୧୪ରେ ୩୯ ଥିବା ବେଳେ ଏଥିରେ ୧୨ ପଏଣ୍ଟ ହ୍ରାସ ପାଇ ୨୦୨୦ରେ ୨୮ରେ ପହଞ୍ଚିଛି।

## ସିଏମ କିଷାନ ସହାୟତା ଶୁଭାରମ୍ଭ

**ଖୋର୍ଦ୍ଧା, ୮।୯ (ସଂଚାର ବ୍ୟୁରୋ):** ଆଜି ପବିତ୍ର ନୂଆଖାଇ ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ସିଏମ କିଷାନ ସହାୟତାର ଶୁଭାରମ୍ଭ ହୋଇଛି। ମାନ୍ୟବର ମୁଖ୍ୟମନ୍ତ୍ରୀ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଅଡ଼ିଟୋରିୟମରୁ ଭିଡ଼ିଓ କନଫେରେନ୍ସ ଯୋଗେ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଖୋର୍ଦ୍ଧାର ଓସୱାନ ଭିଡ଼ିଓ କନଫେରେନ୍ସରେ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ ମାନ୍ୟବର ମନ୍ତ୍ରୀ ଆଇନ, ପୂର୍ତ୍ତ ଓ ଅବକାରୀ ବିଭାଗ ଶ୍ରୀଯୁକ୍ତ ପୃଥ୍ୱୀରାଜ ହରିଚନ୍ଦନ, ମାନ୍ୟବର ବିଧାୟକ ଖୋର୍ଦ୍ଧା ପ୍ରଶାନ୍ତ ଜଗଦ୍ଦେବ। ସିଏମ କିଷାନ ଓଡ଼ିଶା ସରକାରଙ୍କ ରାଜ୍ୟ ଯୋଜନା ଅନ୍ତର୍ଗତ ଏକ କୃଷକ କଲ୍ୟାଣକାରୀ ଯୋଜନା। ଉକ୍ତ ଯୋଜନାର ସହାୟତାର ଶୁଭାରମ୍ଭ ସିଏମ - କିଷାନ ପୋର୍ଟାଲର ଉନ୍ମୋଚନ ପିଏମ - କିଷାନ ଯୋଜନାର ସ୍ୱତନ୍ତ୍ର ଅଭିଯାନ, କୃଷକ ଓଡ଼ିଶାର ଏକିକୃତ ପୋର୍ଟାଲ ଉନ୍ମୋଚନ କରାଯାଇଛି। ସହାୟତା ରାଶି ସିଧାସଳଖ ସିଏମ କିଷାନ ଯୋଜନାରେ ଅନ୍ତର୍ଭୁକ୍ତ ଚାଷୀଙ୍କ ଆଧାର ସଂଯୁକ୍ତ ବ୍ୟାଙ୍କ ଆକାଉଣ୍ଟକୁ ୨ ଗୋଟି ସମାନ କିସ୍ତିରେ ବାର୍ଷିକ ୪୦୦୦ ଟଙ୍କା ପ୍ରଦାନ କରାଯିବ।

### ସିଏମ୍ କିସାନ ଯୋଜନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ରାଜ୍ୟ ସଭାପତି

# ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବାକୁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ

**ଭୁବନେଶ୍ୱର, ୮।୯ (ସଂଚାର ବ୍ୟୁରୋ):** କୃଷି ଓ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଗତ ୭୫ ବର୍ଷ ଭିତରେ ଅନ୍ୟ କୌଣସି ସରକାର ଚାଷୀଙ୍କ ଉନ୍ନତି ପାଇଁ କୌଣସି ପଦକ୍ଷେପ ନେଇ ନ ଥିଲା। ମାତ୍ର ମୋଦିଜୀ ଗତ ୧୦ ବର୍ଷ ମଧ୍ୟରେ ଚାଷୀଙ୍କ ଆୟ ବୃଦ୍ଧି ପାଇଁ ଅନେକ ପଦକ୍ଷେପ ନେଇଛନ୍ତି। ଶ୍ରୀ ମୋଦିଜୀ ପ୍ରଧାନମନ୍ତ୍ରୀ ଫସଲ ବୀମାଠାରୁ ଆରମ୍ଭ କରି, ଧାନର ସହାୟକ ମୂଲ୍ୟ ବୃଦ୍ଧି, ପିଏମ୍ କିଷାନ, ପ୍ରଧାନମନ୍ତ୍ରୀ କୃଷି ସିଂଚାଇ, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଭଳି ଅନେକ ଯୋଜନା ଲାଗୁ କରିଛନ୍ତି। ଓଡ଼ିଶାରେ ୭୦ ଭାଗ ଚାଷୀ କୃଷି ଉପରେ ନିର୍ଭରଶୀଳ। ପ୍ରଥମ ଥର ପାଇଁ ରାଜ୍ୟରେ ଡବଲ ଇଞ୍ଜନ ସରକାର ଗଠନ ହୋଇଛି। ସରକାରକୁ ଆସିବାର ୨ ମାସ ମଧ୍ୟରେ କୃଷକଙ୍କ ଉନ୍ନତି ପାଇଁ ବିଜେପି ସରକାର ଧାନର ସହାୟକ ମୂଲ୍ୟ ୩୧୦୦ ଟଙ୍କାକୁ ବୃଦ୍ଧି କରିଥିବାବେଳେ ଜଳସେଚନ ଓ ଶୀତଳଭଣ୍ଡାର ଖୋଲିବା ପାଇଁ ବ୍ୟାପକ ପଦକ୍ଷେପ ନେଇଛନ୍ତି।



ଶ୍ରୀ ସାମଲ କହିଛନ୍ତି ଯେ, ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟମନ୍ତ୍ରୀ ହେବା ପରେ ଚାଷୀଙ୍କ ଦୁଃଖ ବୁଝିପାରି ସିଏମ୍ କିଷାନ ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ କ୍ଷୁଦ୍ର, ନାମକୁ ମାତ୍ର ଓ ଭୂମିହୀନ ଚାଷୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ଲେଖାଏଁ ମିଳିବ। ଫଳରେ ରାଜ୍ୟର ଅଧିକାଂଶ ଚାଷୀଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ଲେଖାଏଁ ମିଳିବ। ପିଏମ୍ କିଷାନ ଯୋଜନାରୁ ବଂଚିତ ଥିବା ପ୍ରତ୍ୟେକ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯିବ। କୃଷକ ଓଡ଼ିଶା ୟୁନିଫାଏଡ୍ ପୋର୍ଟାଲ ମାଧ୍ୟମରେ ଚାଷୀମାନେ ଗୋଟିଏ ସ୍ଥାନରେ ବିଭିନ୍ନ କୃଷି ଓ ଆନୁଷଙ୍ଗିକ ବିଭାଗ ସମ୍ବନ୍ଧୀୟ ଯୋଜନାରେ ଆବେଦନ କରିପାରିବେ। ଏହାଦ୍ୱାରା ସେମାନଙ୍କୁ କୃଷିଭିତ୍ତିକ ଯୋଜନା ବିଷୟରେ ଗୋଟିଏ ପୋର୍ଟାଲରୁ ସମସ୍ତ ତଥ୍ୟ ମିଳିପାରିବ। ଏବେ ରାଜ୍ୟରେ ସୁଭଦ୍ରା ଯୋଜନାରେ ମା'ମାନଙ୍କୁ ବାର୍ଷିକ ୧୦ ହଜାର ଟଙ୍କା ମିଳିବାକୁ ଥିବାବେଳେ ସିଏମ୍ କିଷାନ ଯୋଜନା ଲାଗୁ ହେବା ଦ୍ୱାରା ଚାଷୀ ପରିବାରକୁ ଦୁଇଗୁଣା ଖୁସି ମିଳିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି। ଏନେଇ ଶ୍ରୀ ମାଝୀଙ୍କୁ ସେ ଧନ୍ୟବାଦ ଦେଇଛନ୍ତି।

# ଆଇଟିଆଇ ପାଠ: ଶିକ୍ଷକ ଅଭାବ

**ଭୁବନେଶ୍ୱର, ୮।୯(ତଥ୍ୟ):** ସରକାରୀ ଆଇଟିଆଇରେ ପଢିବାପାଇଁ ଛାତ୍ରଛାତ୍ରୀ ବେଶ୍ ଆଗ୍ରହ ପ୍ରକାଶ କରୁଥିବାବେଳେ ପ୍ରମୁଖ ଆଇଟିଆଇ ଶିକ୍ଷାନୁଷ୍ଠାନରେ ପଢାଇବାକୁ ଶିକ୍ଷକ ସଙ୍କଟ ଦେଖିବାକୁ ମିଳୁଛି। କଟକ ସ୍ଥିତି ଆଇଟିଆଇରେ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ଅଧାରୁ ଅଧିକ ଖାଲି ପଡିବା ଏହାର ଏକ ଜ୍ୱଳନ୍ତ ଉଦାହରଣ।

ରାଜ୍ୟରେ ରହିଛି ୭୨ଟି ସରକାରୀ ଆଇଟିଆଇ। ୨୦୨୩- ୨୪ ଶିକ୍ଷାବର୍ଷରେ ଏହିସବୁ ଶିକ୍ଷାନୁଷ୍ଠାନରେ ୨୩,୧୫୪ ଜଣ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି। କେବଳ ୫ଟି ଆଇଟିଆଇକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଆଇଟିଆଇରେ ସମସ୍ତ ସ୍ଥାନ ପୂରଣ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ କଳାହାଣ୍ଡିରେ ଥିବା ଧର୍ମଗଡ ଆଇଟିଆଇରେ ୧୩୨ଟି ଆସନ ମଧ୍ୟରୁ ୨୨ଟି ଆସନ ଖାଲି ପଡିଥିବାବେଳେ ଗଜପତି ଜିଲ୍ଲାରେ ଥିବା ରାଇଗଡ ଆଇଟିଆଇରେ ୧୨୪ଟି ଆସନ ମଧ୍ୟରୁ ୩୭ଟି ଆସନ ଖାଲି ପଡିଛି।

ସେହିଭଳି କନ୍ଧମାଳ ଜିଲ୍ଲାରେ ଥିବା ଫୁଲବାଣୀ ଆଇଟିଆଇରେ



୪୮ଟି ଆସନ ମଧ୍ୟରୁ ୯ଟି ଖାଲି ପଡିଥିବାବେଳେ ଖୋରଧା ଜିଲ୍ଲାରେ ଥିବା ସ୍ୱତନ୍ତ୍ର ଆଇଟିଆଇରେ ୨୬୪ ଆସନ ମଧ୍ୟରୁ ୫୬ଟି ଏବଂ କଳାହାଣ୍ଡିରେ ଥିବା ଆଇଟିଆଇ ଭବାନୀପାଟଣାରେ ୫୫୨ଆସନ ମଧ୍ୟରୁ ୨୪ଟି ଆସନ ଖାଲି ପଡିଛି। ବଲାଙ୍ଗିରରେ ଥିବା ସରକାରୀ ଆଇଟିଆଇରୁ ଯନ୍ତ୍ରପାତି ଓ ମାନବସମ୍ବଳ ସହିତ ତାହାକୁ ଟିଟିଲାଗଡକୁ ସ୍ଥାନାନ୍ତରିତ କରାଯାଇଛି।

ତେବେ ୩୫୨ଜଣ ଛାତ୍ରଛାତ୍ରୀ ପଢିବା କ୍ଷମତା ଥିବା କଟକ ସ୍ଥିତ ମଧୁସୂଦନ ଆଇଟିଆଇରେ ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ଅଧାରୁ ଅଧିକ ପଦବୀ ଖାଲି ପଡିଛି। ଏଠାରେ ଥିବା ୮ଟି ଟ୍ରେନିଂ ଅଫିସର ପଦବୀ ମଧ୍ୟରୁ ୪ ପଦବୀ ଖାଲି ପଡିଥିବାବେଳେ ୧୮ଟି ଡେପୁଟୀ ଟ୍ରେନିଂ ଅଫିସର ପଦବୀରେ ଜଣେ ହେଲେ କେହି ନାହାନ୍ତି। ସେହିଭଳି ୮୭ଟି ସହକାରୀ ଟ୍ରେନିଂ ଅଫିସର ପଦବୀ ମଧ୍ୟରୁ ୪୪ଟି ଖାଲିପଡିଛି। ଅଣଶିକ୍ଷକ ପଦବୀରେ ମଧ୍ୟ ଅନୁରୂପ ଅବସ୍ଥା। ୫ଟି ସିନିୟର ଆସିଷ୍ଟାଣ୍ଟ ପଦବୀ ମଧ୍ୟରୁ ୩ଟି ଖାଲି ପଡିଥିବାବେଳେ ୭ଟି ଜୁନିୟର ଆସିଷ୍ଟାଣ୍ଟ ପଦବୀ ମଧ୍ୟରୁ ୫ଟିରେ କେହି ନାହାନ୍ତି। ୨ଟି ଯାକ ଡ୍ରାଇଭର ପଦବୀ ଖାଲି ପଡିଥିବାବେଳେ ୨୫ଟି ଚତୁର୍ଥଶ୍ରେଣୀ ପଦବୀ ମଧ୍ୟରୁ ୫ଟି ଖାଲି ପଡିଛି।

ରାଜ୍ୟ ରାଜଧାନୀର ଅନତି ଦୂରରେ ଥିବା ଗୋଟିଏ ପ୍ରତିଷ୍ଠିତ ସରକାରୀ ଆଇଟିଆଇରେ ଏଭଳି ଶିକ୍ଷକ ମରୁଡି ଅବସ୍ଥା ଥିବାବେଳେ ରାଜ୍ୟର ଅନ୍ୟ ସରକାରୀ ଆଇଟିଆଇର ଅବସ୍ଥା କ'ଣ ହୋଇଥିବ ତାହା ସହଜରେ ଅନୁମେୟ। ତେବେ ଆଇଟିଆଇ ପାଠ୍ୟକ୍ରମରୁ ଉନ୍ନୀତ ହେଉଥିବା ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁବିଧା ଯୋଗାଇ ଦେବାପାଇଁ ରାଜ୍ୟ ସରକାର କଟକ ଠାରେ ଏକ କେନ୍ଦ୍ରୀୟ ପ୍ଲେସମେଣ୍ଟ ସେଲ୍ ଗଠନ କରିଛନ୍ତି।

ବିଗତ ୧୦ବର୍ଷ ମଧ୍ୟରେ ଏହି କେନ୍ଦ୍ରୀୟ ପ୍ଲେସମେଣ୍ଟ ସେଣ୍ଟର ଜରିଆରେ ୮୨୫୪ ଜଣ ଡିପ୍ଲୋମା ଉତ୍ତୀର୍ଣ୍ଣ ନିଯୁକ୍ତି ପାଇଥିବାବେଳେ ୧୩,୨୦୬ ଜଣ ଆଇଟିଆଇ ଉନ୍ନୀତ ନିଯୁକ୍ତି ସୁଯୋଗ ପାଇଛନ୍ତି। ଏହି ୧୦ବର୍ଷ ମଧ୍ୟରେ ବିଭିନ୍ନ ଆଇଟିଆଇ ସଂସ୍ଥା ଜରିଆରେ ମୋଟ୍ ୫୨,୧୫୮ଜଣ ଡିପ୍ଲୋମା ଓ ଆଇଟିଆଇ ଉତ୍ତୀର୍ଣ୍ଣ ନିଯୁକ୍ତି ପାଇଛନ୍ତି।

# କିମ୍ସ ଫିଜିଓଥେରାପି ସ୍କୁଲ୍‌ରେ ଖୁବ୍‌ଶୀଘ୍ର ରୋବୋଟିକ୍ ପୁନର୍ବାସ ୟୁନିଟ୍

**ଭୁବନେଶ୍ୱର, ୮।୯ (ସଂଚାର ବ୍ୟୁରୋ):** କିମ୍ସ ଫିଜିଓଥେରାପି ସ୍କୁଲ୍‌ରେ ଖୁବ୍ ଶୀଘ୍ର ଏକ ରୋବୋଟିକ୍ ପୁନର୍ବାସ ୟୁନିଟ୍ ସ୍ଥାପନ ହେବ। ଏହା ଦ୍ୱାରା ଫିଜିଓଥେରାପି ଆବଶ୍ୟକ କରୁଥିବା ବହୁ ରୋଗୀ ଉପକୃତ ହୋଇପାରିବେ। ଆଜି କିମ୍ସରେ ବିଶ୍ୱ ଫିଜିଓଥେରାପି ଦିବସ ପାଳନ ଅବସରରେ ଏହା ସୂଚନା ଦିଆଯାଇଛି। କିମ୍ସ ଫିଜିଓଥେରାପି ସ୍କୁଲ୍ ଉନ୍ନତ ଚିକିତ୍ସା ଯୋଗାଇ ଦେବା ସହ ଗବେଷଣା ଉପରେ ମଧ୍ୟ ସମାନ ଧ୍ୟାନ ଦେଉଛି। ଏଥିପାଇଁ ଏକ ଗ୍ୟାଟ୍ ଲ୍ୟାବ, ରିସର୍ଚ୍ଚ ଲ୍ୟାବ ସହ ଏକ ରୋବୋଟିକ୍ ପୁନର୍ବାସ ୟୁନିଟ୍ ଭଳି ବିଶେଷ ସୁବିଧା କରିବା ପାଇଁ ସ୍ଥିର ହୋଇଥିବା ସ୍କୁଲ୍‌ର ଅଧ୍ୟକ୍ଷ ଦାୟିତ୍ୱରେ ଥିବା ଡା ପ୍ରିୟବ୍ରତ ଦାଶ ସୂଚନା ଦେଇଛନ୍ତି। ଚଳିତ ବର୍ଷ ବିଶ୍ୱ ଫିଜିଓଥେରାପି ଦିବସର ବିଷୟ ବସ୍ତୁ ରହିଛି 'ଲୋୟର ବ୍ୟାକ୍ ପେନ୍ ଆଣ୍ଡ ଦି ରୋଲ୍ ଅଫ୍ ଫିଜିଓଥେରାପି ଇନ୍ ଇଟ୍‌ସ ମ୍ୟାନେଜମେଣ୍ଟ ଆଣ୍ଡ ପ୍ରିଭେନ୍‌ସନ୍'। ଡା. ଦାଶ କହିଲେ, ୧୨ରୁ ୨୫ ବର୍ଷ ବୟସର ପ୍ରାୟ ୩୦ରୁ ୪୦ ପ୍ରତିଶତ ଯୁବ ପିଢ଼ି ପିଠି ଯନ୍ତ୍ରଣା ଭୋଗୁଛନ୍ତି। ଏହାର କାରଣ ହେଉଛି ସେମାନେ ସକାଳର ସୂର୍ଯ୍ୟକିରଣ ପାଇ ପାରୁନାହାନ୍ତି। ଫଳରେ ସେମାନଙ୍କଠାରେ



## ବିଶ୍ୱ ଫିଜିଓଥେରାପି ଦିବସ

ଭିଟାମିନ୍ ଡି- ୩ର ଅଭାବ ଦେଖାଯାଉଛି। ଏହା ସାଙ୍ଗକୁ ଶରୀର ତତ୍ତ୍ୱ ବିଷୟରେ ସେମାନେ ସଚେତନ ହେଉ ନଥିବା ବେଳେ ଆଜିକାଲିର ଆଧୁନିକ ଜୀବନଶୈଳୀ ପାଇଁ ଏହି ସମସ୍ୟା ଦେଖାଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ପର୍ଯ୍ୟାପ୍ତ ବ୍ୟାୟାମ, ମାନୁଆଲ ଥେରାପି ଓ ଆବଶ୍ୟକ ତାଲିମ୍ ମଧ୍ୟ କିମ୍ସ ଫିଜିଓଥେରାପି ବିଭାଗରେ ଦିଆଯାଉଛି। ତେବେ ରୋଗୀଙ୍କୁ କେବଳ ଆରାମ ପ୍ରଦାନ କରିବା ନୁହେଁ, ବରଂ ରୋଗୀଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଏହି ସମସ୍ୟାରୁ ମୁକ୍ତ ରଖିବା କିମ୍ସ ଫିଜିଓଥେରାପି ବିଭାଗ ଲକ୍ଷ୍ୟ ରଖିଛି ବୋଲି ଡା. ଦାଶ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କିମ୍ସର ଉପଦେଷ୍ଟା ଡା. ଆର ଏନ୍ ସାମନ୍ତ, ଅଧ୍ୟକ୍ଷ ଡା. ଏ. ପି. ମହାନ୍ତି, ଡା. ଆର ସି ଦାସ, ଡା. ଅକେର୍ଶ ପଟ୍ଟନାୟକ ଓ ଡା.ଜ୍ୟୋତି ରଞ୍ଜନ ସାହୁଙ୍କ ସମେତ ବିଭିନ୍ନ ମେଡିକାଲ୍‌ରୁ ବିଶେଷଜ୍ଞମାନେ ଯୋଗ ଦେଇଥିଲେ।

ଜୀବନ ଅମୃତ ଅନୁଚିନ୍ତା

ପୂର୍ଣ୍ଣତ୍ୱ-ଦେଇ ଦେଇ ଶୂନ୍ୟ ହୋଇଯିବାରେ ଯେଉଁ ପୂର୍ଣ୍ଣତା ଓ ପୂର୍ଣ୍ଣତ୍ୱ ରହିଛି, ତାହା ଏହି ଜଗତର କେଉଁଠିରେ ନାହିଁ।

SANCHAR
ସଞ୍ଚାର

ସୋମବାର ୯ ସେପ୍ଟେମ୍ବର ୨୦୨୪, ଭୁବନେଶ୍ୱର
Monday 9 September 2024 Bhubaneswar



# ମଣିପୁର ହିଂସା ପଛରେ ଷଡ଼ଯନ୍ତ୍ର

କିଛି ମାସର ନିରବତା ପରେ ମଣିପୁର ପୁଣି ଅଶାନ୍ତ ହୋଇଛି। ରାଜ୍ୟରେ କେବଳ କୁକି ଓ ମୈତେଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ନୁହେଁ, ଉଗ୍ରବାଦୀଙ୍କ ଆକ୍ରମଣ ମଧ୍ୟ ବୃଦ୍ଧି ପାଇଛି। ଦୁଇଦିନରେ ରାଜ୍ୟରେ 7ଜଣ ପ୍ରାଣ ହରାଇବା ଏହାର ପ୍ରମାଣ। ଶୁକ୍ରବାର ଦିନ ଉଗ୍ରବାଦୀମାନେ ରକେଟ ମାଡ଼ କରିଥିଲେ। ଏଥିରେ ଜଣେ ବ୍ୟକ୍ତି ନିହତ ଏବଂ 6ଜଣ ଆହତ ହୋଇଥିଲେ। ଶନିବାର ପୃଥକ ହିଂସାରେ 6ଜଣ ପ୍ରାଣ ହରାଇବା ସହିତ ବହୁ ଆହତ ହୋଇଛନ୍ତି। ଗତ ବର୍ଷ ମଣିପୁରରେ ଜାତିଗତ ସଂଘର୍ଷ ଯୋଗୁ ୩ଶହରୁ ଅଧିକ ଲୋକ ପ୍ରାଣ ହରାଇଥିଲେ। ପରବର୍ତ୍ତୀ ସମୟରେ ଏହା ଥମି ଯାଇଥିଲା, ମାତ୍ର ବିବାଦର ଅନ୍ତ ହୋଇନଥିଲା। ଏବେ ଏହା ପୁଣି ଭୟଙ୍କର ରୂପ ନେଇ ଫେରିଛି। କୁକି ସମ୍ପ୍ରଦାୟ ନିଜ ପାଇଁ ଏକ ସ୍ୱତନ୍ତ୍ର ରାଜ୍ୟ ବା ସ୍ୱୟଂ ଶାସିତ ଅଞ୍ଚଳ ଦାବି କରିବା ଆରମ୍ଭ କଲେଣି। ଏହା ଏକ ବିଦଜନକ ଚିନ୍ତାଧାରା। ମଣିପୁର ଏମିତି ଏକ ଛୋଟ ରାଜ୍ୟ। ସେଥିରେ ଜାତିକୁ ନେଇ ବିବାଦ ଏବଂ ରାଜ୍ୟର ବିଭାଜନ ଚିନ୍ତାଧାରା କଦାପି ଗ୍ରହଣୀୟ ବା ସ୍ୱାଗତଯୋଗ୍ୟ ନୁହେଁ। ଏହାର ସୁଯୋଗ ନେଇ ଉଗ୍ରବାଦୀମାନେ ଏବେ ସକ୍ରିୟ ହୋଇ ଉଠିଛନ୍ତି। ସେମାନେ ରକେଟ ଏବଂ ଡ୍ରୋନ ସହାୟତାରେ ଆକ୍ରମଣ କଲେଣି। ମଣିପୁର ରାଇଫଲସର ବାରାକରୁ କିଛି ଲୋକ ଅସ୍ତ୍ରଶସ୍ତ୍ର ଲୁଟ କରିବାକୁ ଉଦ୍ୟମ କରି ବିଫଳ ହୋଇଛନ୍ତି। ସୁରକ୍ଷା ବାହିନୀ କମ୍ବି ବେଳେ ଆତଙ୍କବାଦୀମାନେ ବ୍ୟବହାର କରୁଥିବା ସୁଡ଼ଙ୍ଗ୍ ଠାବ କରିଛନ୍ତି। ଏହାକୁ ସୁକ୍ଷା ବାହିନୀ ଧ୍ୱଂସ କରି ଦେଇଛି ସତ୍ୟ, ମାତ୍ର ଉଗ୍ରବାଦୀମାନେ କେତେ ସକ୍ରିୟ ଏବଂ ଲଢ଼େଇ ପାଇଁ ପ୍ରସ୍ତୁତ ତାହା ସ୍ପଷ୍ଟ ହୋଇଯାଇଛି। ଏବେ ଉଗ୍ରବାଦୀଙ୍କ ମୁକାବିଲା ପାଇଁ ବାୟୁ ସେନା ହେଲିକପ୍ଟରରେ ପାଟ୍ରୋଲିଂ କରାଯାଉଛି। ଲାଗୁଛି ମଣିପୁର ପରିସ୍ଥିତି ଜାମ୍ମୁ-କାଶ୍ମୀରକୁ ବଳିଯିବ। ମଣିପୁରର ଭୌଗଳିକ ସ୍ଥିତି ଯାହା ସେଥିରେ ଉଗ୍ରବାଦୀଙ୍କ ମୁକାବିଲା ମଧ୍ୟ ସହଜ ନୁହେଁ। ଦେଶର ଅନ୍ୟ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଭଳି ମଣିପୁର ଏକ ଦୁର୍ଗମ ପାହାଡ଼ିଆ ଅଞ୍ଚଳ। ଏହା ମଧ୍ୟ ଏକ ସୀମାବର୍ତ୍ତୀ ରାଜ୍ୟ। ତେଣୁ ଏଠାରେ ହିଂସା ଏବଂ ଅସ୍ଥିରତା ସାରା ଦେଶ ପାଇଁ ବିପଦର କାରଣ ହୋଇପାରେ। ଏକଥା କହିବାର ଆବଶ୍ୟକତା ନାହିଁ ଯେ ମଣିପୁର ହିଂସା, ବିଚ୍ଛିନ୍ନତାବାଦୀ ଏବଂ ଉଗ୍ରବାଦୀଙ୍କୁ କିଛି ବିଦେଶୀ ଶକ୍ତି ସହାୟତା କରୁଛନ୍ତି। ମୁଖ୍ୟତଃ ଚୀନ ଏମାନଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଉଛି। ବାଂଲାଦେଶ ଏବଂ ମିଆଁମାର ମାଧ୍ୟମରେ ଏହିସବୁ ସାମରିକ ସହାୟତା ଆସୁଛି। କାଶ୍ମୀର ଉପତ୍ୟକା ଭଳି ଏଠାରେ ମଧ୍ୟ ଉଗ୍ରବାଦୀ ସଙ୍ଗଠନ ଗୁଡ଼ିକର ଏକମାତ୍ର ଉଦ୍ଦେଶ୍ୟ ହେଲା ଭାରତକୁ ଦୁର୍ବଳ କରିବା, ହିଂସା ଏବଂ ଅଶାନ୍ତି ସୃଷ୍ଟି କରି ନିଜର ଫାଇଦା ହାସଲ କରିବା। ମଣିପୁରରେ ଏନ ବୀରେନ ସିଂହଙ୍କ ନେତୃତ୍ୱାଧିନ ବିଜେପି ସରକାର ପରିସ୍ଥିତିର ମୁକାବିଲା ପାଇଁ ସବୁ ପ୍ରକାର ପ୍ରୟାସ କରିଥିଲେ ମଧ୍ୟ ଏଥିରେ ସଫଳ ହୋଇପାରି ନାହାଁନ୍ତି। ଏଥିପାଇଁ ବୀରେନ ସିଂ ସରକାରଙ୍କୁ ଦୋଷ ଦେବା ଅନୁଚିତ ହେବ, କିନ୍ତୁ ନୈତିକତା ଦୃଷ୍ଟିରୁ ବୀରେନ ସିଂ ତାଙ୍କ ପଦରୁ ଇସ୍ତଫା ଦେବା ଉଚିତ ଏବଂ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି କରାଯିବା ଉଚିତ। ଦେଶର ସ୍ୱାର୍ଥ ପାଇଁ ଏହା ଜରୁରୀ। ସ୍ଥିତି ସୁଧୁରିଗଲେ ପୁଣି ରାଜ୍ୟରେ ଏକ ଗଣତାନ୍ତ୍ରିକ ଉପାୟରେ ସରକାର ପ୍ରତିଷ୍ଠା ହୋଇପାରିବ। ଏବେ ଅବିଳମ୍ବେ ରାଜ୍ୟରେ ରାଷ୍ଟ୍ରପତି ଶାସନ ଜାରି ସହ ଉଗ୍ରବାଦର ମୁକାବିଲା ନିମନ୍ତେ କଠୋର ପଦକ୍ଷେପ ନିଆଯିବା ଆବଶ୍ୟକ। ଅଧିକ ବିଳମ୍ବ ହେଲେ ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯିବ। ଆଜି ମଣିପୁରରେ ଯେଉଁ ପରିସ୍ଥିତି ସୃଷ୍ଟି ହୋଇଛି ଅତୀତରେ ଆସାମ, ତ୍ରିପୁରା, ମିଜୋରାମ, ନାଗାଲାଣ୍ଡରେ ମଧ୍ୟ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିଲା। ତାହାକୁ ବହୁ କଷ୍ଟରେ ନିୟନ୍ତ୍ରଣ କରାଯାଇପାରିଛି। ଏବେ ମଣିପୁରରେ ତାହାର ପୁନରାବୃତ୍ତି ହେବା ଅନୁଚିତ। ମଣିପୁରରେ ବହୁ ବର୍ଷ ହେବ ଶାନ୍ତି ବିରାଜମାନ କରୁଥିଲା। କିନ୍ତୁ କେବଳ ଗୋଟିଏ ପ୍ରସଙ୍ଗ ଅର୍ଥାତ ଜାତିଗତ ସଂରକ୍ଷଣ ପ୍ରସଙ୍ଗ ସବୁ କିଛି ବିଗାଡ଼ି ଦେଲା। ଯଦି ମଣିପୁର ହାଇକୋର୍ଟ ସଠିକ ନିଷ୍ପତ୍ତି ନେଇଥାଆନ୍ତେ ତେବେ କୁକି-ମୈତେଇ ସଂଘର୍ଷ ସୃଷ୍ଟି ହୋଇନଥାନ୍ତା କିମ୍ବା ଆଜି ମଣିପୁର ଏକ ଉପଦ୍ରୁତ ଅଞ୍ଚଳରେ ପରିଣତ ହୋଇନଥାନ୍ତା। ଦେଶର ଉତ୍ତର-ପୂର୍ବାଞ୍ଚଳ ଏକ ସମ୍ବେଦନଶୀଳ ଅଞ୍ଚଳ। ପଡ଼ୋଶୀ ଚୀନ, ବାଂଲାଦେଶ ଏବଂ ମିଆଁମାର ସୀମାକୁ ଲାଗିଥିବା ଏହି ଅଞ୍ଚଳ ବହୁ କଷ୍ଟରେ ଜାତୀୟ ମହାସେଆତରେ ସାମିଲ ହୋଇଛି। ଏହାକୁ କୌଣସି ମୂଲ୍ୟରେ ହାତ ଛଡ଼ା କରାଯିବା ଅନୁଚିତ। ଏଥିପାଇଁ ହିଂସା ସୃଷ୍ଟିକାରୀଙ୍କ ବିରୋଧରେ ଦମନ ମୂଳକ କାର୍ଯ୍ୟାନୁଷ୍ଠାନ ସହ ଗଣତାନ୍ତ୍ରିକ ପଦ୍ଧତିରେ ସବୁ ପକ୍ଷ ସହ ଆଲୋଚନା ହେବା ମଧ୍ୟ ଜରୁରୀ। ଗୃହ ମନ୍ତ୍ରୀ ଅମିତ ଶାହା ଏହାର ସମାଧାନ କରିପାରିବେ। ବିଭିନ୍ନ ଉଗ୍ରବାଦୀ ଗୋଷ୍ଠୀ ସହ ଆଲୋଚନା କରି ସମାଧାନର ସୂତ୍ର ବାହାର କରିବାରେ ତାଙ୍କର ଅଭିଜ୍ଞତା ଏବଂ ଦକ୍ଷତା ରହିଛି। ଏବେ ଲୋକସଭା ନିର୍ବାଚନ ସରିଛି ଏବଂ କେନ୍ଦ୍ରରେ ନୂଆ ସରକାର ଗଠିତ ହୋଇଛି। ଏବେ ହିଁ ଆଲୋଚନାର ଉଚିତ ସମୟ। ଏବେ ଶାନ୍ତି ପ୍ରକ୍ରିୟା ଆରମ୍ଭ ହେଲେ ଦୁଇ ବର୍ଷ ପରେ ପରିସ୍ଥିତି ପୁଣି ସ୍ୱାଭାବିକ ହୋଇଯିବ। ନଚେତ୍ ଆଗକୁ ରାଜ୍ୟରେ ବିଧାନସଭା ନିର୍ବାଚନ ସମ୍ଭବ ହେବ ନାହିଁ। କୌଣସି ମୂଲ୍ୟ ଦେଇ ଗଣତାନ୍ତ୍ରିକ ପ୍ରକ୍ରିୟାକୁ ଚାଲୁ ରଖିବାକୁ ପଡ଼ିବ। କିନ୍ତୁ ବୀରେନ ସିଂ ସରକାର ଏବେ ଯିବା ଉଚିତ। କିଛି ମାସ ପାଇଁ ରାଜ୍ୟାର ରାଷ୍ଟ୍ରପତି ଶାସନ ଜାରି କରାଯିବା ଉଚିତ। ପରେ ନିର୍ବାଚନ ମାଧ୍ୟମରେ ରାଜ୍ୟରେ ଏକ ଲୋକପ୍ରିୟ ସରକାର ପ୍ରତିଷ୍ଠିତ ହେବା ଉଚିତ। ମଣିପୁର ହେଉ ବା ଅରୁଣାଚଳ ଚୀନ ସବୁ ବେଳେ ଭାରତର ଏହି ଭୂଖଣ୍ଡ ଉପରେ ଲୋଲୁପ ଦୃଷ୍ଟି ରଖିଛି। ମଣିପୁରରେ ଏବେ 50 ହଜାର ସୁରକ୍ଷା କର୍ମୀ ମୁତୟନ ଅଛନ୍ତି। ଏହାକୁ ଦ୍ୱିଗୁଣିତ କରାଗଲେ କ୍ଷତି ନାହିଁ। କିନ୍ତୁ ଉଗ୍ରବାଦକୁ ଦମନ କରାଯିବା ଉଚିତ। କୁକି ଓ ମୈତେଇ ସମ୍ପ୍ରଦାୟ ମଧ୍ୟରେ ବିବାଦର ସମାଧାନ ରାଜନୈତିକ ସ୍ତରରେ ହୋଇପାରିବ। ମଣିପୁରରେ ଅଶାନ୍ତି ଏବଂ ହିଂସା ସୃଷ୍ଟି କରି ଭାରତକୁ ଦୁର୍ବଳ କରିବା ଲାଗି ବିଦେଶୀ ଷଡ଼ଯନ୍ତ୍ରକୁ ପଣ୍ଡ କରାଯିବା ଉଚିତ।

## ସମ୍ପାଦକଙ୍କୁ ପତ୍ର

### ସଡ଼କ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉ

**ମହାଶୟ,**

ସଡ଼କ ଦୁର୍ଘଟଣାରେ ପ୍ରତିବର୍ଷ ଯେତିକି ଲୋକ ଭାରତରେ ପ୍ରାଣ ହରାଉଛନ୍ତି କୌଣସି ରୋଗରେ ସେତିକି ଲୋକ ପ୍ରାଣ ହରାଉ ନାହାଁନ୍ତି। କୋଭିଡ଼ ମହାମାରୀରେ ଭାରତରେ ଯେତିକି ଲୋକ ପ୍ରାଣ ହରାଇଥିଲେ, ବିଗତ ୧୦ ବର୍ଷରେ ପ୍ରାୟ ସେତିକି ଲୋକ ସଡ଼କ ଦୁର୍ଘଯଣାରେ ପ୍ରାଣ ହରାଇଛନ୍ତି। କୋଭିଡ ମହାମାରୀ ତ ଚାଲିଗଲା। କିନ୍ତୁ ସଡ଼କ ଦୁର୍ଘଟରା ଜନିତ ମୃତ୍ୟୁ ସଂଖ୍ୟା ପ୍ରତିବର୍ଷ ବଢ଼ିବାରେ ଲାଗିଛି। ଓଡ଼ିଶାରେ ମଧ୍ୟ ପ୍ରତି ବର୍ଷ ହବୁ ଲୋକ ବିଶେଷ କରି ଯୁବକ ମାନେ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ବେପରୁଆ ଗାଡ଼ି ଚାଳନା ଅଧିକାଂଶ ସଡ଼କ ଦୁର୍ଘଟଣାର ମୁଖ୍ୟ କାରଣ। ଏହା ସହିତ ମଦ୍ୟପାନ କରି ଗାଡ଼ି ଚଳାଇବା ମଧ୍ୟ ଦୁର୍ଘଯଣାର ଆଉ ଏକ ବଡ଼ କାରଣ। ସଚେନତାର ଅଭାବ ହେତୁ ଅନେକ ନିୟମ ଅନୁଯାୟୀ ଗାଡ଼ି ଚଳାଉ ନାହାଁନ୍ତି। ଅନେକ ସମୟରେ ରାସ୍ତା ବୁଲା ଗୋରୁ ଗାଈ ବା କୁକୁରଙ୍କ ଯୋଗୁ ମଧ୍ୟ ଦୁର୍ଘଯଣା ହେଉଛି। ଜାତୀୟ ରାଜପଥରେ ଦୁର୍ଘଟଣା ଯେତିକି ହେଉଛି, ତାହାଠାରୁ ଅଧିକ ହେଉଛି ସହର ଭିତରେ। ଦ୍ରୁତ ଗତିରେ ଗାଡ଼ି ଚଳାଇବା, ଭୁଲ ସାଇଟରେ ଗାଡ଼ି ଚଳାଇବା ଏବଂ ସଭରଟେକ ଅନେକ ସମୟରେ ଦୁର୍ଘଯଣାର କାରଣ ହେଉଛି ଏବଂ ଏଥିରେ ଚାଳକ ସହିତ ଅନ୍ୟ ନିରୀହ ବ୍ୟକ୍ତି ମଧ୍ୟ ପ୍ରାଣ ହରାଉଛନ୍ତି। ଏଥିଲାଗି ସ୍କୁଲ ସ୍ତରରୁ ଶିକ୍ଷା ଏବଂ ସଚେତନତା ବୃଦ୍ଧିର ଆବଶ୍ୟକତା ରହିଛି। ସଡ଼କ ଦୁର୍ଘଟଣା ରୋକିବା ଉପରେ ପୋଲିସ ପ୍ରାଥମିକତା ଦେବା ଉଚିତ। କେବଳ ହେଲମେଟ ଚେକିଂରେ ଦୁର୍ଘଟଣାକୁ ରୋକାଯାଇପାରିବ ନାହିଁ। ରଙ୍ଗରୁଟରେ ଯାଉଥିବା ଏବଂ ଦ୍ରୁତ ଗତିରେ ଗାଡ଼ିଚାଳନାକୁ ରୋକାଯାଇପାରିଲେ ଏବଂ ଗାଡ଼ି ଚାଳକଙ୍କୁ ଜୋରିମାନା କରାଗଲେ ଦୁର୍ଘଟଣାକୁ ଅନେକାଂଶରେ ରୋକାଯାଇପାରିବଜୋତୀୟ ରାଜପଥରେ ଯାଉଥିବା ଗାଡ଼ିର ଫିଟନେସ ନିୟମିତ ଚେକ୍ କରାଯିବା ଉଚିତ। ମଦୁଆ ଡ୍ରାଇଭରଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଆବଶ୍ୟକ।

ମଦନ ମୋହନ ମିଶ୍ର
ସାମନ୍ତରାପୁର, ଭୁବନେଶ୍ୱର

# ଜାତୀୟ ସ୍ତରରେ ପ୍ରତିଯୋଗିତା

ଅନୁଜ ପଟ୍ଟନାୟକ

ନିଟ-ଯୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିବା ପରେ ଅନେକ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି ବା ଏନଟିଏର ଉଚ୍ଛେଦ ନିମନ୍ତେ ଦାବି କରୁଛନ୍ତି। ତାମିଲନାଡୁ ଭଳି ରାଜ୍ୟର ସରକାର ବହୁ ପୂର୍ବରୁ ଏଭଳି ଦାବି ଉଠାଇଛନ୍ତି ଏବଂ ପୂର୍ବପରି ରାଜ୍ୟ ସରକାରମାନଙ୍କୁ ସେମାନଙ୍କ ନିଜ ନିଜ ରାଜ୍ୟରେ ପ୍ରତିଷ୍ଠିତ ମେଡିକାଲ କଲେଜରେ ନାମ ଲେଖାଇବାର ନୀତି ନିୟମ ଏବଂ ପ୍ରକ୍ରିୟା ନିର୍ଦ୍ଧାରଣ କରିବାର ଦାୟିତ୍ୱ ହସ୍ତାନ୍ତର କରିବା ଲାଗି ଦାବି କରି ଆସୁଛନ୍ତି। ଏବେ କଂଗ୍ରେସ ମଧ୍ୟ ଏନଟିଏ ଉଚ୍ଛେଦ ଦାବି କରୁଛି। ଏଥର ନିଟ ପରୀକ୍ଷାରେ ଅନିୟମିତତା ହୋଇଛି ସତ, ମାତ୍ର ଏନଟିଏ ଗଠନର ଉଦ୍ଦେଶ୍ୟ ବିଫଳ ହୋଇ ନାହିଁ। ଆଜି ନହେଲେ କାଲି ଦୁର୍ନୀତିକୁ ରୋକାଯାଇପାରିବ। କିନ୍ତୁ ଏନଟିଏ ଉଚ୍ଛେଦ ହେଲେ ସବୁ ଦିନ ପାଇଁ ଦୁର୍ନୀତିର ବାଟ ଖୋଲିଯିବ। ଦେଶକୁ ଭଲ ଡାକ୍ତରଙ୍କ ଆବଶ୍ୟକତା ରହିଛି। ସେଥିପାଇଁ ମେଧାବୀ ଛାତ୍ରଙ୍କୁ ମେଡିକାଲ ପଢ଼ିବାର ସୁଯୋଗ ଦିଆଯିବା ଉଚିତ। ଏଥିପାଇଁ ଏନପଟିଏ ଗଠିତ ହୋଇଛି। ଯଦି ରାଜ୍ୟ ସ୍ତରରେ ମେଡିକାଲ ପ୍ରବେଶିକା ପରୀକ୍ଷା ହେବ ତେବେ ପ୍ରତି ରାଜ୍ୟରେ ପ୍ରଶ୍ନପତ୍ର ଲିକଠାରୁ ଆରମ୍ଭ କରି ଅନେକ ଦୁର୍ନୀତିର ରାସ୍ତା ଖୋଲିଯିବ। ଗରିବ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ମେଡିକାଲ ପଢ଼ିବାର ସୁଯୋଗ ନମିଳିପାରେ। ତେଣୁ ଏନଟିଏ ଉଚ୍ଛେଦ ଦାରବି କଦାପି ଗ୍ରହଣୀୟ ନୁହେଁ। ଭାରତରେ କୌଣସି ଭଲ ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ବା କୌଣସି ସରକାରୀ ପଦପଦବୀରେ ନିଯୁକ୍ତି ନିମନ୍ତେ ଆବେଦନ ଲାଗି ବିଜ୍ଞାପନ ପ୍ରକାଶ ପାଏ, ସେତେବେଳେ ଗୋଟିଏ ଗୋଟିଏ ପଦ ବା ସିଟ ଲାଗି ଲକ୍ଷେ ପିଲା ଆବେଦନ କରନ୍ତି। ସରକାରୀ ଅଫିସରେ ପିଅନ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଲେ ସ୍ନାତକୋତ୍ତର ଡିଗ୍ରୀଧାରୀ ମେଧାବୀ ଛାତ୍ରଟିଏ ମଧ୍ୟ ଏଥିପାଇଁ ଆଗ୍ରହୀ ହୋଇଥାଏ। କାରଣ ହେଲା ବଂଚିବାକୁ ସଂଘର୍ଷ। ଗରିବ, ନିମ୍ନମଧ୍ୟବିତ୍ତ ବର୍ଗର ଛାତ୍ରଟିଏ ପାଠ ପଢ଼ିବାର ମୁଖ୍ୟ ଉଦ୍ଦେଶ୍ୟ ରଖିଥାଏ କିପରି ସରକାରୀ ଚାକିରୀ ଖଣ୍ଡେ ପାଇବ। କାରଣ ସରକାରୀ ଚାକିରୀରେ ସ୍ଥାୟିତ୍ୱ ରହିଛି, ଘରୋଇ କ୍ଷେତ୍ରରେ ଚାକିରୀ କହିଲେ ଶୋଷଣ ଏବଂ ଅତ୍ୟାଚାର। ଭାରତର ଜନସଂଖ୍ୟା ଯାହା ସେଥିରେ ସମସ୍ତଙ୍କୁ ବା ଅଧା ଆବେଦନକାରୀଙ୍କୁ ନିଯୁକ୍ତି ଦେବା ମଧ୍ୟ ଅସମ୍ଭବ। ଯେତେବେଳେ ଗୋଟିଏ ପଦକୁ ଲକ୍ଷେ ପିଲା ଆବେଦନ କରନ୍ତି, ସେତେବେଳେ ଦୁର୍ନୀତିର ମଧ୍ୟ ଆଶଙ୍କା ରହିଛି। କେବଳ ସରକାରୀ ଚାକିରୀ ନୁହେଁ, ଭଲ ଶିକ୍ଷାନୁଷ୍ଠାନରେ ବିଶେଷ କରି ବୈଷୟିକ ଶିକ୍ଷାନୁଷ୍ଠାନରେ ନାମ ଲେଖାଇାକୁ ମଧ୍ୟ ଏଭଳି ଅସମ୍ଭବ ଭିଡ଼ ପରିଲକ୍ଷିତ ହୋଇଥାଏ ଏବଂ ଏଥିର ମଧ୍ୟ ଦୁର୍ନୀତି ହେଉଛି। ନିକଟରେ ଏନଟିଏ ଦ୍ୱାରା ପରିଚାଳିତ ନିଟ-ଯୁଜି ପରୀକ୍ଷାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆସିଛି। ପ୍ରଶ୍ନପତ୍ର ଲିକଠାରୁ ଆରମ୍ଭ କରି କିଛି ପରୀକ୍ଷାର୍ଥୀଙ୍କୁ ବେଆଇନ ଭାବେ ଗ୍ରେସ ମାର୍କ ଦିଆଯିବା ଅଭିଯୋଗ ହେବା ପରେ ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଲହାର ସିବିଆଇ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ସିବିଆଇ ଏହା ଉପରେ ମାମଲା ରୁଜୁ କରି ଗିରଫଦାରୀ ଆରମ୍ଭ କରିଛି। ବିହାର ପୋଲିସ ମଧ୍ୟ ଏହାର ତଦନ୍ତ କରି 18ଜଣଙ୍କୁ ଗିରଫ କରିଛି। ଏହାର ଚେର ବେଶ ଗଭୀରକୁ ଯାଇଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ୧୫୬୩ଜଣ ପରୀକ୍ଷାର୍ଥୀଙ୍କୁ ମିଳିଥିବା ଗ୍ରେସ ମାର୍କକୁ ମଧ୍ୟ ବାତିଲ କରାଯାଇଛି। ସେମାନଙ୍କୁ ପୁନର୍ବାର




ପରୀକ୍ଷା ଦେବାକୁ ସୁଯୋଗ ମିଳିଥିଲା। କିନ୍ତୁ ସେମାନଙ୍କ ମଧ୍ୟରୁ ଅଧା ପରୀକ୍ଷା ଦେଲେନି। କେବଳ ନିଟ-ଯୁଜି ନୁହେଁଈ ନିଟ-ପିଜି ପରୀକ୍ଷା ଏବଂ ସିଏସଆଇଆର-ନିଟ ପରୀକ୍ଷାକୁ ମଧ୍ୟ ବାତିଲ କରାଯାଇଛି। ଏଥିନେଇ ସୁପ୍ରିମକୋର୍ଟ ଉଦବେଗ ପ୍ରକାଶ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଯଦି ଜଣେ ଯୋଗ୍ୟ ଛାତ୍ର ଗଳାବାଟରେ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇ ଡାକ୍ତର ହୁଏ ତେବେ ସମାଜର ଅବସ୍ଥା କ'ଣ ହେବ ତାହା ଅନୁମାନ ଯୋଗ୍ୟ। ଏମିତି ସଂରକ୍ଷଣ ବ୍ୟବସ୍ଥାରେ ଅନେକ ଅଯୋଗ୍ୟ ଏବଂ ନିମ୍ନମାନର ଛାତ୍ରଛାତ୍ରୀ ମେଡିକାଲ ପଢ଼ିବାର ସୁଯୋଗ ପାଉଛନ୍ତି। ସେଥିରେ ଦୁର୍ନୀତି କରି ଅନେକ ଅଯୋଗ୍ୟ ଛାତ୍ରଛାତ୍ର ମେଡିକାଲ ପଢ଼ି1ବାର ସୁଯୋଗ ପାଉଛନ୍ତି। ସେଥିରେ ଭଲ ଡାକ୍ତର କେମିତି ବାହାରିବେ ? ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ, ପ୍ରବେଶିକା ପରୀକ୍ଷା ବିଫଳ ହେଉଥିବା ଅନେକ ମେଧାବୀ ଛାତ୍ରଛାତ୍ରୀ ଯୋଗ୍ୟତା ଥାଇ ମଧ୍ୟ ସାମାନ୍ୟ ତ୍ରୁଟିରୁ ମେଡିକାଲ ପାଠ୍ୟକ୍ରମରେ ନାମ ଲେଖାଇବାକୁ ସକ୍ଷମ ହେଉ ନାହାଁନ୍ତି। କିନ୍ତୁ କିଛି ଅଯୋଗ୍ୟ ଛାତ୍ର ବିଭିନ୍ନ ବାଟରେ ମେଡିକାଲ ପଢ଼ିବାକୁ ସୁଯୋଗ ପାଉଛନ୍ତି। ଏହା ଦ୍ୱାରା ଅନେକ ଛାତ୍ରଛାତ୍ରୀ ଅନ୍ୟାୟର ଶୀକାର ହେଉଛନ୍ତି। ଏନଟିଏ ଭଳି ଜାତୀୟ ସ୍ତରର ଏଜେନ୍ସି ଦ୍ୱାରା ପରିଚାଳିତ ପରୀକ୍ଷାରେ ଯଦି ଏଭଳି ଦୁର୍ନୀତି ହୁଏ ତେବେ ଏହା ଚିନ୍ତାଜନକ, ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ନିମନ୍ତେ କେନ୍ଦ୍ର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରିଛନ୍ତି। କମିଟିର ସୁପାରିସକ୍ରମେ ସରକାର ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବେ। ଏହା ସ୍ୱାଗତଯୋଗ୍ୟ। ଅନେକ ଏନଟିଏକୁ ବନ୍ଦ କରି ପୂର୍ବପରି ରାଜ୍ୟସ୍ତରରେ ପ୍ରତିଯୋଗିତା ମୂଳକ ପରୀକ୍ଷା ହେଉ ଏବଂ ସର୍ବଭାରତୀୟ ପରୀକ୍ଷାକୁ ରଦ୍ଦ କରାଯାଉ ବୋଲି ଦାବି କରିଛନ୍ତି। ଏହାକୁ ବିଚାର କରାଯିବା ଉଚିତ। ବାସ୍ତବରେ ମେଡିକାଲ, ଇଞ୍ଜିନିୟରିଂ କଲେଜରେ ଆଡମିଶନ ନିମନ୍ତେ ସର୍ବଭାରତୀୟ ସ୍ତରରେ ପରୀକ୍ଷାର ଆବଶ୍ୟକତା ନାହିଁ। କେବଳ ଆଇଆଇଟି, ଏମସ, ଆଇଆଇଏମ ଭଳି ଜାତୀୟ ସ୍ତରର ଶିକ୍ଷାନୁଷ୍ଠାନରେ ନାମ ଲେଖାଇବାକୁ ଏନଟିଏ ମାଧ୍ୟମରେ ପରୀକ୍ଷା ହେଉ। ତେବେ ମୂଳ ପ୍ରଶ୍ନ ହେଉଛି ପରୀକ୍ଷାରେ କିପରି ସ୍ୱଚ୍ଛତା ଏବଂ ନିରପେକ୍ଷତା ବଜାୟ ରହିବ। ହଜାର ହଜାର ମେଧାବୀ ଛାତ୍ରଛାତ୍ରୀଙ୍କ ଜୀବନ ସହ ଖେଳ ନହେଉ। ମେଡିକାଲ ପାଠ୍ୟକ୍ରମରେ କେବଳ ଯୋଗ୍ୟତା ଆଧାରରେ ଆଡମିଶନ ମିଳୁ। କୌଣସି ସଂରକ୍ଷଣ ବ୍ୟବସ୍ଥାକୁ ଏ କ୍ଷେତ୍ରରେ କାର୍ଯ୍ୟକାରୀ କରାନଯାଉ। ଭଲ ଛାତ୍ର ପାଠ ପଢ଼ିଲେ ଭଲ ଡାକ୍ତର ବାହାରିବେ। ପରୀକ୍ଷା ପରିଚାଳନା ବ୍ୟବସ୍ଥାକୁ ଏଭଳି କରାଯାଉ ଯେପରି ପ୍ରଶ୍ନପତ୍ର ଲିକର ସମ୍ଭାବନା ହିଁ ରହିବ ନାହିଁ। ଏହା ଏକ ଅତି ସ୍ପର୍ଶକାତର ଏବଂ ସମ୍ବେଦନଶୀଳ ପ୍ରସଙ୍ଗ। ଏହାକୁ ନେଇ ରାଜନୀତି ନହେଉ। କିନ୍ତୁ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପ୍ରତି ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ।

# ମୁକ୍ତିକାମୀ ମଣିଷ କିନ୍ତୁ ବନ୍ଧନମୁକ୍ତ ନୁହେଁ



ଡ. କିଶୋର ମହାନ୍ତି

ଏକଥାଟି ସତ୍ୟ ଯେ ପଂଜୁରୀ ଭିତରେ ଶାରୀ ଭାବୁଥାଏ ସେ କେମିତି ବଂଦୀ ମୁକ୍ତ ନୁହେଁ - ପ୍ରତ୍ୟେକଟି ପକ୍ଷୀ ଚାହାଁନ୍ତି ଡେଣା ଝାଡି ସୁନୀଳ ଆକାଶରେ ଅବା ସବୁଜ ବନାନୀରେ ହଜି ଯିବା ପାଇଁ। ମୁକ୍ତି ପାଗଳ ପକ୍ଷୀ ଚାହେଁ ଟିକିଏ ଖୋଲା ପବନ ପାଇବା ପାଇଁ - ପ୍ରକୃତିକୁ ଭଲ ଭାବରେ ଉପଭୋଗ କରିବା ପାଇଁ।

କିନ୍ତୁ ଅପରପକ୍ଷେ ଦେଖିବାକୁ ଗଲେ ପାଶ୍ଚାତ୍ୟ ମନୀଷୀ କହିଛନ୍ତି- 'Man in born free but everywhere is chain'. ମଣିଷ ମୁକ୍ତ ହୋଇ ଜନ୍ମ ନେଇଛି ଆଉ ପରେ ପ୍ରତିଟି କ୍ଷେତ୍ରରେ ସେ ବଂଦୀଟିଏ ହେଇ ଯାଇଛି। ରୁଷୋଙ୍କର ଏ ବକ୍ତବ୍ୟ ସାରା ମାନବସମାଜରେ ଏକ ଆଲୋଡ଼ନ ସୃଷ୍ଟି କଲା। ମଣିଷର ଜୀବନ ସଂଘର୍ଷ କାହାଣୀ ବଡ଼ ଜଟିଳ ଓ ସେ ସବୁବେଳେ ନିଜକୁ କେମିତି ଯୋଦ୍ଧା ସେନାନୀ ବୋଲି ଚିନ୍ତା କଲାବେଳେ ଏମିତ ହୁଏ ସେଇ ସମସ୍ୟା ମାନଙ୍କର ସେ ଶୀକାର ହୁଏ। ଗୋଟିଏ ଗୀତ ଏ ପରିପ୍ରେକ୍ଷୀରେ ବେଶ ଉଦ୍‌ବେଳନ ସୃଷ୍ଟି କରେ। ସେ ଗୁଢ ରହସ୍ୟ ଭେଦ କରିବା ବଡ଼ କଷ୍ଟ। ଗୀତର ଶାବ୍ଦିକ ରୂପଚିତ୍ର ଏହିପରି-

" ପଂଜୁରୀ ଭିତରେ ଶାରୀ
ଶାରୀ କହେ ହରି ହରି
ମଣିଷ ବୁଝେନି.... ଶାରୀ ତ ବୁଝିଛି
ସିଏ ଖୋଲି ପାରେ ଏ ଭାବ ପଂଜୁରୀ
ଶାରୀ ପଂଜୁରୀରେ ଛଟପଟ
ଥରେ ବାଟ କହେ ଖୋଲି ଦିଅ
ଲୋଡା ନାହିଁ ମୋର ରାଜା ଆହାର"

ମୋର ପବନରେ ପୁରୁ ପେଟ......... ଇତ୍ୟାଦି କେତେ ମର୍ମ ଭେଦୀ ଆଉ ଜୀବନ ଦର୍ଶନର ପ୍ରତିଲିପି।

ବେଳେବେଳେ ନୈରାଶ୍ୟର ଘନଛାୟା ମଣିଷ ଜାତିକୁ ସଂକ୍ରମିତ କରୁଛି। ଜୀବନର କିଛି ଅର୍ଥ ନାହିଁ, ଜୀବନ ନିରର୍ଥକ, ଅସାର୍ଥକ ଓ ନିଷ୍ଫଳ। ଥରେ ଏହି ଭାବନା ମନକୁ ଛୁଇଁଗଲେ ଆଉ ଆମୋଦ୍ଧାରର ପଥ ରହେ ନାହିଁ। ଆମେ କ'ଣ ଏ ବନ୍ଧନରୁ ମୁକ୍ତି ପାଇବାକୁ



ଆମହତ୍ୟା ପଥକୁ ଆପଣେଇବା ? ଜୀବନଟା ସର୍ବ ଦୁଃଖମୟ ନୁହେଁ କି ସର୍ବ ସୁଖମୟ ନୁହେଁ। ଏଠି ସୁଖ ଦୁଃଖ, ହସ କାନ୍ଦର ଘୋର ପ୍ରତିଯୋଗୀତା ଚାଲିଛି। ଏହି ସଂଗ୍ରାମକୁ ଦୂର କରିବା ପାଇଁ ନିଜକୁ ଅନ୍ଧାର ଆଡ଼େଇ ଆଲୋକ ବର୍ତ୍ତିକା ଜାଳିବାକୁ ହେବ। ଆମ ଭିତରେ ଦୁରାମାକୁ ପ୍ରଶୟ ଦେବା ଆଦୌ ଉଚିତ ନୁହେଁ। ଯାହାର ମନ, ବଚନ ଓ କର୍ମ ଏକ ରୂପ ସେ ହେଉଛନ୍ତି ମହାମା। ଯାହାର ମନ, ବଚନ ଓ କର୍ମ ଭିନ୍ନ ଭିନ୍ନ ସେ ହେଉଛି ଦୁରାମା। ମଣିଷ ଭିତରେ ଏତକ ରହିବା ଉଚିତ କି ?

କୁହାଯାଇଛି-ଦୁଃଖରେ ନ ହେବ କାତର
ସୁଖରେ ନକର ଚାତର।

ଦୁଃଖରେ ଉଦ୍‌ବିଗ୍ନ ନ ହେବା ପାଇଁ ଓ ସୁଖରେ ବିତସ୍ପୃହ ହେବା ପାଇଁ ଗୀତାରେ କୁହାଯାଇଛି। କିନ୍ତୁ ଏକଥା ମଧ୍ୟ ଏ ମଣିଷ ସମାଜରେ ଘଟୁଛି- ମନୁଷ୍ୟକୁ ଦାସ କରି ରଖୁଛି। ମନୁଷ୍ୟ ମନୁଷ୍ୟକୁ ଦୁଃଖ ଦେଉଛି, ପୀଡ଼ା ଦେଉଛି, କଷ୍ଟରେ ଜାଳି ଦେଉଚି। ଗୋଟିଏ ରାଷ୍ଟ୍ର ଆଉ ଗୋଟିଏ ରାଷ୍ଟ୍ରକୁ ଦମନ କରିବା ଆଳରେ ପାଦ ତଳେ ଚାପି ରଖିବାର ଅପଚେଷ୍ଟା କରୁଛି। ବଳବାନ ନିର୍ବଳକୁ ଦବେଇ ରଖୁଛି। ନିଜର ହିଂସ୍ରକ ତତ୍ତ୍ୱକୁ ହଜମ କରି ସେ କ୍ରୁର ହେଇଯାଉଛି। ଏବେ ମାନବ ସମାଜ ରକ୍ତରେ ଜର୍ଜରିତ। କେହି ସୁଖରେ ରହୁଚିତ କିଏ ଦୁଃଖରେ ରହୁଛି। କାହାର ବିଳାସ ଓ ଆଉ କାହାର ସର୍ବନାଶ। କେହି ରାଜ ପ୍ରାସାଦରେ ରହୁଚିତ ଆଉ କେହି ରାସ୍ତା କଡ଼ରେ ପଡ଼ିଛି। କିଏ ଭୋକ ଉପାସରେ ମରୁଛି। ତଥାପି ଆମେ ଏକଥା ଅସ୍ୱୀକାର କରିବାନି ଯେ, ମଣଷ ତାର ସ୍ୱଧର୍ମ ନିଭାଉଛି ବୋଲି।

ଆମେ ହିଂସା ଆଚରଣ କରୁଛେ। ଆମେ ଆତଙ୍କବାଦୀ ସାଜୁଛେ। ନୀରହମାନଙ୍କୁ ମାରି ଚରମ ଆନନ୍ଦ ଲାଭ କରୁଛେ। ମାନବଜୀବନକୁ ଧ୍ୱଂସ କରିବା ପାଇଁ ବିଷାକ୍ତ ବାଷ୍ପ ଛାଡୁଚେ। ବୋମା ଫିଙ୍ଗୁଚେ - ବାଇଲୋଜିକାଲ ୱାର ପାଇଁ ପ୍ରଶୟ ଦେଉଚେ। ଏଠି ଆମେ ଧ୍ୱଂସ ଆଡକୁ ଟାଣି ହେଇ ଯାଉଚୁ। ସେ ବୁଝି ପାରୁ ନାହିଁ ଯେ ସେ ଅହଂ ପରବଶ ହୋଇ ଏସବୁ କରୁଛି। ସେ ନିଜକୁ ପ୍ରଶ୍ନ କରୁ ନାହିଁ କି ସେ ପ୍ରକୃତରେ କିଏ ? ଏ ସମଗ୍ର ଜଗତ କଣ ତାର ଆୟତାଧୀନ? ସେ ନିଜର ସ୍ଥିତି ଓ ସ୍ୱରୂପକୁ ଭୁଲି ଯାଉଚି ବାରବାର।

ମଣିଷକୁ ଈଶ୍ୱର ସର୍ବଶକ୍ତି ପ୍ରଦାନ କରିଛନ୍ତି- ମଣିଷକୁ ଅନ୍ଧାର ଦେଇଛନ୍ତି କୁହନ୍ତି ମଣିଷ ସେଇ ଅନ୍ଧାର ଭିତରୁ ଆଲୋକ ଖୋଜୁ। ସେ ମର୍ତ୍ତ୍ୟ ଦେଇଛନ୍ତି। ସେ କହନ୍ତି ସେହିଠାରୁ ସେ ଅମୃତ ସନ୍ଧାନ କରୁ। ମଣିଷ ଅସତ ଭିତରୁ ସତ୍ ପ୍ରାପ୍ତ ହେଉ। ବିଷରୁ ସୁଧା ସୃଜନ କରୁ। ଅମଙ୍ଗଳରୁ ମଙ୍ଗଳ ନିର୍ମାଣ କରୁ। ଭାଙ୍ଗିବା ବଦଳରେ କିଛି ଗଢ଼ିବାରେ ମନୋନିବେଶ କରୁ। ଏ ସୃଷ୍ଟି ତାରି ପାଇଁ ତ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ପ୍ରକୃତିର ରକ୍ଷଣାବେକ୍ଷଣର ଦାୟିତ୍ୱ ହିଁ ତାରି ଉପରେ। ଏସବୁରୁ ସେ ନିବୃତ କଣ ହୋଇପାରେ ?

ମୁକ୍ତି ଅନନ୍ଦ ଦିଏ। ସ୍ୱାଧୀନତା ମାନବର ଜନ୍ମଗତ ଅଧିକାର। ପ୍ରତିଟି ମଣିଷର ସ୍ୱାଧୀନ ଭାଷାର, ସ୍ୱାଧୀନ ବିହାର ସ୍ୱାଧୀନ ଜୀବନଯାପନ ଓ ସ୍ୱାଧୀନ ସଂଘ ଗଠନର କ୍ଷମତା ହିଁ ସାମାଜିକ ଜୀବନର ଭିତି। ବ୍ୟକ୍ତିଗତ ଜୀବନର ବିକାଶ ନିମନ୍ତେ ବ୍ୟକ୍ତି ଜୀବନର ଦାୟିତ୍ୱବୋଧ ଯେତିକି ଆବଶ୍ୟକ ସମାଜର ଅଙ୍ଗ ଭାବେ ସଂଘବଦ୍ଧ ଭାବରେ ଜୀବନଯାପନ କରୁଥିବାରୁ ଓ ସମାଜଦ୍ୱାରା ନାନା ଭାବରେ ଉପକୃତ ହେଉଥିବାରୁ ସମାଜ ପ୍ରତି ମଣିଷ ଆନୁଗତ୍ୟ ସ୍ୱୀକାର କରିବା ଉଚିତ।

ମୋବାଇଲ: ୯୪୩୭୭୨୮୪୭୫

# ଆଜିର ରାବଣ ବହୁତ ନିଷ୍ଠୁର



ଦିପ୍ତିମୟୀ ନାୟକ

ରାମାୟଣର ଏକ ଚରିତ୍ର ଯିଏକି ରାବଣ ଥିଲା। ସେ ରାବଣ ଆଉ ଆଜିକା ରାବଣ ଭିତରେ ବହୁତ ପାର୍ଥକ୍ୟ ରହିଛି। ସେ ରାବଣ ସୀତାଙ୍କୁ ହରଣ କରିଥିଲା ହେଲେ ସୀତାଙ୍କୁ କେବେ ଛୁଇଁ ନଥିଲା କିନ୍ତୁ ଆଜିକା ଦିନରେ ଯେଉଁ କିଛି ମଣିଷ ରୂପକ ରାବଣ ଅଛନ୍ତି ସେମାନେ ନାରୀଙ୍କୁ ହରଣ କରି ବଳାତ୍କାର କରୁଛନ୍ତି। ସତ କଥା ହେଲା ସେତେବେଳର ରାବଣ ବଳାତ୍କାରୀ ନଥିଲା କିନ୍ତୁ ଆଜିର କିଛି ଅମଣିଷ କାମନା ରୂପକ ବାସନାରେ ଅନ୍ଧ ହୋଇ ଅପରାଧର ସୀମା ଅତିକ୍ରମ କରୁଛନ୍ତି। ଏହି ଅପରାଧୀ ମାନଙ୍କ ପାଇଁ ହିଁ ଆଜିର ଦିନରେ ଅନେକ ଅପରାଧ ଘଟିଚାଲିଛି। ଯାହା ଅନେକ କାଗଜ କଲମରେ ଲେଖା ହୋଇ ସବୁ ଅଚଳ ଭାବରେ ପଡ଼ିରହିଛି।

ତେବେ କେଉଁଠି ନା କେଉଁଠି ଅପରାଧୀ ମାନଙ୍କ ପାଇଁ ଦୃଢ଼କାର୍ଯ୍ୟାନୁଷ୍ଠାନ ହେଉଛି ତ ଆଉ କେଉଁଠି ଅପରାଧୀ ମାନଙ୍କୁ ଖୋଲା ଛାଡିଦିଆଯାଉଛି। ଯାହାଫଳରେ ଅପରାଧର ସୀମା ଟପି ଯାଉଛି। ଏହି ଅପରାଧୀ ମାନଙ୍କ ପାଇଁ ଆଜିର ନାରୀ ପ୍ରତ୍ୟେକ ମୁହୂର୍ତ୍ତରେ ନିଜକୁ ଅସୁରକ୍ଷିତ ମନେ କରନ୍ତି। ଯଦିଓ ଆମେ କହିବା ନାରୀ ଶକ୍ତି ଆଗରେ ଅନ୍ୟ ଶକ୍ତି ହାର୍ ମାନିଯାଏ ତେବେ ଏସବୁ କେବଳ କହିବା କଥା ଏମିତି କେବଳ ଫିଲ୍ମରେ ହୁଏ ସତରେ ନୁହେଁ। ବର୍ତ୍ତମାନ ଦୁନିଆକୁ ଦେଖିଲେ ମୋତେ କାହିଁକି ଲାଗେନି ଆଜି ଗୋଟେ ନାରୀ ସୁରକ୍ଷିତ ଅଛି। ବେଳେବେଳେ ଏମିତି ଦେଖିବାକୁ ମିଳେ ଯେମିତି ଯେଉଁମାନେ ନାରୀକୁ ଅପବିତ୍ର କରାନ୍ତି ସେହିମାନେ ହିଁ ନାରୀକୁ ପରିଚୟ ଦେଇଥାନ୍ତି ନାରୀ ଅସତୀ। ଗୋଟେ ନାରୀକୁ ଏମିତି ଆଖ୍ୟା ଦେବା କଣ ଠିକ। ଯିଏ ଗୋଟେ ନାରୀକୁ ବଳାତ୍କାର କରେ ସେ ବଳାତ୍କାରୀ ହୋଇଥାଏ ହେଲେ ସେ ଧୁଆ ତୁଳସୀ କିପରି ହୁଏ ଆଉ ଗୋଟେ ନାରୀ କେମିତି ଅସତୀ ହୋଇଯାଏ। କିନ୍ତୁ ଏଠି ଲୋକେ କୁହନ୍ତୁ ଗୋଟେ ହାତରେ କେବେ ତାଳି ବାଜେନି ଯଦି କିଛି ତା ସହ ଅଘଟଣ ଘଟିଥିବ ସେଥିପାଇଁ ସେ ଝିଅର କିଛି ଦୋଷ ରହିଥିବ ଯାହାଫଳରେ ତା ସହ ଏମିତି ଘଟିଥିବ। ତେବେ ସେମାନଙ୍କୁ ମଧ୍ୟ ଗୋଟେ କଥା ଯଦି ଗୋଟେ ହାତରେ ତାଳି ବାଜେନି ତାହେଲେ କାହିଁକି ଅନ୍ୟ ହାତର ତାଳିକୁ ଅନୁଧ୍ୟାନ କରି କହୁନାହାନ୍ତି ବରଂ ସେମାନେ ମଧ୍ୟ ଦେଖିବା ଦରକାର ଦୁଇହାତରେ କେମିତି ତାଳି



ବାଜେ। କେଉଁ ନାରୀ ଚାହେଁନି ତାର ସତୀତ୍ୱ ଆଉ କେହି ନଷ୍ଟ କରୁ କିନ୍ତୁ ଯେତେବେଳେ କେହି ତାର ସତୀତ୍ୱକୁ ନଷ୍ଟ କରନ୍ତି ସେହି ରାକ୍ଷସ ମାନେ କେମିତି ଭଲ ହୋଇଯାଆନ୍ତି। ଯେଉଁମାନେ ଦୋଷ କରୁଛନ୍ତି ସେମାନଙ୍କୁ ନିହାତି ଦଣ୍ଡ ମିଳିବା ଦରକାର ଏବଂ ଯେଉଁ ନାରୀ ବଳାତ୍କାରର ଶିକାର ହେଉଛନ୍ତି ତାଙ୍କୁ ଶାନ୍ତିରେ ବଞ୍ଚିବାକୁ ଦେବା ଦରକାର। ଆଉ ଯେଉଁମାନେ ସଙ୍ଘବର୍ଦ୍ଧ ଭାବରେ ନାରୀକୁ ବଳାତ୍କାର କରି ମାରିଦେଉଛନ୍ତି ଏମାନଙ୍କ ପାଇଁ ଆଇନ କଠୋରରୁ କଠୋର ହେବା ଦରକାର। ଏମାନଙ୍କୁ ପ୍ରଥମେ ଶାସ୍ତି ପରେ ମୃତ୍ୟୁ ଦଣ୍ଡ ଦିଆଯିବା ଦରକାର।

ଅନେକ ସମୟରେ ଆପଣ ଦେଖିଥିବେ ଯେଉଁ ମହିଳା ଜଣଙ୍କ ବଳାତ୍କାରର ଶିକାର ହୋଇଥିବେ ଏ ସମାଜର ଲୋକମାନେ ଆଖି ଠାର ଦେଇ କୁହନ୍ତୁ ଦେଖ ଏ ଝିଅ ବଳାତ୍କାରର ଶିକାର ହୋଇଥିଲା ଆହାଃ ଯାକୁ ଆଉ କିଏ ବାହା ହେବ ଯା ଜୀବନ ବର୍ବାଦ ହେଇଗଲା କାଇଁ ଏକଥା କେହି କୁହନ୍ତିନି ଦେଖ ଏ ଦୋଷୀ ଏ ଗୋଟେ ଝିଅର ଜୀବନ ବର୍ବାଦ କରିଥିଲା। ଯାକୁ କଠୋର ଦଣ୍ଡ ମିଳିବା ଦରକାର। ଆଜିକାଲି ଅପରାଧୀଙ୍କ ପାଖରେ ଯଦି ପୁଳା ପୁଳା ଟଙ୍କା ରହୁଛି ତେବେ ଆଇନ ବି ସେମାନଙ୍କ ହାତରେ ରହୁଛି। ଆଉ ଯେଉଁମାନେ ନ୍ୟାୟ ଅପେକ୍ଷାରେ ରହୁଛନ୍ତି ସେମାନଙ୍କ ପ୍ରତି ଅନ୍ୟାୟ ବଢ଼ି ଚାଲିଛି। ରାତା ରାତି ଦୋଷୀ ନିର୍ଦୋଷ ହୁଏ ଆଉ ଏମିତି ଅପରାଧିକ ମାମଲା ସବୁ ଗୋଟେ ପରେ ଗୋଟେ ନୂଆ ଫାଇଲରେ ଲେଖା ହୁଏ।

ଯଦି ବାସ୍ତବତାକୁ ଅନୁଧ୍ୟାନ କରିବା ତେବେ ସବୁ ପୁରୁଷ ସମାନ ନୁହଁନ୍ତି କି ସବୁ ନାରୀ ସମାନ ନୁହଁନ୍ତି କିନ୍ତୁ ଏଟା ସତ ରାବଣ ରୂପକ ମଣିଷ ଆଜିବି ଅଛନ୍ତି। ଯେଉଁମାନେ ପ୍ରତି ମୁହୂର୍ତ୍ତରେ ନିରୀହ ଜୀବନକୁ ନଷ୍ଟ କରିବାପାଇଁ ଚାହିଁ ରହିଛନ୍ତି। ଝିଅମାନେ ମଧ୍ୟ ସବୁବେଳେ ସତର୍କ ରୁହନ୍ତୁ। ଆତ୍ମାରକ୍ଷା କୌଶଳ ଶିଖିଯାଆନ୍ତୁ ନଚେତ ଏଭଳି ରାବଣ ରୂପକ ମଣିଷ ମାନଙ୍କ ଠାରୁ ସୁରକ୍ଷିତ ରହିବା ଆଶା ଛାଡିଦିଅନ୍ତୁ। ଆଉ ଯଦି ଏମାନଙ୍କ କବଳରୁ ମୁକ୍ତ ହେବାକୁ ଚାହୁଁଛନ୍ତି ତେବେ ନିଜ ସୁରକ୍ଷା ପାଇଁ ସବୁ ନିଜ ପାଖେ ପାଖେ ଲଙ୍କା ଗୁଣ୍ଡ ପ୍ୟାକେଟ ରଖିଥାନ୍ତୁ। ଯେଉଁଠି ନିଜକୁ ଅସୁରକ୍ଷିତ ମନେ କରିବେ ସେଇଠି ଲଙ୍କା ଗୁଣ୍ଡ ସେହି ଅପରାଧୀଙ୍କ ମୁହଁକୁ ଫିଙ୍ଗି ନିଜ ସୁରକ୍ଷା ପାଇଁ ଚିତ୍କାର କରି ଅନ୍ୟ ମାନଙ୍କ ସହଯୋଗ ଲୋଡ଼ନ୍ତୁ କିନ୍ତୁ ମନେ ରଖନ୍ତୁ ଆଜିର ରାବଣ ସେ ରାବଣ ନୁହେଁ। ସେତେବେଳର ରାବଣ ସୀତାଙ୍କୁ ଛୁଇଁ ନଥିଲା କିନ୍ତୁ ଆଜିର ରାବଣ କାମନା ବାସନାରେ ଅନ୍ଧ ହୋଇ ଅନ୍ୟର ଜୀବନକୁ ବର୍ବାଦ କରୁଛି।

**ମୋବାଇଲ୍: ୯୦୯୦୬୬୧୫୮୬**

# ଡୋଭାଲଙ୍କ ରଷିଆ ଗସ୍ତ ଶାନ୍ତିର ବାଟ ଫିଟାଇବ



ନୂଆଦିଲ୍ଲୀ, ୮।୯: ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ ଡୋଭାଲ ଚଳିତ ସପ୍ତାହରେ ମସ୍କୋ ଗସ୍ତରେ ଯାଉଛନ୍ତି। ଡେଭାଲଙ୍କ ଏହି ଗସ୍ତ ରଷିଆ-ୟୁକ୍ରେନ ଯୁଦ୍ଧ ବିରତି ଲାଗି ଶାନ୍ତି ଆଲୋଚନା ନିମନ୍ତେ ରାସ୍ତା ଫିଟାଇବ ବୋଲି ଆଶା କରାଯାଉଛି। ଉଲ୍ଲେଖ ଯୋଗ୍ୟ ଯେ, ରଷିଆ ରାଷ୍ଟ୍ରପତି ଭ୍ଲାଦିମୀର ପୁଟିନ ୟୁକ୍ରେନ ସହ ଶାନ୍ତି ଆଲୋଚନା ନିମନ୍ତେ ସେ ପ୍ରସ୍ତୁତ ବୋଲି କହିବା ସହ ଭାରତ, ଚୀନ ଏବଂ ବ୍ରାଜଇଲ ଏଥିରେ ମଧ୍ୟସ୍ଥାତା କରିପାରିବେ ବୋଲି କହିଥିଲେ। ଚୀନ ଓ ବ୍ରାଜିଲ ମଦ୍ୟସ୍ଥା ପ୍ରସ୍ତାବ ପ୍ରତି ଆଗ୍ରହ ପ୍ରକାଶ କରି ନାହାଁନ୍ତି। ଏବେ ଭାରତ ଏକମାତ୍ର ଦେଶ ଯିଏ କି ଯୁଦ୍ଧର ପରିସମାପ୍ତି ଲାଗି ୟୁକ୍ରେନ ଏବଂ ରଷିଆ ମଧ୍ୟରେ ମିଳାମିଶା କରିପାରିବେ। ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରଷିଆ ଓ ୟୁକ୍ରେନ ଗସ୍ତରେ ଯାଇ ପୁଟିନ ଏବଂ ଜେଲେନସ୍କିଙ୍କ ଆଲୋଚନା କରି ଫେରିଛନ୍ତି। ୟୁକ୍ରେନରୁ ଫେରିବା ପରେ ମୋଦି ରୁଷ ରାଷ୍ଟ୍ରପତି ପୁଟିନଙ୍କୁ ଜେଲେନସ୍କିଙ୍କ ସହ ଆଲୋଚନାର ବିଷୟ ବସ୍ତୁ ସମ୍ପର୍କରେ ଅବଗତ କରାଇଥିଲେ। ଏବେ ଡୋଭାଲ ମସ୍କୋରେ ରଷିଆର ପ୍ରମୁଖ ନେତଅବର୍ଗଙ୍କ ସହ ଆଲୋଚନା କରିବେ। ଡୋଭାଲଙ୍କ ଏହି ଗସ୍ତ ଶାନ୍ତି ପ୍ରତିଷ୍ଠାରେ ସହାୟକ ହେବ ବୋଲି ଆଶା କରାଯାଉଛି।

# ଟିଏମ୍‌ସି ସାଂସଦଙ୍କ ଇସ୍ତଫା



କୋଲକାତା, ୮।୯: କୋଲକାତା ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ଏବଂ ହତ୍ୟା ଘଟଣା ପ୍ରତିବାଦରେ ରାଜ୍ୟରେ ପ୍ରବଳ ପ୍ରତିବାଦର ସ୍ୱର ଉଠିଥିବା ବେଳେ ଏହାର ସମାଧାନରେ ରାଜ୍ୟ ସରକାର ଉଚିତ ପଦକ୍ଷେପ ନେଇନଥିବା ଅଭିଯୋଗ କରି ଟିଏମସିର ସାଂସଦ ଜବାହାର ସରକାର ସଂସଦରୁ ଇସ୍ତଫା ଦେଇଛନ୍ତି। ଏଥିନେଇ ସେ ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଏକ ପତ୍ର ଲେଖି କ୍ଷୋଭ ପ୍ରକାଶ କରିଛନ୍ତି। ଏହା ସହିତ ଶାସକ ଦଳରେ ଚାଲିଥିବା ଦୁର୍ନୀତି ପ୍ରସଙ୍ଗ ମଧ୍ୟ ଉଠାଇଛନ୍ତି ଶ୍ରୀ ସରକାର।

ମମତାଙ୍କ ନିକଟକୁ ଏକ ଖୋଲାପତ୍ରରେ ଟିଏମସି ସାଂସଦ କହିଛନ୍ତି ଯେ, ପଶ୍ଚିମବଙ୍ଗରେ ଯାହା ଘଟିଗଲା ତାହା ସାରା ବିଶ୍ୱରେ ଏବେ ଚର୍ଚ୍ଚାର ବିଷୟ ହୋଇଛି। ପଶ୍ଚିମବଙ୍ଗକୁ ଏହା ବଦନାମ କରିଛି। ସେ କହିଛନ୍ତି ଯେ, ଆରଜି କର ମେଡିକାଲ କଲେଜରେ ଜଣେ ଟ୍ରେନି ମହିଳା ଡାକ୍ତରଙ୍କୁ ଦୁଷ୍କର୍ମ ପରେ ହତ୍ୟା ଘଟଣା ପ୍ରତିବାଦରେ ସାଧାରଣ ଜନତା ସ୍ୱତଃସ୍ଫୁର୍ତ୍ତ ଭାବେ ରାସ୍ତାକୁ ଓହ୍ଲାଇଛନ୍ତି। ଯଦି ମୂଳରୁ ରାଜ୍ୟ ସରକାର ଘଟଣାକୁ ଗୁରୁତ୍ୱ ଦେଇ ଏହାର ସଠିକ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥାନ୍ତେ ତେବେ ଆଜି ଏଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା। ଯେଉଁ ଡାକ୍ତରମାନେ ଏବେ ପ୍ରତିବାଦର ସ୍ୱର ଉଠାଇଛନ୍ତି ସେମାନେ କୌଣସି ରାଜନୈତିକ ଦଳର ସଭ୍ୟ ନୁହଁନ୍ତି ବା ସେମାନେ ରାଜନୈତିକ ଉଦ୍ଦେଶ୍ୟ ରଖି ଏଭଳି କରୁନାହାଁନ୍ତି। ଏହାକୁ ରାଜନୈତିକ ଦୃଷ୍ଟିରୁ ଦେଖିବା ଅନୁଚିତ ଏବଂ ସେମାନଙ୍କ କଥାକୁ ସରକାର ସହୃଦୟତାର ସହ ବିଚାର କରିବା ଉଚିତ। ଅତୀତରେ ସେ ରାଜ୍ୟରେ ଚାଲିଥିବା ଦୁର୍ନୀତି ପ୍ରସଙ୍ଗ ଉଠାଇଥିଲେ। କିନ୍ତୁ ଦଳର କିଛି ନେତା ତାଙ୍କୁ ପାଟି ଚୁପ କରିବାକୁ କହି ଅପମାନିତ କରିଥିଲେ। କିନ୍ତୁ ଏବେ ସେ ଆଉ ଚୁପ ରହିବେ ନାହିଁ ବୋଲି କହିଛନ୍ତି।



## ଆମେରିକା ଗସ୍ତରେ ରାହୁଲ

ନୂଆଦିଲ୍ଲୀ, ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ତିନିଦିନିଆ ଆମେରିକା ଗସ୍ତରେ ଯାଇଛନ୍ତି। ଆମେରିକାର ଟେକ୍ସାସ ସ୍ଥିତ ଡଲାସରେ ପହଞ୍ଚିବା ପରେ ତାଙ୍କୁ ସେଠାରରେ ପ୍ରବାସୀ ଭାରତୀୟ ଏବଂ ପ୍ରବାସୀ ଭାରତୀୟ କଂଗ୍ରେସ ସଭ୍ୟମାନେ ବିପୁଳ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ପ୍ରବାସୀ ଭାରତୀୟ କଂଗ୍ରେସ ପକ୍ଷରୁ ସୋସିଆଲ ମିଡ଼ିଆରେ କୁହାଯାଇଛି ଯେ, ରାହୁଲ ତାଙ୍କୁ ମିଳିଥିବା ସ୍ୱାଗତ ସମ୍ବର୍ଦ୍ଧନାରେ ଅଭିଭୂତ ହୋଇଛନ୍ତି। ବିରୋଧୀ ଦଳ ନେତା ଭାବେ ରାହୁଲଙ୍କର ଏହା ପ୍ରଥମ ଆମେରିକା ଗସ୍ତ। ଏହି ଗସ୍ତ ଅବସରରେ ରାହୁଲ ଆମେରିକା କଂଗ୍ରେସର ସଭ୍ୟମାନଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି। ଏହା ଦୁଇ ଦେଶ ମଧ୍ୟରେ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

## ଦୁଇଟି ବଗି ଛାଡ଼ି ମଗଧ ଏକ୍ସପ୍ରେସ ଚାଲିଗଲା

ନୂଆଦିଲ୍ଲୀ, ୮।୯: ନୂଆଦିଲ୍ଲୀରୁ ବିହାରର ଇସଲାମପୁର ଯାଉଥିବା ମଗଧ ଏକ୍ସପ୍ରେସ ବକ୍ସର ଜିଲ୍ଲାରେ ଦୁଇଟି ବଗି ଛାଡ଼ି ଆଗକୁ ଚାଲିଯାଇଥିଲା। ଟ୍ରେନ ନମ୍ବର ୨୦୮୦୨ର ବଗି ନମ୍ବର ୧୩ ଓ ୧୪କୁ ପଛରେ ଛାଡ଼ି ଟ୍ରେନ ଆଗକୁ ଚାଲିଯାଇଥିଲା। ଠିକ ସମୟରେ ରେଳବାଇ କର୍ମଚାରୀ ଏ ସମ୍ପର୍କରେ ଜାଣିବା ପରେ ଏହି ରୁଟରେ ଯାଉଥିବା ଅନ୍ୟ ଟ୍ରେନ ଗୁଡ଼ିକୁ ଅଟକାଯାଇଥିଲା। ନଚେତ ଏକ ବଡ଼ ଧରଣର ଦୁର୍ଘଟଣା ଘଟିବା ସୁନିଶ୍ଚିତ ଥିଲା। ପରେ ଦୁଇଟି ବଗିକୁ ଭିନ୍ନ ଏକ ଇଞ୍ଜିନ ସାହାଯ୍ୟରେ ନିଆଯାଇଥିଲା ଏବଂ ମୂଳ ଟ୍ରେନ ସହସଂଯୁକ୍ତ କରାଯାଇଥିଲା। ଟ୍ରେନର ଲକ୍ ସିଷ୍ଟମର ମରାମତି କରାଯାଇଛି।

## ଦୁର୍ଭିକ୍ଷରେ ଆଉଟୁପାଉଟୁ ଆଫ୍ରିକା, ଚାଉଳ ପଠାଇଲା ଭାରତ

ନୂଆଦିଲ୍ଲୀ, ୮।୯: ଦୁର୍ଭିକ୍ଷରେ ଆଉଟୁପାଉଟୁ ହେଉଛି ଆଫ୍ରିକା। ତାଙ୍କୁ ସହାୟତାର ହାତ ବଢ଼ାଇଲା ଭାରତ। ଆଫ୍ରିକାକୁ ଚାଉଳ ଓ ମକା ପଠାଇଛି ଭାରତ। ଜିମ୍ବାୱେ ଓ ମାଲାୱିକୁ ମାନବୀୟ ସହାୟତା ଭାବେ ୧ହଜାର ମେଟ୍ରିକ୍ ଟନ୍ ଲେଖାଏଁ ଚାଉଳ ପଠାଯାଇଛି। ସେହପରି ଜାମ୍ବିଆକୁ ୧୩ଶହ ମେଟ୍ରିକ ଟନ୍ ମକା ଯାଇଛି। ଏଲ୍-ନିନୋ ପ୍ରଭାବରେ ଦକ୍ଷିଣ ଆଫ୍ରିକୀୟ ଦେଶରେ ଦେଖାଦେଇଛି ଉତ୍କଟ ମରୁଡ଼ି। ଏହାକୁ ଦେଖି ସହାୟତାର ହାତ ବଢ଼ାଇଛି ଭାରତ। ଭାରତରୁ ଏହି ୩ଟି ଆଫ୍ରିକୀୟ ଦେଶକୁ ଖାଦ୍ୟଶସ୍ୟ ପଠାଯାଇଥିବା ସୂଚନା ଦେଇଛନ୍ତି ବୈଦେଶିକ ବ୍ୟାପାର ମନ୍ତ୍ରାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ। ନାଭା ଶେଭା ବନ୍ଦରରୁ ଜିମ୍ବାୱେକୁ ୧ ହଜାର ଟନ୍ ଚାଉଳ ପଠାଯାଇଛି। ପ୍ରଶାନ୍ତ ମହାସାଗରରେ ଏଲ-ନିନୋ ପ୍ରଭାବରେ ଦକ୍ଷିଣ ଆଫ୍ରିକୀୟ ଦେଶରେ ବର୍ଷାଭାବ ଯୋଗୁଁ ଘୋର ଖାଦ୍ୟ ସଂକଟ ଦେଖାଦେଇଛି। ସ୍ଥିତି ଏପରି ହୋଇଛି ଯେ, ଭୋକ ବିକଳରେ ଲୋକେ ବନ୍ୟଜନ୍ତୁ ମାରି ଖାଇବାକୁ ବି ପଛାଉନାହାନ୍ତି।

**ଜାମ୍ମୁ-କାଶ୍ମୀର ନିର୍ବାଚନ**

# ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କଲା ବିଜେପି

ଶ୍ରୀନଗର, ୮।୯: ଜମ୍ମୁ କଶ୍ମୀର ବିଧାନସଭା ନିର୍ବାଚନ ପାଇଁ ଆଜି ଷଷ୍ଠ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି ବିଜେପି। ଏହି ତାଲିକାରେ 10 ଜଣ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇ ଥିବାବେଳେ ବାଦ୍ ପଡ଼ିଛନ୍ତି ପୂର୍ବତନ ଉପମୁଖ୍ୟମନ୍ତ୍ରୀ କବିନ୍ଦର ଗୁପ୍ତା। ଗାନ୍ଧି ନଗର (ବର୍ତ୍ତମାନର ବାହୁ) ଆସନରୁ ଦଳ ତାଙ୍କ ବଦଳରେ ବିକ୍ରମ ରନ୍ଧୱାଙ୍କୁ ଟିକେଟ୍ ଦେଇଛି।

ସେହିପରି ଦଳ କଠୁଆରୁ ଭରତ ଭୂଷଣଙ୍କୁ ଟିକେଟ୍ ଦେଇ ଥିବାବେଳେ ଗୁଲାମ ମହମ୍ମଦ ମୀରଙ୍କୁ ହନ୍ଦୱାଡାରୁ ପ୍ରାର୍ଥୀ ଘୋଷଣା କରିଛି। ମୀର ଜମ୍ମୁ କଶ୍ମୀର ପିପୁଲ୍ସ କନଫରେନ୍ସ ମୁଖ୍ୟ ସାଜଜାଦ ଲୋନଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ, ଯାହାଙ୍କୁ ବିଜେପି ଲୋକସଭା ନିର୍ବାଚନ ସମୟରେ ବାରମୁଲ୍ଲା ଆସନରେ ସମର୍ଥନ କରିଥିଲା। ସେପଟେ, ନାସିର ଅହମ୍ମଦ ଲୋନ ବନ୍ଦିପୋରାରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ଆର.ଏସ୍ ପାଥାନିଆଙ୍କୁ ଉଦମପୁର ପୂର୍ବରୁ ଟିକେଟ୍ ଦିଆଯାଇଛି।ମହମ୍ମଦ ଇଡ୍ରେସ୍ କର୍ନାହି, ଅବଦୁଲ ରସିଦ ଖାନ ଏବଂ ଫକିର ମହମ୍ମଦ ଖାନ ଯଥାକ୍ରମେ କରନାହ, ସୋନାୱାରୀ ଏବଂ ଗୁରେଜରୁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବିଷନାହ ନିର୍ବାଚନମଣ୍ଡଳୀରୁ ରାଜୀବ ଭଗତ ଏବଂ ମଢ଼ରୁ ସୁରିନ୍ଦର ଭଗତ ପ୍ରାର୍ଥୀ ହୋଇଛନ୍ତି।

ଜମ୍ମୁ କଶ୍ମୀରରୁ ଧାରା ୩୭୦ ଉଚ୍ଛେଦ ଏବଂ ନ୍ଦ୍ରଶାସିତ ଅଞ୍ଚଳ ମାନ୍ୟତା ପାଇବା ପରେ ଏଠାରେ ପ୍ରଥମ ଥର ବିଧାନସଭା ଅନୁଷ୍ଠିତ ହେଉଛି। ଏଥିପାଇଁ ବିଜେପି ଶୁକ୍ରବାର ଘୋଷଣାପତ୍ର ପ୍ରକାଶ କରିଥିଲା, ଯେଉଁଥିରେ ବିକାଶମୂଳକ କାର୍ଯ୍ୟକୁ ମୁଦ୍ଦା କରାଯାଇଥିଲା। ବିଶେଷ କରି ପର୍ଯ୍ୟଟନ କ୍ଷେତ୍ରର ବିକାଶକୁ ବିଜେପି ନିର୍ବାଚନୀ ଘୋଷଣାପତ୍ରରେ ମୁଖ୍ୟ ମୁଦ୍ଦା କରିଛି।

ଜମ୍ମୁ କଶ୍ମୀରରେ ସେପ୍ଟେମ୍ବର ୧୮, ୨୫ ଏବଂ ଅକ୍ଟୋବର ୧ରେ ତିନୋଟି ପର୍ଯ୍ୟାୟରେ ମତଦାନ ହେବ ଏବଂ ଅକ୍ଟୋବର 8ରେ ଫଳାଫଳ ପ୍ରକାଶ ପାଇବ। କଂଗ୍ରେସ ଏବଂ ଫାରୁକ୍ ଅବଦୁଲ୍ଲାଙ୍କ ନ୍ୟାସନାଲ କନଫରେନ୍ସ (NC) ମେଣ୍ଟ କରି ଥିବାବେଳେ ମେହବୁବା ମୁଫତିଙ୍କ ପିପୁଲ୍ସ ଡେମୋକ୍ରାଟ୍ ପାର୍ଟି (PDP) ଏବଂ ବିଜେପି ଏପର୍ଯ୍ୟନ୍ତ କୌଣସି ମେଣ୍ଟ କରିନାହାଁନ୍ତି।

# ୯ ଦିନର ଝିଅକୁ ବିଷଦେଇ ମାରିଦେଲେ ବାପାମାଆ

ଚେନ୍ନାଇ, ୮।୯: ୯ ଦିନର ଶିଶୁକୁ ବିଷ ଦେଇ ମାରିଦେବା ଅଭିଯୋଗରେ ଏକ ଦମ୍ପତିଙ୍କୁ ଗିରଫ କରିଛି ପୁଲିସ। ଝିଅ ହେବାରୁ ନବଜାତ ଶିଶୁଟିକୁ ବିଷ ଦେଇ ମାରିବା ପରେ ଘର ପଛପଟେ ପୋତି ଦେଇଥିଲେ। ଏପରି ଆମାନୁଶିକ ଘଟଣା ଘଟିଛି ତାମିଲନାଡୁରେ।

ସୂଚନା ଅନୁସାରେ, ଗିରଫ ହୋଇଥିବା ଦମ୍ପତି ହେଉଛନ୍ତି ସି ଜୀଭା ଏବଂ ଜେ ଡାଏନା। ଉଭୟଙ୍କର ୨ ବର୍ଷର ଏକ ଝିଅ ଥିଲା। ଅଗଷ୍ଟ ୨୭ରେ ତାମିଲନାଡୁ ଭେଲୋରର ଏକ ହସ୍ପିଟାଲରେ ଆଉ ଏକ ଝିଅ ଜନ୍ମ ହୋଇଥିଲା। କିନ୍ତୁ ସେମାନଙ୍କର ପୁଅ ଦରକାର ଥିବାରୁ ନବଜାତ ଶିଶୁକନ୍ୟାକୁ ମାରିଦେବାକୁ ଯୋଜନା କରିଥିଲେ। ଡାକ୍ତରଖାନାରୁ ଡିସଚାର୍ଜ ହୋଇ ଆସିବା ପରେ ଶିଶୁଟିକୁ ବିଷାକ୍ତ କ୍ଷୀର ପିଇବାକୁ ଦେଇଥିଲେ। ଫଳରେ ତା'ର ମୃତ୍ୟୁ ହୋଇଥିଲା। ଏନେଇ ପରିବାରର କୌଣସି ସଦସ୍ୟଙ୍କୁ ନ ଜଣାଇ ତୁରନ୍ତ ଘର ପଛପଟେ ପୋତି ଦେଇଥିଲେ। କିନ୍ତୁ ପରିବାର ଲୋକେ ଏନେଇ ସନ୍ଦେହ କରି ପୁଲିସରେ ଖବର ଦେଇଥିଲେ। ଖବର ପାଇ ପୁଲିସ ଖୋଳତାଡ଼ କରି ପର୍ଦ୍ଦାଫାସ କରିଛି। ଝିଅ ହେବାରୁ ସି ଜୀଭା ଏବଂ ଜେ ଡାଏନା ନବଜାତ ଶିଶୁଟିକୁ ମାରି ପୋତି ଦେଇଥିବା ସ୍ୱୀକାର କରିଛନ୍ତି। ସେପଟେ, ପୁଲିସ ପୋଷ୍ଟମୋର୍ଟମ ପାଇଁ ମାଟିତଳୁ ମୃତଦେହ ଉଦ୍ଧାର କରିବା ସହ ବାପାମାଆଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି।

# ଏନ୍‌ଆର୍‌ସି ନମ୍ବର ନ ଦେଲେ ମିଳିବନି ଆଧାର କାର୍ଡ଼




ନୂଆଦିଲ୍ଲୀ, ୮।୯: ଏଣିକି ଆଧାର କାର୍ଡ କରିବା ଆଉ ହେବନି ସହଜ। ଏନ୍‌ଆର୍‌ସି ନମ୍ବର ନ ଦେଲେ ଆଉ ମିଳିବନି ଆଧାର କାର୍ଡ। ଆଧାର କାର୍ଡ ପାଇବାକୁ ହେଲେ ସମସ୍ତ ଆବେଦନକାରୀଙ୍କୁ ନିଜର ଏନ୍‌ଆର୍‌ସି ନମ୍ବର ବା ରସିଦ ନମ୍ବର ଜମା କରିବାକୁ ହେବ। ଏଭଳି କିଛି ବଡ଼ ଘୋଷଣା କରିଛନ୍ତି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା।

ରାଜ୍ୟରେ ବେଆଇନ ଅନୁପ୍ରବେଶକୁ ରୋକିବା ପାଇଁ ଏଭଳି କିଛି ନୂଆ ନିୟମ ଆଣିଛନ୍ତି ସରକାର। ଏଥିପାଇଁ ଆଧାର କାର୍ଡ ଜାରି କରିବା ପାଇଁ ରାଜ୍ୟ ସରକାର କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଥିପାଇଁ ଏକ ଏସ୍‌ଓପି ପ୍ରସ୍ତୁତ ହେବ ଓ ଅକ୍ଟୋବର ୧ରୁ ଏହା ଲାଗୁ ହେବ। ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି, 'ଆଧାର କାର୍ଡ ପାଇଁ ଆବେଦନ ସଂଖ୍ୟା ଜନସଂଖ୍ୟାଠୁ ଅଧିକ। ଏହା ଦର୍ଶାଉଛି ଯେ ସନ୍ଦିଗ୍ଧ ନାଗରିକ ଅଛନ୍ତି। ଏଥିପାଇଁ ନୂଆ ଆବେଦନକାରୀଙ୍କୁ ନିଜ ଏନଆରସି ଆବେଦନ ରସିଦ ସଂଖ୍ୟା ଜମା କରିବାକୁ ପଡ଼ିବ ବୋଲି ଆମେ ନିଷ୍ପତ୍ତି ନେଇଛୁ।

ରାଜ୍ୟର ଏପରି ଚାରୋଟି ଜିଲ୍ଲା ଅଛି, ଯେଉଁଠାରୁ ଆନୁମାନିକ ଜନସଂଖ୍ୟା ଅପେକ୍ଷା ଆଧାରକାର୍ଡ ପାଇଁ ଅଧିକ ଆବେଦନ ଆସିଛି। ଏହି ୪ ଜିଲ୍ଲାରେ ବାରପେଟାରେ ୧୦୩.୭୪ ପ୍ରତିଶତ, ଧୁବ୍ରିରେ ୧୦୩ ପ୍ରତିଶତ, ଉଭୟ ମୋରିଗାଓଁ ଏବଂ ନାଗାଓଁରେ ୧୦୧ ପ୍ରତିଶତ ଆବେଦନ ରହିଛି।ସେଥିପାଇଁ ଯେଉଁମାନଙ୍କର ଏନ୍‌ଆର୍‌ସି ନମ୍ବର ଅଛି, ସେମାନଙ୍କୁ ଆଧାରକାର୍ଡ ଦିଆଯିବ, ଯାହା ଦ୍ୱାରା ଅନୁପ୍ରବେଶକାରୀମାନେ ନାଗରିକତ୍ୱ ପାଇବେ ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ କହିବା ଅନୁଯାୟୀ, ବର୍ତ୍ତମାନ ଆସାମରେ ଆଧାରକାର୍ଡ ପାଇବା ସହଜ ହେବ ନାହିଁ। ଆଧାରକାର୍ଡ ପ୍ରଦାନରେ ଅନ୍ୟ ରାଜ୍ୟ ମଧ୍ୟ କଡ଼ା କାର୍ଯ୍ୟ କରିବେ ବୋଲି ଆଶା କରାଯାଉଛି। ୯.୫୫ ଲକ୍ଷ ଲୋକଙ୍କ ପାଇଁ ଏନ୍‌ଆର୍‌ସି ଆବେଦନ ରସିଦ ନମ୍ବର (ଏଆର୍‌ଏନ୍) ଦାଖଲ ହେବ ନାହିଁ, ଯାହାର ବାୟୋମେଟ୍ରିକ୍ସ ଏନ୍‌ଆର୍‌ସି ପ୍ରକ୍ରିୟା ସମୟରେ କରାଯାଇଥିଲା। ସେହିମାନେ ସେମାନଙ୍କ କାର୍ଡ ପାଇବେ।

ଚା' ବଗିଚା ଚାଷ କ୍ଷେତ୍ରରେ ମଧ୍ୟ ଏହି ପ୍ରକ୍ରିୟା ପ୍ରଯୁଜ୍ୟ ହେବ ନାହିଁ। କାରଣ ପର୍ଯ୍ୟାପ୍ତ ବାୟୋମେଟ୍ରିକ ମେସିନ ଉପଲବ୍ଧ ନ ହେବା ଭଳି କିଛି ଅସୁବିଧା ହେତୁ ସେଠାରେ ଥିବା ଲୋକମାନେ ଆଧାର କାର୍ଡ ପାଇନାହାନ୍ତି ବୋଲି ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି।

# ୟୁଟ୍ୟୁବ୍ ଦେଖି ଗଲ୍ ବ୍ଲାଡର ଅପରେସନ, ନାବାଳକ ମୃତ



ପାଟନା, ୮।୯: ଗଲ୍ ବ୍ଲାଡର ଷ୍ଟୋନ୍ ଅପରେସନ ସମୟରେ ଜଣେ ୧୫ ବର୍ଷୀୟ ନାବାଳକର ମୃତ୍ୟୁ ଘଟିଛି। ନକଲି ଡାକ୍ତର ୟୁଟ୍ୟୁବ୍ ଦେଖି ଅପରେସନ କରୁଥିବା ସମୟରେ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ବିହାରର ସରାନ ଜିଲ୍ଲାରେ ଘଟିଛି ଏହି ଅଘଟଣ।

ସୂଚନା ଅନୁସାରେ, ଶୁକ୍ରବାର ରାତିରେ ନାବଳକଙ୍କୁ ବାନ୍ତି ଏବଂ ପେଟ ଯନ୍ତ୍ରଣା ହୋଇଥିଲା। ପରିବାର ଲୋକେ ତାଙ୍କୁ ଅଜିତ କୁମାର ପୁରୀଙ୍କ ଦ୍ୱାରା ପରିଚାଳିତ କ୍ଲିନିକରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ପୁରୀ ବିନା ପରୀକ୍ଷା ନୀରିକ୍ଷା କିମ୍ବା ପରିବାର ବର୍ଗଙ୍କ ଅନୁମତି ନ ନେଇ ଅପରେସନ ଆରମ୍ଭ କରି ଦେଇଥିଲେ।

ୟୁଟ୍ୟୁବ୍ ଦେଖି ଅସ୍ତ୍ରୋପଚାର କରିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକେ କହିଛନ୍ତି ଯେ, ଅପରେସନ ସମୟରେ ପୁଅର ଅବସ୍ଥା ବିଗିଡି ଯାଇଥିଲା। ସେମାନେ ପ୍ରତିବାଦ କରିବାରୁ ପୁରୀ ସେମାନଙ୍କ ଉପରେ ପାଟିତୁଣ୍ଡ କରି 'ମୁଁ ଡାକ୍ତର ନା ତୁମେ?' କହିଥିଲେ। ଏହାପରେ ପିଲାଟିର ଅବସ୍ଥା ଅଧିକ ବିଗିଡ଼ି ଯିବାରୁ ପାଟନା ସ୍ଥାନାନ୍ତର କରିବାକୁ କହିଥିଲେ ଅଜିତ କୁମାର ପୁରୀ। ମାତ୍ର ଡାକ୍ତରଖାନା ନେବା ବାଟରେ ତାଙ୍କର ମୃତ୍ୟୁ ଘଟିଛି।

ଏଥିପାଇଁ ପରିବାର ଲୋକେ ନିଜକୁ ଡାକ୍ତର କହୁଥିବା ଅଜିତ କୁମାରଙ୍କୁ ସମ୍ପୂର୍ଣ୍ଣ ରୂପେ ଦାୟୀ କରିଛନ୍ତି। ଅଜିତ କୁମାର ଜଣେ ନକଲି ଡାକ୍ତର, ସେ ୟୁଟ୍ୟୁବ୍ ଦେଖି ଅପରେସନ କରୁଥିବାରୁ ପୁଅର ମୃତ୍ୟୁ ଘଟିଥିବା ଅଭିଯୋଗ କରିବା ସହ ଏନେଇ ଥାନାରେ ଏତଲା ଦେଇଛନ୍ତି। ପୁଲିସ ଅଭିଯୋଗ କ୍ରମେ ଅଜିତ କୁମାର ପୁରୀଙ୍କ ବିରୁଦ୍ଧରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେପଟେ ଅଜିତ କୁମାର ଫେରାର୍ ହୋଇ ଯାଇଥିବାରୁ ଟିମ୍ ଗଠନ କରି ଖୋଜାଖୋଜି କରୁଛି ପୁଲିସ।

# କୋଠା ଭୁଶୁଡ଼ିବା ଘଟଣା: ମୃତ୍ୟୁ ସଂଖ୍ୟା ୮କୁ ବୃଦ୍ଧି



ଲକ୍ଷ୍ନୌ, ୮।୯: ପ୍ରଦେଶ ଲକ୍ଷ୍ନୌରେ କୋଠା ଭୁଶୁଡ଼ିବା ଘଟଣାରେ ମୃତ୍ୟୁସଂଖ୍ୟା ୮କୁ ବୃଦ୍ଧି। ଭଙ୍ଗା କୋଠା ତଳେ ଆହୁରି ଅନେକ ଲୋକ ଚାପି ହୋଇ ରହିଥିବା ଆଶଙ୍କା ରହିଛି। ରାତିସାରା ଜାରି ରହିଛି ଉଦ୍ଧାର କାର୍ଯ୍ୟ। ଗତ ସନ୍ଧ୍ୟାରେ ଲକ୍ଷ୍ନୌ ଟ୍ରାନ୍ସପୋର୍ଟ ନଗରରେ ଏହି ଦୁର୍ଘଟଣା ଘଟିଛି। ଦୁର୍ଘଟଣାସ୍ଥଳରୁ ୨୮ ଜଣଙ୍କୁ ଉଦ୍ଧାର ପରେ ବିଭିନ୍ନ ମେଡିକାଲରେ ଭର୍ତ୍ତି କରାଯାଇଛି। ଘଟଣାସ୍ଥଳରେ ଏବେ ଏନଡିଆରଏଫ୍, ଏସଡିଆରଏଫ୍, ଅଗ୍ନିଶମ ବାହିନୀ ଓ ପୋଲିସର ମିଳିତ ଟିମ୍ ଉଦ୍ଧାର କାର୍ଯ୍ୟରେ ଲାଗିଛନ୍ତି। ସେହିଭଳି ଡ୍ରୋନ୍ କ୍ୟାମେରା ଜରିଆରେ ମଧ୍ୟ ଉଦ୍ଧାର କାର୍ଯ୍ୟ କରାଯାଉଛି। ପୁଲିସ ସୂଚନା ମୁତାବକ, କୋଠା ନିକଟରେ ଥିବା ଆଉ ଗୋଟିଏ ବିଲଡିଂ ଓ ଦୋକାନ ଘର ମଧ୍ୟ ଆଂଶିକ କ୍ଷତିଗ୍ରସ୍ତ ହୋଇଛି। ବିଲଡିଂ ଭୁଶୁଡ଼ିବା ବେଳେ ଗୋଟିଏ ଟ୍ରକ ସେଠାରେ ଛିଡ଼ା ହୋଇଥିଲା। ଫଳରେ ଟ୍ରକ୍‌ଟି ମଧ୍ୟ ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ଧ୍ୱଂସାବଶେଷ ତଳେ ଟ୍ରକଟି ପୋତି ହୋଇଯାଇଛି। ୩ ମହଲା ବିଶିଷ୍ଟ ଏହି କୋଠାକୁ ଏକ ଫାର୍ମାସ୍ୟୁଟିକାଲ କମ୍ପାନୀର ଗୋଡାଉନ୍ ଭାବେ ବ୍ୟବହାର କରାଯାଉଥିଲା। ତଳ ମହଲା ମୋବାଇଲ ଓ ସ୍ପେୟାର ପାର୍ଟରେ କାମ ହେଉଥିଲା। ମଝି ଫ୍ଲୋର୍‌ରେ ଔଷଧ ଓ ତୃତୀୟ ମହଲା ଗିଫ୍ଟ ଆଇଟମ୍ ଓ ୱେୟର ହାଉସ୍ ଥିଲା। ପ୍ରଶାସନର କହିବା ମୁତାବକ, ତଳ ମହଲାରେ ଫଶି ରହିଥିବା ସମସ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇଛି। ଅନ୍ୟ ଦୁଇ ମହଲା ଆବର୍ଜନା ତଳେ କେତେ ଲୋକ ଫସି ରହିଛନ୍ତି ତାହା ଏପର୍ଯ୍ୟନ୍ତ ଜଣା ପଡିନାହିଁ। ଯୁଦ୍ଧକାଳୀନ ଭିତ୍ତିରେ ଉଦ୍ଧାର କାର୍ଯ୍ୟ ଜାରି ରହିଛି।

# ଭାରତରେ ପଶିଲା ମଙ୍କିପକ୍ସ!

**ବିଦେଶ ଫେରନ୍ତାଙ୍କ ଶରୀରରେ ଲକ୍ଷଣ ଚିହ୍ନଟ**




ଭାରତରେ ମଙ୍କିପକ୍ସର ଏଣ୍ଟ୍ରି ହୋଇଥିବା ନେଇ ଆଶଙ୍କା କରାଯାଉଛି। କାରଣ ଜଣେ ବିଦେଶ ଫେରନ୍ତା ଯୁବକ ମଙ୍କିପକ୍ସ ଆକ୍ରାନ୍ତରେ ଚିହ୍ନଟ ହୋଇଥିବା ସନ୍ଦେହ କରାଯାଉଛି। ଏନେଇ କେନ୍ଦ୍ର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟ ଅନୁସାରେ, ସନ୍ଦିଗ୍ଧ ଯୁବକ ମଙ୍କିପକ୍ସ ଆକ୍ରାନ୍ତ ଦେଶ ଭ୍ରମଣ କରିଥିଲେ। ତାଙ୍କ ଶରୀରରେ କିଛି ଲକ୍ଷଣ ଦେଖା ଯିବାରୁ ନମୂନା ପରୀକ୍ଷା ପାଇଁ ପଠାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ରହିଛି। ନମୂନା ପରୀକ୍ଷା ରିପୋର୍ଟ ଆସିବା ପରେ ମଙ୍କିପକ୍ସ ହୋଇଛି କି ନାହିଁ, ସ୍ପଷ୍ଟ ହେବ ବୋଲି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ଅଗଷ୍ଟ 14ରେ ମଙ୍କିପକ୍ସକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ହେଲଥ ଏମର୍ଜେନ୍ସି ଘୋଷଣା କରିଥିଲେ। ପାଖାପାଖି 17ଟି ଦେଶକୁ ମଙ୍କିପକ୍ସ ବିସ୍ତାର କରିସାରିଛି। କିନ୍ତୁ ଜୁଲାଇରେ ନୂଆ ଭାରିଆଣ୍ଟ 'କ୍ଲେଡ୍ 1ବି' ଚିହ୍ନଟ ହେବା ପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହାକୁ ହେଲଥ ଏମର୍ଜେନ୍ସି ରୂପେ ଘୋଷଣା କରିଛି। ରିପୋର୍ଟ ଅନୁସାରେ, ବୁରୁଣ୍ଡି, କେନିଆ, ରୁୱାଣ୍ଡା ଏବଂ ଉଗାଣ୍ଡାରେ ମଙ୍କିପକ୍ସର ନୂଆ ଷ୍ଟ୍ରେନରେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେବେ ଭାରତରେ ସନ୍ଦିଗ୍ଧ ରୋଗୀ କୌଣସି ଷ୍ଟ୍ରେନରେ ଆକ୍ରାନ୍ତ ହୋଇଛନ୍ତି କି ନାହିଁ, ସେ ଉପରେ ମଧ୍ୟ ପରୀକ୍ଷା କରାଯିବ।

# ହରିଆଣାରେ କଂଗ୍ରେସ-ଆପ୍ ମେଣ୍ଟକୁ ସୋମନାଥଙ୍କ ନା



ପାଖେଇ ଆସିଲାଣି ହରିଆଣା ବିଧାନସଭା ନିର୍ବାଚନ। ଆଉ ଦିନ କେଇଟା ପରେ ପଡ଼ିବ ଭୋଟ୍। ଏଥିପାଇଁ ସମସ୍ତ ଦଳ ଜୋରସୋର୍‌ରେ ପ୍ରସ୍ତିତି ଚଳାଇଛନ୍ତି। କିନ୍ତୁ ସବୁଠାରୁ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି କଂଗ୍ରେସ ଓ ଆମ ଆଦମୀ ପାର୍ଟିର ମେଣ୍ଟ। ଆପ ଓ କଂଗ୍ରେସ ଭିତରେ ମେଣ୍ଟକୁ ନେଇ ଅନେକ ବୈଠକ ଅନୁଷ୍ଠିତ ହୋଇସାରିଛି। କିନ୍ତୁ କୌଣସି ସହମତି ହୋଇପାରି ନାହିଁ। ଉଭୟ ଦଳର ଅନେକ ନେତା ମଧ୍ୟ ଏହି ମେଣ୍ଟକୁ ନେଇ ଖୁସି ନାହାନ୍ତି। ଏବେ ଏହି ମେଣ୍ଟକୁ ନେଇ ଆପ୍ ନେତା ସୋମନାଥ ଭାରତୀ ବର୍ଷିଛନ୍ତି।

ଆପ୍ ବିଧାୟକ ସୋମନାଥ ଭାରତୀ କଂଗ୍ରେସ ସହ ଆପ୍‌ର ମେଣ୍ଟ ମେଳ ଖାଉନି ବୋଲି କହି ରାହୁଲ ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଏବଂ ମଲିକାର୍ଜୁନ ଖାଡ଼ଗେ ଉପରେ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି ଯେ, ଆମ୍ ଆଦମୀ ପାର୍ଟିକୁ ପରାସ୍ତ କରିବା ପାଇଁ କଂଗ୍ରେସ ଏବଂ ବିଜେପି ଗୁପ୍ତରେ ମିଳିତ ଭାବେ କାମ କରୁଛନ୍ତି। ଲୋକସଭା ନିର୍ବାଚନ ସମୟରେ ରାହୁଲ ଗାନ୍ଧୀ, ପ୍ରିୟଙ୍କା ଏବଂ ଖାଡ଼ଗେଙ୍କ ସମେତ କଂଗ୍ରେସ ନେତାଙ୍କ ଦ୍ୱାରା ଆପ୍ ପ୍ରାର୍ଥୀଙ୍କ ପାଇଁ କୌଣସି ପ୍ରଚାର କରାଯାଇ ନାହିଁ। କିନ୍ତୁ କେଜ୍ରିଓ୍ୱାଲ କଂଗ୍ରେସ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ। କିନ୍ତୁ କଂଗ୍ରେସ ଆମକୁ ସମର୍ଥନ କରିନଥିଲା। କଂଗ୍ରେସ ନେତାମାନେ ବିଜେପିକୁ ସାହାଯ୍ୟ କରିଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। କେବଳ ସେତିକି ନୁହେଁ ମଦ ଦୁର୍ନୀତିରେ ଅରବିନ୍ଦ କେଜ୍ରିଓ୍ୱାଲ ଏବଂ ଆପ୍ ନେତାମାନେ ଜେଲ ଯାଇଥିବା ପଛରେ କଂଗ୍ରେସ ନେତା ଅଜୟ ମାକେନଙ୍କ ଷଡଯନ୍ତ୍ର ଥିବା ମଧ୍ୟ ସେ ଅଭିଯୋଗ ଆଣିଛନ୍ତି। ହରିଆଣା ବିଧାନସଭା ନିର୍ବାଚନରେ ଆମ୍ ଆଦମୀ ପାର୍ଟି ଏକା ଲଢ଼ିବା ଉଚିତ ବୋଲି ସୋମନାଥ ଭାରତୀୟ ଦଳର ହାଇକମାଣ୍ଡଙ୍କ ନିକଟରେ ଦାବି କରିଛନ୍ତି। ସେ କହିଛନ୍ତି ଯେ ହରିଆଣା ବିଜେପି ସଙ୍କଟ ଦେଇ ଗତି କରୁଛି। କଂଗ୍ରେସରେ ମଧ୍ୟ ବଡ଼ ଧରଣର ଆଭ୍ୟନ୍ତରୀଣ କନ୍ଦଳ ରହିଛି। ଏଥି ସହିତ ହରିଆଣା ହେଉଛି କେଜ୍ରିୱାଲଙ୍କ ଘର, ତେଣୁ ଆମ୍ ଆଦମୀ ପାର୍ଟି ହରିଆଣାର ପ୍ରଥମ ଅଣ-ବିଜେପି ଏବଂ ଅଣ-କଂଗ୍ରେସ ସରକାର ଦେବା ପାଇଁ ସମସ୍ତ ୯୦ଟି ଯାକ ସିଟ୍ରେ ଏକାକି ଲଢ଼ିବା ଉଚିତ୍। କହିରଖୁ ଯେ, ଆସନ୍ତା ଅକ୍ଟୋବର ୫ ତାରିଖରେ ହରିଆଣାର ୯୦ଟି ବିଧାନସଭା ଆସନ ପାଇଁ ଭୋଟ ପଡିବ।

# ପୁନରୁଦ୍ଧାର ହେଉନି ଗ୍ରାମାଞ୍ଚଳର କୂପ ଓ ନଳକୂପ

**କଳାହାଣ୍ଡି, ୮।୯ (ସଂଚାର ବ୍ୟୁରୋ):** ଆଦିବାସୀବହୁଳ ଧର୍ମଗଡ ଉପଖଣ୍ଡରେ ପ୍ରାୟ ୫୦ ବର୍ଷ ପରେ ଗ୍ରାମାଞ୍ଚଳ ଲୋକେ ବଡ଼ ବଡ଼ କୂପ ବ୍ୟବହାର କରୁଥିଲେ। ସମ୍ପ୍ରତି ଆବଶ୍ୟକ ଯତ୍ନ ଅଭାବରୁ ଅର୍ଦ୍ଧାଧିକ କୂପ ପୋତି ହୋଇଯାଇଥିବାବେଳେ ଅନେକ ପରିତ୍ୟକ୍ତ ହୋଇ ପଡ଼ିରହିଛି। ପରେ ସରକାର ବିଭିନ୍ନ ପର୍ଯ୍ୟାୟରେ ଗାଁ, ପଡ଼ା ଆଦିରେ ନଳକୂପ ଖନନ କରି ଲୋକଙ୍କୁ ପାନୀୟ ଜଳ ସକାଶେ ବ୍ୟବସ୍ଥା କରିଥିଲେ । ମାତ୍ର ସମ୍ପ୍ରତି ସରକାର ବା ଗାଁସ୍ତରରେ କୌଣସି ଉଦ୍ୟମ ନହେବାରୁ ଏହି ପାନୀୟ ଜଳ ଉତ୍ସଗୁଡିକ ଉପେକ୍ଷିତ ହୋଇ ପଡ଼ିଥିବା ଦେଖାଯାଉଛି। ଅନ୍ୟପକ୍ଷେ ସରକାର ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସକାଶେ ବ୍ୟୟବହୁଳ ଯୋଜନା କରିଥିଲେ ମଧ୍ୟ ଅର୍ଦ୍ଧାଧିକ ପଞ୍ଚାୟତରେ ଏହା ବିଫଳ ହୋଇଛି। ଫଳରେ ସମ୍ପ୍ରତି ଗ୍ରୀଷ୍ମଋତୁରେ ଲୋକେ ପାଣି ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

ଧର୍ମଗଡ ଉପଖଣ୍ଡ ହେଉଛି ବଣପାହାଡ଼ଘେରା ଆଦିବାସୀ ବହୁଳ ଅଞ୍ଚଳ ଅଟେ। ଏଠାରେ ଜନବସତିର ଘନତା କମ ବୋଲି କୁହାଯାଏ। ଏପରିକି ଲୋକେ ବିକ୍ଷିପ୍ତ ଭାବେ ବସବାସ କରୁଥିବା ଯୋଗୁଁ ସରକାରଙ୍କ ପାନୀୟ ଜଳଯୋଗାଣ ଯୋଜନା ବା ବିଭିନ୍ନ ଉପାଦେୟ ଯୋଜନାରେ ବ୍ୟାପକ ସମସ୍ୟା ଦେଖାଯାଏ। ସ୍ୱାଧୀନତାର ଦୀର୍ଘବର୍ଷ ପରେ ମଧ୍ୟ ଏଯାବତ୍ ପ୍ରତିଘରକୁ ଜଳଯୋଗାଣ



ଯୋଜନା ଏକ ସ୍ଲୋଗାନ ହୋଇ ରହିଯାଇଛି । ଅନ୍ୟପକ୍ଷେ ଭୂତଳ ଜଳସ୍ତର କ୍ଷୀପ୍ରବେଗରେ ହ୍ରାସ ପାଉଥିବା ଯୋଗୁଁ ବ୍ୟବହାର ଉପଯୋଗୀ ଜଳ ପାଇଁ ଏବେବି ଗ୍ରାମାଞ୍ଚଳରେ ଲୋକେ ନାନା ହଇରାଣ ହେଉଥିବା ଦେଖାଯାଉଛି।

୮୦ ଦଶକ ପରଠାରୁ ସରକାରଙ୍କ ନଳକୂପ ଯୋଜନା ବ୍ୟାପକ ହେବାପରେ ଗ୍ରାମାଞ୍ଚଳରେ ସରକାରୀ ନଳକୂପର ଚାହିଦା ବୃଦ୍ଧି ପାଇଲା। ଅଧିକାଂଶ ଗ୍ରାମରେ ଏଯାବତ ନଳକୂପ ପାଣି ବ୍ୟବହାର କରୁଥିବା ଦେଖାଯାଉଛି । ପରେ ଗତ ପ୍ରାୟ ୧୫ବର୍ଷ ଧରି ଘରକୁ ପାଇପ ଯୋଗେ ଜଳଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଥିଲେ ମଧ୍ୟ ଏହା ଗ୍ରାମାଞ୍ଚଳରେ ୩୦ ଭାଗ ମଧ୍ୟ ସଫଳ ହୋଇନଥିବା ଦେଖାଯାଉଛି। ଏପରିସ୍ଥଳେ ଭୂତଳ ଜଳସ୍ତର ହ୍ରାସ ହେବାଯୋଗୁଁ ଗ୍ରୀଷ୍ମ ଦିନରେ ପାନୀୟ ଜଳସମସ୍ୟା ଉତ୍କଟ ହେଉ ହେଉଥିବା ଦେଖାଯାଉଛି। ସରକାରଙ୍କ ସର୍ବଦା ନୂତନ ଯୋଜନା କାର୍ଯ୍ୟକାରିତା ଉପରେ ଗୁରୁତ୍ୱ ଦେଉଥିବାବେଳେ ପୁରୁଣା ଲୋକାଭିମୁଖି ଯୋଜନାର ସୁରକ୍ଷା ଓ ବ୍ୟବହାର ପ୍ରତି ଅଣଦେଖା ଯୋଗୁଁ ସରକାରୀ ତହବିଲରୁ ଅଯଥା ଖର୍ଚ୍ଚ ବୃଦ୍ଧି ହେବା ସହ ପରିବେଶରେ ତାର ପ୍ରତିକୂଳ ପ୍ରଭାବ ରହୁଥିବା ଅଭିଯୋଗ ହେଉଛି। ବିଶେଷକରି ବଡ଼ କୂଅ ଯୋଜନାରେ କମ ଖନନରେ ମଧ୍ୟ ବ୍ୟବହାର ଉପଯୋଗୀ ପାଣି ଉପଲବ୍ଧ ହେଉଥିବା ସହ ବର୍ଷା ଜଳ ସଂରକ୍ଷଣରେ ପ୍ରମୁଖ ମାଧ୍ୟମ ବୋଲି କୁହାଯାଏ। ଏପରିକି ଭୂତଳ ଜଳସ୍ତରକୁ ରକ୍ଷା କରିବାରେ ସହାୟକ ହେବା ସହ ଗାଁଲୋକ ସ୍ୱାଧୀନ ଭାବେ ପାଣି ବ୍ୟବାହାରର ସୁଯୋଗ ରହିଥାଏ ବୋଲି କୁହାଯାଉଛି। ଅନ୍ୟପକ୍ଷେ ଏହି ଯୋଜନାକୁ ଅଣଦେଖା ଯୋଗୁଁ ଗ୍ରାମାଞ୍ଚଳର ପ୍ରାୟ ୪୦ ଭାଗ ଓ ସହରାଞ୍ଚଳର ୮୦ ଭାଗ ନଳକୂପ ଅଚଳ ହୋଇପଡ଼ିଥିବା ବିଭିନ୍ନ ସୂତ୍ରରୁ ଜଣାପଡ଼ିଛି। ସରକାର ଏଦିଗରେ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରି ପରିବେଶ ଅନୁକୂଳ ପଦକ୍ଷେପ ନେବାକୁ ସଚେତନ ମହଲରେ ମତପ୍ରକାଶ ପାଉଛି।

## ଏକତା ଓ ସହଭାଗିତାର ବିରଳ ଦୃଷ୍ଟାନ୍ତ

# ଝୁରିମାଲରେ ସାମୂହିକ ନୂଆଁଖାଇ ପାଳନ

**ସୁନ୍ଦରଗଡ, ୮।୯ (ସଂଚାର ବ୍ୟୁରୋ):** ସୁନ୍ଦରଗଡ ଜିଲ୍ଲା ଲେଫ୍ରିପଡ଼ା ବ୍ଲକ ଅନ୍ତର୍ଗତ ଝୁରୀମାଲ ଗ୍ରାମରେ ସାମୂହିକ ନୂଆଁଖାଇ ପାଳନ ମହା ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି । ଗାଁ ଦାଣ୍ଡରେ ରନ୍ଧା ହେଉଥିଲା ଗାଁର ପ୍ରତ୍ୟେକ ପରିବାରର ଖାଦ୍ୟ । ଭାତ, ଡାଲି, ଖିରୀ ପିଠାର ବାସ୍ନା ସଙ୍ଗେ ସଙ୍ଗେ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଗୋଟିଏ ଧାଡିରେ ବସି ନୂଆଁ ଚାଉଳ ସଙ୍ଗେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟର ମଜା ନେଇଥିଲେ ଆବାଳବୃଦ୍ଧ ବନିତା। ହୁଳହୁଳି, ହରିବୋଲ ସଙ୍ଗେ ସଙ୍ଗେ ପାରମ୍ପରିକ ସଙ୍କୀର୍ତ୍ତନ୍ୟର ତାଳେ ତାଳେ କାନ୍ଧକୁ କାନ୍ଧ ମିଶାଇ ନାଚୁଥିଲେ ଗ୍ରାମବାସୀ। ଏହିପରି ଏକ ଅଭିନବ ତଥା ନିଆରା ନୂଆଁଖାଇ ପାଳନ କରି ଏକତା ଓ ସହଭାଗିତାର ବିରଳ ଦୃଷ୍ଟାନ୍ତ ସୃଷ୍ଟି କରିଛି ଝୁରିମାଲ ଗାଁ।

ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଅଭିନବ ଢଙ୍ଗରେ ବେଶ ହର୍ଷ ଉଲ୍ଲାସରେ ଏହି ଗଣପର୍ବକୁ 'ସାମୂହିକ ନୂଆଁଖାଇ' ଭାବରେ ପାଳନ କରି ଏକତା, ସହଭାଗିତା ଓ ଭାଇଚାରାର ବାର୍ତ୍ତା ଦେଇଛି ଝୁରିମାଲ ଗାଁ। ଦୀର୍ଘ ୧୨ ବର୍ଷ ଧରି 'ସାମୂହିକ ନୂଆଁଖାଇ ପାଳନ' ଭାରି ଧୂମ ଧାମରେ ପାଳନ କରୁଛନ୍ତି ଝୁରିମାଲ ଗ୍ରାମବାସୀ। ପ୍ରଥମେ ୫ଟି ପରିବାର ମିଶି ଆରମ୍ଭ କରିଥିବା 'ସାମୂହିକ ନୂଆଁଖାଇ' ଆଜି ଗ୍ରାମର ସମୁଦାୟ ୧୬୩ଟି ପରିବାରକୁ ଏକତାର ଡୋରୀରେ ବାନ୍ଧି ରଖିଛି । ନୂଆଁଖାଇ ଭଳି ପର୍ବରେ ପ୍ରତ୍ୟେକ ଘରେ ଘରେ ବିଭିନ୍ନ ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଉଥିବା ବେଳେ ଗୋଟିଏ ଗାଁ ଏକତ୍ରିତ ହୋଇ ଗୋଟିଏ ସ୍ଥାନରେ 'ସାମୂହିକ ରନ୍ଧା' କରିବାର ଦୃଷ୍ଟାନ୍ତ ସବୁଠୁ ନିଆରା।



ଚଳିତ ବର୍ଷ ସର୍ବପ୍ରଥମେ ଗ୍ରାମର ଆରାଧ୍ୟ ଦେବତା ସଂକଟମୋଚନ ବଜରଙ୍ଗବଳୀଙ୍କ ପାଖରେ ନୂଆଁ ଚାଉଳ ଲାଗି ପୂଜା ଅର୍ଚ୍ଚନା କରିବା ପରେ ଗ୍ରାମର ପ୍ରତ୍ୟେକ ପରିବାର ନିଜ ନିଜ ଇଷ୍ଟଦେବା/ଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ । ଏହାପରେ ଗ୍ରାମର ପ୍ରତ୍ୟେକ ପରିବାରରୁ ଆବାଳ ବୃଦ୍ଧ ବନିତା ଏକତ୍ରିତ ହୋଇ ଗାଁ ଦାଣ୍ଡରେ ନବାନ୍ନ ଭକ୍ଷଣ ସହିତ ନୂଆଁଖାଇ ଖାଦ୍ୟ ଏକା ସାଙ୍ଗରେ ବସି ଖାଇଥିଲେ। ଏହାପରେ ଆରମ୍ଭ ହୋଇଥିଲା 'ନୂଆଁଖାଇ ଭେଟଘାଟ'ର ଅନନ୍ୟ ପରମ୍ପରା ।

ଏହି ଅବସରରେ ଝୁରିମାଲ ନୂଆଁଖାଇ କମିଟି ତରଫରୁ ନୂଆଁଖାଇ ସମାରୋହ ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ 'ଦୁଲଦୁଲି'ର ଆୟୋଜନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସୁନ୍ଦରଗଡ ବିଧାୟକ ଯୋଗେଶ କୁମାର ସିଂ ଝୁରିମାଲ ଗ୍ରାମବାସୀଙ୍କ ଏ ନିଆରା ନୂଆଁଖାଇ ସାରା ରାଜ୍ୟ ତଥା ଜାତୀୟ ସ୍ତରରେ ଏକ ବିରଳ ରେକର୍ଡ ବୋଲି ବର୍ଣ୍ଣନା କରିବା ସହ ଏକତା ଓ ଭାଇଚାରାକୁ ବଜାୟ ରଖିବାର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି କହିଥିଲେ। ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ, ନାବାର୍ଡ ଡିଡିଏମ ତାପସ କୁମାର ବେହେରା, ଶଲ୍ୟରୋଗ ବିଶେଷଜ୍ଞ ଡ. ମନିଷ ଶର୍ମା, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ଲକ୍ଷ୍ମୀପ୍ରିୟା ପ୍ରଧାନ, ଓଲିଉଡ ତାରକା ପ୍ରଦୀପ ଦତ୍ତ ପ୍ରମୁଖ ଯୋଗଦାନ କରି ଝୁରିମାଲ ନୂଆଁଖାଇର ଭୂୟସୀ ପ୍ରଶଂସା କରିବା ସଙ୍ଗେ ଅଙ୍ଗେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ।

ଏହି ପରିପ୍ରେକ୍ଷୀରେ ଓଲିଉଡ ତାରକା ପ୍ରଦୀପ ଦତ୍ତ, ସୁନ୍ଦରଗଡ କଳାକାର ମଞ୍ଚର ସମ୍ପାଦକ ରୋସନ ସାହୁ, ଉଦୀୟମାନ ଗାୟକ ଅନନ୍ତ ପ୍ରସାଦ ନାଏକ, ଉଦଘୋଷକ ବେଦବ୍ୟାସ ଧୁରୁଆ, ହାସ୍ୟ କଳାକାର ମୋହିତ ମେହେର, ଗଣେଶ ଖଡିଆ ଓ ବିପିନ ମେହେରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ନୂଆଁଖାଇ ଉପଲକ୍ଷେ ଓଡିଶା ମିଲେଟ ମିଶନ ତରଫରୁ ଏକ ପୁଷ୍ଟିଶସ୍ୟ ଖାଦ୍ୟ ମେଳାର ଆୟୋଜନ କାରାଯାଇଥିଲା।

# ଠକେଇ ଅଭିଯୋଗରେ ଜଣେ ଗିରଫ



**ଟାଙ୍ଗୀ–ଚୌଦ୍ୱାର, ୮।୯ (ସଂଚାର ବ୍ୟୁରୋ):** ଜମି କିଣାବିକାକୁ ନେଇ ଜନୈକ ବୃଦ୍ଧଙ୍କୁ ଠକିବା ଅଭିଯୋଗରେ ଚୌଦ୍ୱାର ପୋଲିସ ଜଣକୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭୁବନେଶ୍ୱର ଅଞ୍ଚଳର ବବୁ କୁମାର ବିଟ୍ (ବବଲୁ)। ପୋଲିସ ସୂଚନା ଅନୁଯାୟୀ ଚୌଦ୍ୱାର ଥାନା ଟିପିଏମ ଫାଣ୍ଡି ଅନ୍ତର୍ଗତ ମାହାଳପଡା ଗ୍ରାମର ବିଷ୍ଣୁ ପ୍ରଧାନ(୭୦) ନିଜ ଚାଷ ଜମିକୁ ୩୧ଲକ୍ଷ ଟଙ୍କାରେ ବବୁକୁ ବିକ୍ରୀ କରିବା ପାଇଁ କଥାବାର୍ତ୍ତା କରି ବବୁ ପ୍ରଥମେ ବିଷ୍ଣୁଙ୍କୁ ୨ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ଅଗ୍ରୀମ ଦେବା ପରେ ବବୁ ବିଷ୍ଣୁଙ୍କ ସହିତ ପାରିବାରିକ ସଂପର୍କ ସ୍ଥାପନ କରି ବଳକା ପଇସା ୨୯ଲକ୍ଷ ଟଙ୍କା ନଦେଇ ଓଲଟି ନିଜ ପତ୍ନୀ ନାମରେ ଜମିର କାଗଜପତ୍ର କରାଇ ନେଇଥିଲେ। ପରେ ବବୁ ୬ମାସ ଧରି ବିଷ୍ଣୁଙ୍କୁ ଆଉ ଧରାଛୁଆଁ ଦେଇନଥିଲେ। ଏନେଇ ବିଷ୍ଣୁ ଚୌଦ୍ୱାର ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ।

## ଆଧାର କାର୍ଡରେ ତ୍ରୁଟି

# ସୁଭଦ୍ରା ଯୋଜନାର ଯନ୍ତ୍ରଣାରେ ଆବେଦନକାରୀ

**ଜଗତସିଂହପୁର, ୮।୯ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ସୁଭଦ୍ରା ଯୋଜନା ପାଇଁ ପଞ୍ଜିକରଣ ଆରମ୍ଭ ହୋଇଛି ଯାହାକୁ ନେଇ ମହିଳାମାନେ ବେଶ ଖୁସି ଥିବା ବେଳେ ଆଧାର କାର୍ଡରେ ତ୍ରୁଟି ଯୋଗୁଁ ଏହି ଯୋଜନାରୁ ବାଦ ପଡ଼ିବା ଆଶଙ୍କାରେ ଜଗତସିଂହପୁର ଜିଲ୍ଲା ୮ଟି ବ୍ଲକର ମହିଳାମାନେ ଚିନ୍ତାରେ ପଡ଼ିଯାଇଛନ୍ତି । ସେମାନଙ୍କ କାର୍ଡରେ ବୟସ ସମେତ ମୋବାଇଲ ନମ୍ବର ଓ ବ୍ୟାଙ୍କ ଲିଙ୍କ ସଂଯୋଗନଥିଲା। ସେମାନେ ବିଭିନ୍ନ ସ୍ଥାନରେ ଏହାକୁ ସଂଯୋଗ କରାଇବା ଭିଡ଼ ଜମାଉଛନ୍ତି। ଆଧାର ସଂଶୋଧନ ପାଇଁ ଜିଲ୍ଲାପାଳ

**ଯୋଜନାରୁ ବାଦ ପଡ଼ିବା ଚିନ୍ତାରେ ମହିଳା**

**ଆଧାର ଲିଙ୍କ ଲାଗି ଜଣପିଛା ନିଆଯାଉଛି ୩୦୦ରୁ ୪୦୦ଟଙ୍କା**



ଗେଟର ନିକଟବର୍ତ୍ତୀ ଶହେ ମିଟର ମଧ୍ୟରେ ଜନସେବା କେନ୍ଦ୍ର ରହିଥିବା ବେଳେ ଆଧାର କାର୍ଡରେ ମୋବାଇଲ ନମ୍ବର ସଂଯୋଗ ପାଇଁ ସରକାର ପକ୍ଷରୁ ପଚାଶ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ହିତାଧିକାରୀଙ୍କ ଠାରୁ ୩ ଶହ ୪ଶହ ଟଙ୍କା ପର୍ଯ୍ୟନ୍ତ ଅର୍ଥ ଆଦାୟ କରାଯାଉଥିବା ଚର୍ଚ୍ଚା ହେଉଛି । ମୋବାଇଲ ଲିଙ୍କ ନଥିବା ଅଧିକାଂଶ ମହିଳାଙ୍କ କ୍ଷେତ୍ରରେ ଏହି ସମସ୍ୟା ଦେଖା ଦେଇଛି ।

ସେହିପରି ଆଧାର କାର୍ଡ ଜନିତ ତ୍ରୁଟି ଯୋଗୁଁ ଅନେକ ମହିଳା ଜବକାର୍ଡ, ମୋ ଘର ଯୋଜନା, ଶ୍ରମିକ କାର୍ଡ ଆଦି ପାଇବାରୁ ବି ବଞ୍ଚିତ ହୋଇଛନ୍ତି । ଏବେ ଏହି ତ୍ରୁଟି ସଂଶୋଧନ ପାଇଁ ମହିଳାମାନେ ବ୍ୟାଙ୍କ, ଆଧାର କେନ୍ଦ୍ର, ଡାକବିଭାଗ କାର୍ଯ୍ୟାଳୟ ଆଗରେ ଭୋରରୁ ଲାଇନ ଲଗାଉଥିବା ଦେଖିବାକୁ ମିଳୁଛି । ଅନ୍ୟପକ୍ଷରେ ସୁଭଦ୍ରା ଯୋଜନାରେ ଆବେଦନ ଲାଗି ଆଧାରରେ ମୋବାଇଲ ନମ୍ବର ଲିଙ୍କ ଜରୁରୀ ନୁହେଁ, ତଥାପି ଏଥିପାଇଁ ଜଗତସିଂହପୁର ବ୍ଲକ ଓ ପୌରାଞ୍ଚଳର ବିଭିନ୍ନ ସିଏସସି କେନ୍ଦ୍ର, ବ୍ୟାଙ୍କ ଗୁଡିକରେ ମହିଳାମାନଙ୍କ ଲମ୍ବା ଧାଡ଼ି ଲାଗୁଛି। ସେହିପରି ବିଭିନ୍ନ କମ୍ପ୍ୟୁଟର କେନ୍ଦ୍ରରେ ଶହ ଶହ ମହିଳା ଧାଡ଼ିରେ ଛିଡ଼ା ହେଉଛନ୍ତି । ଏହି କେନ୍ଦ୍ରଗୁଡିକରେ ଗୋଟିଏ ଲିଙ୍କ ପାଇଁ ୩୦୦ରୁ ୪୦୦ ଶହ ଟଙ୍କା ଅସୁଲି କରୁଥିବା ଜଣାପଡିଛି । ସରକାରୀ ଭାବରେ ଆଧାର ଲିଙ୍କ ପାଇଁ ସିଏସସି ମାନଙ୍କୁ ୫୦ଟଙ୍କା ପର୍ଯ୍ୟନ୍ତ ନେବା ପାଇଁ କୁହାଯାଉଛି । ହେଲେ ସୁଯୋଗ ଦେଖି ୪୦୦ରୁ ୫୦୦ଟଙ୍କା ନିଆଯାଉଥିବା ଏକାଧିକ ମହିଳାମାନେ ଅଭିଯୋଗ ଆଣିଛନ୍ତି ।

ଜଗତସିଂହପୁର ଜିଲ୍ଲାର ୮ଟି ବ୍ଲକର ଗାଁ ଠାରୁ ସହର ପର୍ଯ୍ୟନ୍ତ ସବୁଠି ଏଭଳି ଗହଳି ଦେଖିବାକୁ ମିଳିଛି ତେବେ ଏକାଧିକ କାଉଣ୍ଟର ଖୋଲିବା ପାଇଁ ଦାବୀ କରିବା ସହ ଅସ୍ଥାୟୀ ଶୌଚାଳୟ ଓ ପାନୟ ଜଳର ବ୍ୟବସ୍ଥା କରିବା ପାଇଁ ଆବେଦନକାରୀ ମାନେ ଦାବୀ କରିଛନ୍ତି ।ସ୍ଥାନୀୟ ପ୍ରଶାସନ ଓ ସରକାର ବିକଳ୍ପ ପନ୍ଥା ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି ।

## ନକଲି କପଡ଼ା ବ୍ରାଣ୍ଡର ହବ୍ ଖପ୍ରାଖୋଲ

# ନୂଆଁଖାଇ ପାଇଁ ଜୋରଦାର ବେପାର

**ପାଟଣାଗଡ, ୮।୯ (ସଂଚାର ବ୍ୟୁରୋ):** ଗଣେଶ ପୂଜା ଓ କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ। ଏଥି ପାଇଁ ଲୋକେ ଆଗତୁରା ଘର କରଣା ସାମଗ୍ରୀ ସହିତ ଲୁଗାପଟା ଓ ପୋଷାକ କିଣାକିଣି ଆରମ୍ଭ କରି ଦେଇଥାନ୍ତି । ଏବେ ପାର୍ବଣ ଋତୁ ପ୍ରବେଶ କଲାଣି। କିଛି କପଡ଼ା ବ୍ୟବସାୟୀ ଅଧିକା ଲାଭ ଆଶା ରଖି ଶସ୍ତା କପଡ଼ା ଉପରେ ଅସଲି ନାମୀ ଦାମୀ ବ୍ରାଣ୍ଡର ଷ୍ଟିକର ଓ ଲୋଗୋ ଲଗାଇ ଗ୍ରାହକଙ୍କୁ ବିକ୍ରି କରି ଠକୁଥିବା ବିଭିନ୍ନ ସ୍ଥାନରୁ ଚିତ୍ର ସାମ୍ନାକୁ ଆସିଛି। ଆଗକୁ ପାର୍ବଣ ଋତୁ ଥିବାରୁ ଏହି ବ୍ୟବସାୟୀ ମାନେ ଅଧିକ ଟଙ୍କା ପାଇବା ଆଶାରେ ଗ୍ରାହକଙ୍କୁ ଏପରି ଢଙ୍ଗରେ ଠିକିବା ପାଇଁ ଯୋଜନା କରିଥିବା ସନ୍ଦେହ କରାଯାଉଛି । ଖପ୍ରାଖୋଲ ଅଞ୍ଚଳ ରେ କିଛି ନିର୍ଦ୍ଦିଷ୍ଟ କପଡ଼ା ବ୍ୟବସାୟୀ ନିଜ ଗୋଦାମରେ ଶସ୍ତା କପଡ଼ା ଉପରେ ଅସଲି ନାମୀ ଦାମୀ ବ୍ରାଣ୍ଡର ଷ୍ଟିକର ଓ ଲୋଗୋ ଲଗାଇ ଦୋକାନରେ ଗ୍ରାହକଙ୍କୁ ବିକ୍ରି କରୁଥିବା ଜଣାପଡ଼ିଛି । ଏହି କପଡ଼ାକୁ କିଣି ବ୍ୟବହାର କଲେ ଅଳ୍ପ ଦିନ ଭିତରେ ରଙ୍ଗ ଛାଡି ଯାଉଥିବା ବେଳେ କପଡ଼ା ମଧ୍ୟ ଫାଟି ଯାଉଛି । ଖପ୍ରାଖୋଲ ଅଞ୍ଚଳରେ ନିର୍ଦ୍ଦିଷ୍ଟ କିଛି କପଡ଼ା ବ୍ୟବସାୟୀ ଏହି କାରବାର ଚଳାଇ ଥିବା ବେଳେ ଖାସ୍ କରି ମହିଳାମାନଙ୍କ ଶାଢ଼ୀ, ଜିନ୍ସ ପ୍ୟାଣ୍ଟ ଓ ସାର୍ଟ ଉପରେ ଲୋକେ ଅଧିକ ଠକାମୀର ଶିକାର ହେଉଛନ୍ତି । ଅସଲି ବ୍ରାଣ୍ଡ ଭାବି ଲୋକେ କିଣା କିଣି କରୁଥିବା ବେଳେ ସେହି କପଡ଼ା ଅସଲୀ କି ନକଲି ବୋଲି ଚିହ୍ନିବା ମଧ୍ୟ ସହଜ ନୁହେଁ । ଅସଲୀ ନାମୀ ଦାମୀ ବ୍ରାଣ୍ଡର ଷ୍ଟିକର ଓ ଲୋଗୋ ବ୍ୟବହାର କରି ଗ୍ରାହକଙ୍କୁ ଠକୁ ଥିବା ବେଳେ ଏହି ଠକେ ବ୍ୟବସାୟୀ ମାନଙ୍କ ଯୋଗୁଁ ସରକାରଙ୍କ ଲକ୍ଷାଧିକ ରାଜସ୍ୱ ମଧ୍ୟ ହାନୀ ହୋଉଛି । ଏହି ବ୍ୟବସାୟୀ ମାନଙ୍କ ଲମ୍ବା ହାତ ଥିବାରୁ କୌଣସି ଆଦୃଶିଆ ଚଢ଼ଉ ମଧ୍ୟ ହୋଇ ପାରୁନାହିଁ, ଯାହା ଫଳରେ ଦୀର୍ଘ ବର୍ଷରୁ ବେଫିକର ଭାବେ ଏହି କାରବାର ଚଳାଇ ଆସୁଛନ୍ତି। ଦୋକାନରେ ଗ୍ରାହକ ଯାହା ଠକାମୀର ଶିକାର ହେଉଛନ୍ତି ସେତିକି ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ଲୋକ ଠାକାମୀର ଶିକାର ହେବାରୁ ବର୍ତ୍ତି ପାରି ନାହାଁନ୍ତି । ଏ ଦିଗରେ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ଭାବେ ଦୃଷ୍ଟି ଦେଇ ଠକ୍ ବ୍ୟବସାୟୀଙ୍କ ଦୋକାନ ଓ ଗୋଦାମ ଉପରେ ଚଢ଼ାଉ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ନୂଆଁଖାଇରେ ଆରମ୍ଭ...

କରାଯାଇଛି ବୋଲି ସେ କହିଥିଲେ। ସେ ଆହୁରି ମଧ୍ୟ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ କୃଷକ କଲ୍ୟାଣକାରୀ ଯୋଜନା ପିଏମ କିଷାନ ଯୋଜନାରେ ଭୂମିଧାରି ଚାଷୀଙ୍କ ପାଇଁ ତିନୋଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିରେ ସିଏମ କିଷାନ ଯୋଡି ହୋଇଗଲେ ଚାଷୀ ବର୍ଷକୁ ୧୦ ହଜାର ଟଙ୍କା ପାଇବେ। ଏହି ଯୋଜନାର ହିତାଧିକାରୀ ଚୟନ ପ୍ରକ୍ରିୟା କାର୍ଯ୍ୟକୁ ଦୁଇ ମାସ ବୃଦ୍ଧି କରି ନଭେମ୍ବର ୮ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ବ୍ଲକରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି ସମୟ ମଧ୍ୟରେ ନାମ ପଞ୍ଜିକରଣ ଓ ଅନ୍ୟାନ୍ୟ ଜରୁରୀ କାର୍ଯ୍ୟ କୃଷକ ମାନେ ଜନ ସେବା କେନ୍ଦ୍ର ମାଧ୍ୟମରେ ନିଶୁଳ୍କ ଭାବେ ସମ୍ପାଦନ କରି ପାରିବେ। ଆଜି ଲୋକାର୍ପିତ ହୋଇଥିବା ସିଏମ କିଷାନ ପୋର୍ଟାଲ ମାଧ୍ୟମରେ ଉଭୟ ସିଏମ କିଷାନ ଓ ପିଏମ କିଷାନ ଅନଲାଇନ କାର୍ଯ୍ୟ ସମ୍ପାଦିତ ହେବ ବୋଲି ସେ କହିଥିଲେ। ଏଥି ସହିତ ରାଜ୍ୟର ସମସ୍ତ ଚାଷୀ ମାନଙ୍କ ସୁବିଧା ପାଇଁ ଆଜିଠାରୁ କୃଷକ ଓଡିଶା ୟୁନିଫାଏଡ ପୋର୍ଟାଲ ର ବ୍ୟବସ୍ଥା କରାଯାଇଛି । ଏହା ମାଧ୍ୟମରେ ଚାଷୀ ମାନେ ବିଭିନ୍ନ କୃଷି ଓ ଆନୁସଙ୍ଗିକ କାର୍ଯ୍ୟ ସମ୍ପନ୍ଧୀୟ ପ୍ରଚଳିତ ସରକାରୀ ଯୋଜନା ବିଷୟରେ ତଥ୍ୟ ଜାଣିପାରିବା ସହିତ ଏଥିରୁ ମିଳୁଥିବା ସୁବିଧା ପାଇଁ ମଧ୍ୟ ଆବେଦନ କରି ପାରିବେ। ସେ ପୁଣି କହିଥିଲେ ରାଜ୍ୟର ଚାଷୀ ମାନଙ୍କର ଧାନ ଚାଷରେ ହେଉଥିବା କ୍ଷତିକୁ ଭରଣା କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ କୃଷକ ସମୃଦ୍ଧି ଯୋଜନା ପ୍ରଚଳନ କରାଯାଇଛି। ଏହି ଯୋଜନାରେ ଧାନ ସଂଗ୍ରହ ମୂଲ୍ୟରେ ୮୦୦ ଟଙ୍କା ବୃଦ୍ଧି କରାଯାଇ କୁଇଣ୍ଟାଲ ପିଛା ସଂଗ୍ରହ ମୂଲ୍ୟ ୨୩୦୦ ଟଙ୍କାରୁ ୩୧୦୦ଟଙ୍କା ଧାର୍ଯ୍ୟ କରାଯାଇଛି । ଏହା ଖୁବ କମ ଦିନ ମଧ୍ୟରେ କାର୍ଯ୍ୟକାରୀ କରାଯିବ। ସେ ଆହୁରି ମଧ୍ୟ କହିଥିଲେ ଯେ ଆମ ଦେଶକୁ ଏକ ବିକଶିକ ରାଷ୍ଟ୍ରରେ ପରିଣତ କରିବା ପାଇଁ ଚାହୁଁଛନ୍ତି ଆମ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଜୀ । ସେଥିପାଇଁ ବିକାଶର ଧାରା ଜାରି ରହିଛି। ମାନ୍ୟବର ପ୍ରଧାନମନ୍ତ୍ରୀ କୃଷକମାନଙ୍କୁ ଅନ୍ନଦାତା ବୋଲି କହିଛନ୍ତି। ସେଥିପାଇଁ କୃଷକ କଲ୍ୟାଣ ପାଇଁ ବିଭିନ୍ନ ଯୋଜନା ସେ କାର୍ଯ୍ୟକାରୀ କରୁଛନ୍ତି।

ମୁଖ୍ୟମନ୍ତ୍ରୀ କହିଥିଲେ ଚାଷୀ ଭାଇ ମାନଙ୍କୁ ସମସ୍ତ ପ୍ରକାର ପ୍ରୋତ୍ସାହନ ଯୋଗାଇ ଦେବା ପାଇଁ ଆମ ସରକାର ପ୍ରସ୍ତୁତ ଅଛନ୍ତି। କୃଷିଜାତ ସାମଗ୍ରୀର ଅଭାବୀ ବିକ୍ରୀକୁ ରୋକିବା ପାଇଁ ରାଜ୍ୟର ପ୍ରତି ସବ୍‌ଡିଭିଜନରେ ଶୀତଳଭଣ୍ଡାର ବ୍ୟବସ୍ଥା କରାଯାଉଛି। ଓଡିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ଓଡିଶା ସମୃଦ୍ଧି ପଥରେ ଦୃତ ଅଗ୍ରସର ହେଉଛି ବୋଲି ସେ କହିଥିଲେ। ଓଡିଶାର ଚାଷୀ ମାନଙ୍କ ଜୀବନରେଖା ହେଉଛି ହୀରାକୁଦ ବନ୍ଧ। ହୀରାକୁଦ କମାଣ୍ଡ ଏରିଆରେ ଜଳ ସେଚନ ସୁବିଧା ନିମନ୍ତେ ୮୫୫ କୋଟି ଟଙ୍କାର ବ୍ୟୟ ଅଟକଳ କ୍ୟାବିନେଟରେ ମଞ୍ଜୁର ହୋଇଛି। ଏହା କାର୍ଯ୍ୟକାରୀ ହେଲେ କେନାଲର ଶେଷ ମୁଣ୍ଡ ପର୍ଯ୍ୟନ୍ତ ଜଳ ସେଚନ ସୁବିଧା ହେବ ବୋଲି ସେ କହିଥିଲେ। ପଶ୍ଚିମ ଓଡିଶାକୁ ଆମ ସରକାର ବହୁ ଗୁରୁତ୍ୱ ଦେଉଛନ୍ତି ବୋଲି କହି ଗୁଜୁରାଟର ସାବରମତୀ ରିଭରଫ୍ରଣ୍ଟ ପରି ମହାନଦୀ ରିଭରଫ୍ରଣ୍ଟକୁ ମଧ୍ୟ ବିକଶିତ କରାଯିବ। ଏଥି ସହିତ ସମ୍ବଲପୁରବାସୀଙ୍କ ଦୀର୍ଘଦିନର ଦାବିଥିବା ଦ୍ୱିତୀୟ ଏମ୍‌ସ ସ୍ଥାପନକୁ ଗୁରୁତ୍ୱ ଦେଇ କେନ୍ଦ୍ର ସରକାରଙ୍କ ପାଖରେ ଆମେ ଦାବି ରଖିଛୁ ବୋଲି ସେ କହିଥିଲେ।

ଓଡ଼ିଶାରେ ଜନାଦେଶ ସ୍ୱୀକୃତି ପାଇଥିବା ବିଜେପି ସରକାରର ବହୁତ କମ ସମୟ ମଧ୍ୟରେ ଅନେକ କଲ୍ୟାଣକାରୀ ଯୋଜନାକୁ କାର୍ଯ୍ୟକାରୀ କରୁଛି । ଗରିବ, ଚାଷୀ, ମହିଳା, ଯୁବକ, ପଛୁଆ ବର୍ଗ ତଥା ସବୁ ବର୍ଗର ଉନ୍ନତି ଡବଲ ଇଞ୍ଜିନ ସରକାରର ପ୍ରତିବଦ୍ଧତାରେ ରହିଛି ବୋଲି ରବିବାର ସମ୍ବଲପୁର ଠାରେ ନୂଆଁଖାଇ ଅବସରରେ ମୁଖ୍ୟମନ୍ତ୍ରୀ ମୋହନଚରଣ ମାଝୀଙ୍କ କରକମଳରେ ସିଏମ-କିଷାନ ଯୋଜନା ଏବଂ କୃଷିଭିତ୍ତିକ କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ନୂଆଁଖାଇର ପବିତ୍ର ଅବସରରେ କୃଷକଙ୍କ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା କଲ୍ୟାଣକାରୀ ଯୋଜନା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ସହ କହିଛନ୍ତି ଯେ ସିଏମ- କିଷାନ ଯୋଜନାରେ ଆଜି ରାଜ୍ୟର ପ୍ରାୟ ୪୬ ଲକ୍ଷ ଚାଷୀଙ୍କୁ ପ୍ରଥମ କିସ୍ତି ଆକାରରେ ଡିବିଟି ମାଧ୍ୟମରେ ୨୦୨୪-୨୫ ରବି ଫସଲ ଋତୁ ପାଇଁ ୯୨୫ କୋଟିରୁ ଅଧିକ ଟଙ୍କା ପ୍ରଦାନ କରାଯାଇଛି । ସମୃଦ୍ଧ କୃଷକ ଯୋଜନା ସହିତ ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି ଏକ ଯୁଗାନ୍ତକାରୀ ନିଷ୍ପତି । ସେହିପରି ଏହି ସରକାରରେ ହୀରାକୁଦ ଡ୍ୟାମ୍ ପ୍ରକଳ୍ପ ପଦ୍ଧତିର ନବୀକରଣ ଯୋଜନାକୁ କ୍ୟାବିନେଟ ଅନୁମୋଦନ ଦିଆଯାଇଛି । ଏହି ଯୋଜନା ପାଇଁ ୨୦୨୪-୨୫ ରୁ ୨୦୨୭-୨୮ ମଧ୍ୟରେ ପ୍ରାୟ ୯୦୦ କୋଟି ଟଙ୍କା ଖର୍ଚ୍ଚ କରାଯିବ । ସେହିପରି ଜଳସେଚନ ପାଇଁ ବ୍ୟବସ୍ଥା ସହ ସୁଭଦ୍ରା ଯୋଜନା ଭଳି କଲ୍ୟାଣକାରୀ କାର୍ଯ୍ୟକ୍ରମ ଡବଲ ଇଞ୍ଜିନ ସରକାରର ପ୍ରତିଫଳନ।

ସେ କହିଛନ୍ତି ଯେ ଓଡ଼ିଶାରେ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ବିଜୟ ହୋଇଛି । ବିଜେପି ସରକାରରେ ସମ୍ବଲପୁର, ବଲାଙ୍ଗୀର ସମେତ ସବୁଠୁ ଶାସନ ଚାଲିବ । ଆମ ସରକାରର ପ୍ରାଥମିକତାରେ ରାଜ୍ୟର ଗରିବ, ଚାଷୀ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ବଞ୍ଚିତ ଓ ରାଜ୍ୟର ମହିଳାମାନେ ଅଛନ୍ତି । ସୁଭଦ୍ରା ଯୋଜନାକୁ ନେଇ ବହୁତ ଉତ୍ସାହ ଦେଖାଯାଉଛି । ସୁଭଦ୍ରା ଯୋଜନାରେ ସୁଭଦ୍ରା ଯୋଜନାରେ ପ୍ରତ୍ୟେକ ମହିଳା ହିତାଧିକାରୀଙ୍କୁ ବାର୍ଷିକ ୧୦,୦୦୦ ଟଙ୍କା ମିଳିବ । ଏହିପରି ମୋଟ ୫ ବର୍ଷରେ ହିତାଧିକାରୀଙ୍କୁ ମୋଟ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ । ୨୧ ବର୍ଷରୁ ଉର୍ଦ୍ଧ୍ୱ ଏବଂ ୬୦ ବର୍ଷରୁ କମ୍ ବୟସର ସମସ୍ତ ଯୋଗ୍ୟ ହିତାଧିକାରୀ ସୁଭଦ୍ରା ଯୋଜନାର ଲାଭ ପାଇବେ । ପ୍ରାୟ ୧ କୋଟିରୁ ଅଧିକ ମା ଭଉଣୀ ଏହି ଯୋଜନା ଦ୍ୱାରା ଉପକୃତ ହେବେ । ଅର୍ଥନୀତିଜ୍ଞମାନଙ୍କ ମତରେ, ସରକାର ଯଦି ମୁଣ୍ଡ ପିଛା ଟଙ୍କାଟିଏ ଖର୍ଚ୍ଚ କରନ୍ତି, ଅର୍ଥନୀତି ୪.୮ ଗୁଣା (ପାଖାପାଖି ୫ ଗୁଣା) ପ୍ରଭାବଶାଳୀ ସାବ୍ୟସ୍ତ ହୋଇଥାଏ । ଏହାକୁ 'ମଲ୍ଟିପ୍ଲାୟର୍ ଇଫେକ୍ଟ' ବୋଲି କୁହାଯାଇଥାଏ । ଓଡ଼ିଶାର ମହିଳାଙ୍କୁ ସୁଭଦ୍ରା ଯୋଜନାରେ ଜଣ ପିଛା ମିଳିଥିବାକୁ ଥିବା ବାର୍ଷିକ ୧୦,୦୦୦ ଟଙ୍କା, ଆମ ଅର୍ଥନୀତିକୁ ବାର୍ଷିକ ପ୍ରାୟ ୫୦,୦୦୦ ଟଙ୍କାର ଲାଭ ପ୍ରଦାନ କରିବ । ୫ ବର୍ଷରେ ରାଜ୍ୟ ସରକାର ଏଥିପାଇଁ ବହନ କରିବାକୁ ଯାଉଥିବା ମୋଟ ୫୫,୮୨୫ କୋଟି ଟଙ୍କା, ଓଡ଼ିଶାର ଅର୍ଥନୀତିକୁ ପ୍ରାୟ ୨.୫ ଲକ୍ଷ କୋଟି ଟଙ୍କାର ଲାଭ ପ୍ରଦାନ କରିବ । ଗ୍ରାମାଞ୍ଚଳ ଅର୍ଥନୀତି ସହ ରାଜ୍ୟର ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ସୁଭଦ୍ରା ଯୋଜନା ବଡ ପଦକ୍ଷେପ ।

କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଲିରାମ ବୋନ୍ଦର ଧନ୍ୟବାଦ ଦେଇଥିଲେ।

### ଶଂଖ ଭବନ...

ଯାଇଛନ୍ତି । ବିଜେଡିର ୯ରାଜ୍ୟସଭା ସାଂସଦଙ୍କ ମଧ୍ୟରୁ ଇତି ମଧ୍ୟରେ ମମତା ମହାନ୍ତ ଓ ସୁଜିତ କୁମାର ବିଜେଡି ଛାଡି ବିଜେପି ଶିବିରରେ ଯୋଗ ଦେଇଛନ୍ତି ।

ଦୁଇ ସାଂସଦ ଦଳ ଛାଡିବାପରେ ଏବେ ବିଜେଡି ଗଡ ରକ୍ଷାପାଇଁ ଆପ୍ରାଣ୍ୟ ଉଦ୍ୟମ ଚଳାଇଛି । ସୋସିଆଲ ମିଡିଆରେ ସବୁ କିଛି ଠିକ୍ ଠାକ୍ ଅଛି ବୋଲି ପ୍ରଚାର କରିବାକୁ ସାଂସଦମାନଙ୍କୁ କୁହାଯାଇଛି । ଅନିଚ୍ଛା ସତ୍ତ୍ୱେ କିଛି ସାଂସଦ ସୋସିଆଲ ମିଡିଆ ବ୍ୟବହାର କରୁଥିବାବେଳେ ଆଉ କିଛି ନିରବ ରହୁଛନ୍ତି। ଦଳର ବରିଷ୍ଠ ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ସୋସିଆଲ ମିଡିଆ ଏବେ ଅନେକଙ୍କ ପାଇଁ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ପୂର୍ବରୁ କଥା କଥାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଏକ୍ସରେ କଟାକ୍ଷ କରୁଥିବା ସସ୍ମିତ ଏବେ ନିରବ । କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କଟକର ଗୋଟିଏ ସଭାରେ ସସ୍ମିତଙ୍କ ଆଡକୁ ଅଙ୍ଗୁଳି ନିର୍ଦ୍ଦେଶ କରିଥିଲେ ବି ସସ୍ମିତଙ୍କ ନିରବତା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି ।

ଏଣେ ବିଜେପି ଶିବିରରେ ଯୋଗଦେଇଥିବା ମମତା ମହାନ୍ତ ଜୋର ଦେଇ କହୁଛନ୍ତି ଯେ ବିଜେଡିର ଆଉ କିଛି ସାଂସଦ ଦଳ ଛାଡି ପାରନ୍ତି । ମମତାଙ୍କ ଏଭଳି ମନ୍ତବ୍ୟ ସମୟରେ ଦଳର ଜଣେ ପୂର୍ବତନ ସାଂସଦ କେନ୍ଦ୍ରମନ୍ତ୍ରୀଙ୍କୁ ସାକ୍ଷାତ କରିବା ଓ ଆଉ ଜଣେ ରାଜ୍ୟସଭା ସାଂସଦ ସଂସଦର ଗତ ଅଧିବେଶନ ସମୟରେ ଓଡିଶାର ଜଣେ କେନ୍ଦ୍ରମନ୍ତ୍ରୀଙ୍କୁ ତିନି ତିନି ଥର ଭେଟିବା ଚର୍ଚ୍ଚାର ବିଷୟ ପାଲଟିଛି । ବିଜେଡର ଆଉ ଜଣେ ରାଜ୍ୟସଭା ସାଂସଦ ରାଜ୍ୟର ଜଣେ ଟାଣୁଆ ମନ୍ତ୍ରୀଙ୍କର ଯେଭଳି ନିକଟତର ହେଉଛନ୍ତି ତାଙ୍କୁ ବି ଚର୍ଚ୍ଚା ଆରମ୍ଭ ହୋଇଯାଇଛି ।

ଏହି ସମସ୍ତ ଘଟଣା ଉପରେ ତୀକ୍ଷ୍ଣ ନଜର ରଖିଥିବା ବିଜେଡି ସଭାପତି ଓ ଦଳର ନୀତି ନିର୍ଦ୍ଧାରକମାନଙ୍କର ଏକ ପ୍ରକାର ନିଦ ହଜି ଯାଇଥିବାବେଳେ କିଭଳି ସଂଗଠନକୁ ରକ୍ଷା କରାଯାଇ ପାରିବ ଓ ଏ ସଂକ୍ରାନ୍ତରେ ତେରେଛା ବାଣ ମାରୁଥିବା ଅମର ଶତପଥୀଙ୍କ ଭଳି ବରିଷ୍ଠ ନେତାଙ୍କୁ ସାମ୍ନା କରାଯିବ ତାହା ଏବେ ବଡ ଆହ୍ୱାନ ହୋଇଛି । ସିଏ ଯାହା ହେଉନା କାହିଁକି ବିଜେଡିର ସାତ ଜଣ ଯାକ ରାଜ୍ୟସଭା ସଦସ୍ୟ ଏବେ ନିଜ ଛାଇକୁ ବି ସହଜରେ ବିଶ୍ୱାସ କରିପାରୁ ନଥିବା ଲକ୍ଷ୍ୟ କରାଯାଉଛି ।

### ଟାଟାନଗର-ବ୍ରହ୍ମପୁର...

ବ୍ରହ୍ମପୁରରେ ଦିନ ୨ . ୩୦ ରେ ପହଞ୍ଚିବ । ଟାଟା ନଗରରରୁ ବ୍ରହ୍ମପୁର ପର୍ଯ୍ୟନ୍ତ ୫୮୬ କିଲୋମିଟର ଦୂରତା ପାଖାପାଖି ୯ ଘଣ୍ଟାରେ ଅତିକ୍ରମ କରିବ। ସେହିପରି ବ୍ରହ୍ମପୁରରୁ ସେହିଦିନ ଦିନ ୩ ଟାରେ ବାହାରି ରାତି ୧୧. ୫୫ରେ ଟାଟା ନଗରରେ ପହଞ୍ଚିବ। ଟାଟା ନଗର-ବ୍ରହ୍ମପୁର ମାର୍ଗରେ ୧୧ ଟି ସ୍ଥାନ ଝାଡ଼ଖଣ୍ଡର ଚାଇଁବାସା, ଡଙ୍ଗୁଆପୋଶି, କେନ୍ଦୁଝର ଜିଲ୍ଲାର ବାଂଶପାଣି, ନୟାଗଡ଼, କେନ୍ଦୁଝରଗଡ଼, ହରିଚନ୍ଦପୁର, ଯାଜପୁର ଜିଲ୍ଲାର ଯଖପୁରା, କଟକ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ ଓ ବାଲୁଗାଁ ଷ୍ଟେସନରେ ଏହା ଅଟକିବ।

ବନ୍ଦେ ଭାରତ ଟ୍ରେନ ସେବା ଯାତ୍ରା ସମୟକୁ ଯଥେଷ୍ଟ ହ୍ରାସ କରିବ। ଏହା ଝାଡ଼ଖଣ୍ଡ ଏବଂ ଓଡିଶାକୁ ଯୋଡିବା ସହିତ ରାଜ୍ୟର ୫ଟି ଜିଲ୍ଲାକୁ ସଂଯୋଗ କରିବ । ଏଥି ସହିତ ଖଣି ବହୁଳ କେନ୍ଦୁଝର ଜିଲ୍ଲା ଲୋକଙ୍କ ବିଳାସପୂର୍ଣ୍ଣ, ଆରାମଦାୟକ, ସୁଗମ, ନିରାପଦ ଟ୍ରେନ୍ ଯାତ୍ରା କରିବାର ସ୍ୱପ୍ନକୁ ପୂରଣ କରିବ। ଏହି ଟ୍ରେନ୍ ଯାତ୍ରା ସମୟ ହ୍ରାସ କରିବାସହ ତୀର୍ଥଯାତ୍ରୀ, ବ୍ୟବସାୟୀ, ଛାତ୍ର ଏବଂ ପର୍ଯ୍ୟଟକଙ୍କୁ ବହୁଳ ଭାବରେ ଉପକୃତ କରିବ। ଏହି ଅତ୍ୟାଧୁନିକ ଟ୍ରେନ୍ ଟିରେ ଯାତ୍ରୀ ମାନଙ୍କ ପାଇଁ ସବୁପ୍ରକାରର ସୁବିଧା ରହିଥିବା ବେଳେ ଏଥିରେ ୫ଟି ଡବା ରହିଛି ଓ ୪୧୦ ଜଣ ଯାତ୍ରୀ ବସିବାର ସୁବିଧା ରହିଛି। ଟ୍ରେନ୍ ଟିର ଉଭୟ ପାଶ୍ୱରେ ୨ଟି ଇଂଜିନ ରହିଛି। ଏହା ସୌରଶକ୍ତି ଓ ବିଜୁଳି ଉଭୟ ଦ୍ୱାରା ପରିଚାଳିତ। ବନ୍ଦେ ଭାରତ ଟ୍ରେନ ଦେଖିବାକୁ ବାଂଶପାଣି ଷ୍ଟେସନରେ ବହୁ ଲୋକଙ୍କ ଉତ୍ସାହ ଦେଖିବାକୁ ମିଳିଥିଲା।

### ରେଭେନ୍ସା ପାଇଁ...

କେବଳ ରେଭେନ୍ସା ବିଶ୍ୱବିଦ୍ୟାଳୟ ନୁହେଁ ଏହା ପରିସରରେ ଥିବା ଯୁକ୍ତ ତିନି ଓ ଯୁକ୍ତ ଦୁଇ ଶିକ୍ଷାନୁଷ୍ଠାନର ସ୍ଥିତି ଆହୁରି ଦୟନୀୟ । ଏଗୁଡିକରେ ନିୟମିତ ଅଧ୍ୟକ୍ଷ ସହିତ ସ୍ଥାୟୀ ଅଧ୍ୟାପକ ନିଯୁକ୍ତି କରାଯାଉ ନାହିଁ । ଦିନକୁ ୫୦୦ ଟଙ୍କା ଓ ମାସିକ ସର୍ବାଧିକ ୨୫ହଜାର ଟଙ୍କା ଠିକାରେ ଅତିଥି ଅଧ୍ୟାପକ ନିଯୁକ୍ତି କରି ସେମାନଙ୍କୁ ଠକାଯାଉଛି। ଏହି ସମସ୍ୟାର ସ୍ଥାୟୀ ନିରାକରଣ କରାଯାଉ ନାହିଁ ।

ବିଜେଡି ସରକାର ସମୟରେ ଉଚ୍ଚଶିକ୍ଷା ବ୍ୟବସ୍ଥା କିଭଳି ବିଗିଡିଛି ତାହାର ଉଦାହରଣ ହେଲା ବିଭାଗ ଅଧିନରେ ଥିବା ବିଶ୍ୱବିଦ୍ୟାଳୟଗୁଡିକ ପାଇଁ ୧୯୧୧ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ପଦବୀ ଥିବାବେଳେ ୧୧୮୭ଟି ଖାଲି ପଡିଛି। ରାଜ୍ୟର ଏହି ବିଶ୍ୱବିଦ୍ୟାଳୟଗୁଡିକ ପାଇଁ ୨୭୪ଟି ମଞ୍ଜୁରୀପ୍ରାପ୍ତ ପ୍ରଫେସର ପଦବୀ ଥିବାବେଳେ ଯଦି ମାତ୍ର ୪୯ଜଣରେ କାମ ଚଳିଯାଉଛି ତେବେ ଆଉ ୨୨୫ଜଣ ପ୍ରଫେସରଙ୍କୁ ନିଯୁକ୍ତି ଦିଆଯିବ କାହିଁକି ? ସେହିପରି ଉଚ୍ଚଶିକ୍ଷା ବିଭାଗ ଅଧିନରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡିକରେ ୫୫୦ ସହଯୋଗୀ ପ୍ରଫେସରରୁ ୪୦୧ ଏବଂ ୧୦୮୭ ସହକାରୀ ପ୍ରଫେସରରୁ ୫୬୧ଟି ଖାଲି ପଡିଥିବାବେଳେ ୨୯୬୯ଟି ଅଣଶିକ୍ଷକ କର୍ମଚାରୀଙ୍କ ସ୍ଥାନରେ ମାତ୍ର ୮୧୬ଜଣ କାର୍ଯ୍ୟ କରୁଛନ୍ତି । କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ରେଭେନ୍ସାର ନାଁ ବଦଳିବ କି ନାହିଁ ତାହା ଉପରେ ଆଲୋଚନା ପାଇଁ ଆହ୍ୱାନ ଦେଇଥିଲେ । ହେଲେ ତାଙ୍କ କଥାକୁ କଦର୍ଥ କରି ସେଥିରେ ବିଜେଡି ନେତାମାନେ ରାଜନୀତି ପୂରାଇଦେଲେ। ରାଜନୀତି କଲାବେଳେ ସେମାନେ ଭୁଲି ଯାଉଛି ଯେ ଯେଉଁ ଶିକ୍ଷା ଅନୁଷ୍ଠାନ ଉପରେ ସେମାନେ ରାଜନୀତିର ରୁଟି ସେକୁଛନ୍ତି ସେଠାରେ ପିଲାଏ ପଢିବାପାଇଁ ଶିକ୍ଷକ ନାହାନ୍ତି କି ଦପ୍ତର ଚଳାଇବାପାଇଁ କିରାଣୀ ନାହାନ୍ତି । ରେଭେନ୍ସାକୁ ଆଳ କରି ରାଜନୀତି ଆରମ୍ଭ କରିଥିବା ଏହି ନୀଳବର୍ଣ୍ଣ ଶୃଗାଳମାନଙ୍କୁ ଛାତ୍ରଛାତ୍ରୀ ଓ ଅଭିଭାବକମାନେ ନଚିହ୍ନିଲେ ସେମାନେ ଆଗକୁ ରାଜ୍ୟର ଉଚ୍ଚଶିକ୍ଷା ବ୍ୟବସ୍ଥାକୁ ଆହୁରି ଯେ ବିଗାଡିଦେବେ ସେଥିରେ ସନ୍ଦେହ ନାହିଁ ।

### ଉଛୁଳିଲା...

ଦେଖିବାକୁ ମିଳିଛି । ପାଣି ଖଘରରେ ଥିବା ୩ ପଞ୍ଚାୟତକୁ କୋଟପାଡ଼ ବିଧାୟକ ରୂପୁ ଭତ୍ରା ଯାଇ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବର୍ଷା ତୁହାକୁ ତୁହା ଲାଗି ରହିଥିବା ବେଳେ ପ୍ରାୟ ୮୦୦ ଏକର ଜମିରେ ବର୍ଷା ଜଳ ଭର୍ତ୍ତି ହୋଇରହିଛି। ଦିଗାପୁର ନିକଟ ବିରି ବ୍ରିଜ୍ ଓ ଘସରଡ଼ା ନିକଟସ୍ଥ ବ୍ରିଜ୍ ଉପରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ବାଧାପ୍ରାପ୍ତ ହୋଇଛି। କୁନ୍ଦୁରା ତହସିଲଦାର ବିନୋଦ ଚନ୍ଦ୍ର ନାୟକ ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦିଗାପୁର ଗ୍ରାମର ୧୦ ଓ ଅନ୍ୟାନ୍ୟ ସ୍ଥାନରେ ପ୍ରାୟ ୨୫ ଘର ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିବାରୁ ଲୋକଙ୍କୁ ସ୍ଥାନାନ୍ତର କରାଯିବା ସହିତ ରିଲିଫ୍ ବଣ୍ଟନ କରାଯାଇଛି।

### ଚୀନକୁ ଟପିଲା...

ନିବେଶ (ଏଫପିଆଇ)। ଏହି କାରଣରୁ ଏମଏସସିଆଇ ନିଜର ସୂଚକାଙ୍କରେ ଭାରତୀୟ ଷ୍ଟକଗୁଡ଼ିକର ତୁଳନାତ୍ମକ ଗୁରୁତ୍ୱ ବଢ଼ାଉଛି। ଏମଏସସିଆଇ ଇଏମ ଆଇଏମଆଇ ବ୍ୟତୀତ ଭାରତର ଗୁରୁତ୍ୱ ବୃଦ୍ଧି ଏବଂ ଏମଏସସିଆଇ ଇଏମ ଇଣ୍ଡେକ୍ସରେ ଚୀନର ଗୁରୁତ୍ୱ ରେ ତୁଳନାତ୍ମକ ହ୍ରାସରୁ ମଧ୍ୟ ଏହା ସ୍ପଷ୍ଟ ହୋଇଛି। ମାର୍ଚ୍ଚ-୨୪ରୁ ଅଗଷ୍ଟ-୨୪ ମଧ୍ୟରେ ଏମ୍‌ଏସ୍ସିଆଇ ଇଏମରେ ଭାରତର ଗୁରୁତ୍ୱ ୧୮%ରୁ ୨୦%କୁ ବୃଦ୍ଧି ପାଇଥିବା ବେଳେ ସମାନ ସମୟ ମଧ୍ୟରେ ଚୀନର ଓଜନ ୨୫.୧%ରୁ ୨୪.୫%କୁ ହ୍ରାସ ପାଇଛି।

### ପାଣ୍ଡିଆନ ପରେ...

ଅନୁସାରେ ଦଳ ପରିଚାଳିତ ହେଉଥିଲା। ନିର୍ବାଚନ ହାରିଯିବା ପରେ ସମସ୍ତେ ପାଣ୍ଡିଆନଙ୍କୁ ଦାୟୀ କଲେ। ଯେଉଁଥିପାଇଁ ସେ ମଧ୍ୟ ବିଜେଡିର କୌଣସି କାର୍ଯ୍ୟକ୍ରମରେ ଆଉ ସାମନାକୁ ଆସୁନାହାଁନ୍ତି। ଅବଶ୍ୟ ଏକଥା ସତ ଯେ, ସେ ପଛରେ ରହି ଏବେ ବି ବିଜେଡିକୁ ନିୟନ୍ତ୍ରଣ କରୁଛନ୍ତି।ତେଣୁ ଏବେ ପାଣ୍ଡିଆନ ଆଉ ବିଜେଡିର ପ୍ରଣ୍ଟଲାଇନ ପଲିଟିକ୍ସରେ ନଥିବାରୁ ନବୀନ ନୂଆ ରଣନୀତି ଆରମ୍ଭ କରିଛନ୍ତି। ନିଜେ ଦଳର ସବୁ ସାଙ୍ଗଠନିକ ବୈଠକରେ ଯୋଗ ଦେବା ସହ ଗଣେଶ ପୂଜାରେ ପେଣ୍ଡାଲ ବୁଲିଛନ୍ତି। ଗତକାଲି ଭିତରେ ପୁରୁଣା ଭୁବନେଶ୍ୱର, ନୟାପଲ୍ଲୀ ନୂଆସାହି ଓ ଗଜପତିନଗର ପୂଜା ପେଣ୍ଡାଲ ବୁଲିବା ଆଉ ଆଜି ଦଳର ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ଅଶୋକ ପଣ୍ଡା ଏହାକୁ ନେଇ ଛାତି ପିଟି ନବୀନ କ୍ରେଜ ବୋଲି ପ୍ରଚାର କରିବା ରାଜନୈତିକ ସମୀକ୍ଷକଙ୍କୁ ଆଚମ୍ବିତ କରିଛି।ସମୀକ୍ଷକଙ୍କ ମତରେ ନବୀନ ଯେତେବେଳେ ନୂଆ ନୂଆ ରାଜନୀତିକୁ ଆସିଥିଲେ ସେତେବେଳେ ଥରେ ଅଧେ ଦୁର୍ଗାପୂଜା ସମୟରେ କଟକ ଯାଇଥିଲେ। ତାହା ପୁଣି କଡା ସୁରକ୍ଷା ବ୍ୟବସ୍ଥା ଭିତରେ। କେବେ ବି ଗାଡିରୁ ଓହ୍ଲାଇ ନାହାଁନ୍ତି। ହାରିଯିବା ପରେ ନବୀନ ଏବେ ନିଜକୁ ଲୋକଙ୍କ ନେତା ବୋଲି ପ୍ରତିପାଦିତ କରିବାକୁ କାରକେଡରୁ ଓହ୍ଲାଇ ମୂର୍ତ୍ତି ପାଖକୁ ଯିବା ଓ ଲୋକଙ୍କୁ ଭେଟି ସେଲଫି ଉଠାଇବା ନିଜର ଭାବମୂର୍ତ୍ତିକୁ ଉଜ୍ଜିବିତ କରିବାକୁ ଏକ ପ୍ରୟାସ ମାତ୍ର। ଆଉ ସେ ଲୋକଙ୍କୁ ଦେଖାଇବାକୁ ଚାହୁଁଛନ୍ତି ଯେ, ସେ ଏବେ ବି ବିଜେଡି ସଭାପତି। ସେ ପାଣ୍ଡିଆନଙ୍କ ଦ୍ୱାରା ନିୟନ୍ତ୍ରିତ କି ପରିଚାଳିତ ନୁହଁନ୍ତି। କିନ୍ତୁ ସାଧାରଣ ଲୋକ ଓ ରାଜନୈତିକ ସମୀକ୍ଷକଙ୍କୁ ଏକଥା ଅବୁଝା ନୁହେଁ ଯେ, ବିଜେଡିରୁ ପାଣ୍ଡିଆନ ଛାପ ଛଡାଇବାକୁ ନବୀନଙ୍କ ଏକ ରାଜନୈତିକ ଗିମିକ୍।

### ନୂଆଁଖାଇରେ...

ପ୍ରଥମେ ଶୁଭ ଲଗ୍ନ ସକାଳ ୯ଟା୧୨ରୁ ୯ଟା ୨୭ ମଧ୍ୟରେ ନବାନ୍ନ ଲାଗି ହୋଇଛି। ଏହାପରେ ଅନ୍ୟ ପାର୍ଶ୍ୱ ଦେବାଦେବୀଙ୍କୁ ବି ଲାଗି ହୋଇଛି ନବାନ୍ନ। ମନ୍ଦିର ଭୋର ୪ଟାରୁ ଖୋଲା ଯାଇଥିଲା । ମାଁଙ୍କୁ ସ୍ନାନ କରାଇ ନୂଆବସ୍ତ୍ର ପରିଧାନ କରି ଗୁପ୍ତ ପୂଜା କରାଯାଇଥିଲା। ଚଳିତ ବର୍ଷ ମାଁଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି । ମାଁଙ୍କ ନିକଟରେ ନବାନ୍ନ ଲାଗି ହେବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସପରିବାର ସହ ସମଲେଇଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରି ନବାନ୍ନ ଭକ୍ଷଣ କରିଛନ୍ତି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ, ବିଧାୟକ ଜୟ ନାରାୟଣ ମିଶ୍ର ମାଁ ସମଲେଇଙ୍କ ଆଶୀର୍ବାଦ ନେଇଛନ୍ତି।

# ସରିଲା ପ୍ୟାରିସ୍ ପାରାଅଲିମ୍ପିକ୍ସ ୨୦୨୪




## ପ୍ରଥମ ଥର ଭାରତକୁ ପଦକ ୨୯

ପ୍ୟାରିସ୍, ୮।୯ (ଏଜେନ୍ସି): ପ୍ୟାରିସ୍ ପାରାଲିମ୍ପିକ୍ସରେ ଭାରତ ଐତିହାସିକ ପ୍ରଦର୍ଶନ କରି ୭ ସ୍ୱର୍ଣ୍ଣ ସହ ମୋଟ୍ ୨୯ ପଦକ ଜିତି ତା'ର ଅଭିଯାନ ଶେଷ କରିଛି, ଯେଉଁଥିରେ ୯ ରୌପ୍ୟ ଓ ୧୩ କାଂସ୍ୟ ବି ରହିଛି। ଶନିବାର ଦଶମ ଦିନ ଦେଶକୁ ୨ ପଦକ ମିଳିଥିଲା। ପାରାଲିମ୍ପିକ୍ କ୍ରୀଡ଼ା ଇତିହାସରେ ଭାରତ ପ୍ରଥମ ଥର ଏତେ ସଂଖ୍ୟକ ପଦକ ହାସଲ କରିଛି। ଏହା ପୂର୍ବରୁ ଟୋକିଓରେ ୫ ସ୍ୱର୍ଣ୍ଣ ସହ ୧୯ ପଦକ ମିଳିଥିଲା।

ପାଦକ ତାଲିକାରେ ଚୀନ୍ ୯୪ ସ୍ୱର୍ଣ୍ଣ ସହ ମୋଟ ୨୧୬ ପଦକ ଜିତି ପ୍ରଥମ ସ୍ଥାନରେ ରହିଥିବା ବେଳେ ବ୍ରିଟେନ୍ ୪୭ ସ୍ୱର୍ଣ୍ଣ ସହ ମୋଟ୍ ୧୨୦ ପଦକ ପାଇ ଦ୍ୱିତୀୟ ଓ ଆମେରିକା ୩୬ ସ୍ୱର୍ଣ୍ଣ ସହ ମୋଟ୍ ୧୦୨ ପଦକ ପାଇ ତୃତୀୟ ସ୍ଥାନ ହାସଲ କରିଛି। ଭାରତକୁ ୧୬ତମ ସ୍ଥାନ ମିଳିଛି।

ଭାରତର ୧୭ (୪ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୭ କାଂସ୍ୟ) ପଦକ ଆଥ୍ଲେଟିକ୍ସରୁ ଆସିଛି। ବ୍ୟାଡ୍‌ମିଣ୍ଟନରୁ 5 (୧ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ କାଂସ୍ୟ) ଏବଂ ବନ୍ଧୁକଚାଳନାରେ ୪ (୧ ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୨ କାଂସ୍ୟ) ପଦକ ମିଳିଛି। ତୀରନ୍ଦାଜୀରେ ପ୍ରଥମ ଥର ସ୍ୱର୍ଣ୍ଣ ପଦକ ମିଳିଛି। ଏହି କ୍ରୀଡ଼ାଶୃଙ୍ଖଳାରୁ ଗୋଟିଏ କାଂସ୍ୟ ବି ମିଳିଛି। ଏହାଛଡ଼ା ଜୁଡୋରୁ ପ୍ରଥମ ଥର କାଂସ୍ୟ ପଦକ ପ୍ରାପ୍ତ ହୋଇଥିଲା।

ପ୍ରତିଯୋଗିତାର ଶେଷ ଦିନ ଭାରତୀୟ ଜାଭଲିନ୍ ଥ୍ରୋଅର୍ ନବଦୀ ସିଂହ ପୁରୁଷ ଏଫ୍୪୧ ଇଭେଣ୍ଟରେ ରୌପ୍ୟ ପଦକ ଜିତିଥିଲେ, ତେବେ ଇରାନୀ ଆଥ୍ଲେଟ୍ ବେଇତ ସାୟାହ ସାଦେଗ ଅଯୋଗ୍ୟ ଘୋଷିତ ହେବା ପରେ ନବଦୀପଙ୍କୁ ସ୍ୱର୍ଣ୍ଣ ମିଳିଥିଲା। ଏହାଛଡ଼ା ସିମରନ୍ ମହିଳା ୨୦୦ ମିଟର ଟି୧୨ ଇଭେଣ୍ଟରେ କାଂସ୍ୟ ପଦକ ଜିତିଥିଲେ।

## ଭାରତର ପଦକ ବିଜେତା

| ପଦକ | କ୍ରୀଡ଼ାଶୃଙ୍ଖଳା | ଆଥ୍ଲେଟ୍ |
|---|---|---|
| ସ୍ୱର୍ଣ୍ଣ | ସୁଟିଂ (ମହିଳା) | ଅବନୀ ଲେଖରା |
| ସ୍ୱର୍ଣ୍ଣ | ବ୍ୟାଡ୍‌ମିଣ୍ଟନ (ପୁରୁଷ) | ନିତେଶ କୁମାର |
| ସ୍ୱର୍ଣ୍ଣ | ଜାଭଲିନ୍ ଥ୍ରୋ' (ପୁରୁଷ) | ସୁମିତ ଅନ୍ତିଲ |
| ସ୍ୱର୍ଣ୍ଣ | ତୀରନ୍ଦାଜୀ (ପୁରୁଷ) | ହରବିନ୍ଦର ସିଂହ |
| ସ୍ୱର୍ଣ୍ଣ | କ୍ଲବ୍ ଥ୍ରୋ' (ପୁରୁଷ) | ଧରମବୀର ସିଂହ |
| ସ୍ୱର୍ଣ୍ଣ | ହାଇଜମ୍ପ୍ (ପୁରୁଷ) | ପ୍ରବୀଣ କୁମାର |
| ସ୍ୱର୍ଣ୍ଣ | ଜାଭଲିନ୍ ଥ୍ରୋ (ରୁଷ) | ନବଦୀ ସିଂହ |
| ରୌପ୍ୟ | ସୁଟିଂ (ପୁରୁଷ) | ମନୀଷ ନରୱାଲ |
| ରୌପ୍ୟ | ହାଇଜମ୍ପ୍ (ପୁରୁଷ) | ନିଷାଦ କୁମାର |
| ରୌପ୍ୟ | ଡିସ୍‌କସ୍ ଥ୍ରୋ' (ପୁରୁଷ) | ଯୋଗେଶ କଥୁନିଆ |
| ରୌପ୍ୟ | ବ୍ୟାଡ୍‌ମିଣ୍ଟନ (ମହିଳା) | ତୁଳସୀମତି ମୁରୁଗେସନ୍ |
| ରୌପ୍ୟ | ବ୍ୟାଡ୍‌ମିଣ୍ଟନ (ପୁରୁଷ) | ସୁହାସ ଯତିରାଜ |
| ରୌପ୍ୟ | ପୁରୁଷ ହାଇଜମ୍ପ୍ (ପୁରୁଷ) | ଶରଦ କୁମାର |
| ରୌପ୍ୟ | ଜାଭଲିନ୍ ଥ୍ରୋ' (ପୁରୁଷ) | ଅଜିତ ସିଂହ ଯାଦବ |
| ରୌପ୍ୟ | ସଟ୍‌ପୁଟ୍ (ପୁରୁଷ) | ସଚିନ ଖିଲାରୀ |
| ରୌପ୍ୟ | କ୍ଲବ୍ ଥ୍ରୋ' (ପୁରୁଷ) | ପ୍ରଣବ ସୂରମା |
| କାଂସ୍ୟ | ସୁଟିଂ (ମହିଳା) | ମୋନା ଅଗ୍ରୱାଲ |
| କାଂସ୍ୟ | ୧୦୦ମି. ରେସ୍ (ମହିଳା) | ପ୍ରୀତି ପାଲ୍ |
| କାଂସ୍ୟ | ସୁଟିଂ (ମହିଳା) | ରୁବିନା ଫ୍ରାନ୍‌ସିସ୍ |
| କାଂସ୍ୟ | ୨୦୦ ମି. ରେସ୍ (ମହିଳା) | ପ୍ରୀତି ପାଲ୍ |
| କାଂସ୍ୟ | ବ୍ୟାଡ୍‌ମିଣ୍ଟନ (ମହିଳା) | ମନୀଷା ରାମଦାସ |
| କାଂସ୍ୟ | ତୀରନ୍ଦାଜୀ (ମିଶ୍ରିତ) | ରାକେଶ କୁମାର ଓ ଶୀତଳ ଦେବୀ |
| କାଂସ୍ୟ | ବ୍ୟାଡ୍‌ମିଣ୍ଟନ (ମହିଳା) | ନିତ୍ୟା ଶ୍ରୀ ସିବନ୍ |
| କାଂସ୍ୟ | ୪୦୦ ମି. ରେସ୍ (ମହିଳା) | ଦୀପ୍ତି ଜୀଭାଞ୍ଜୀ |
| କାଂସ୍ୟ | ହାଇଜମ୍ପ୍ (ପୁରୁଷ) | ମରିୟପ୍ପନ ଥଙ୍ଗାଭେଲୁ |
| କାଂସ୍ୟ | ଜାଭଲିନ୍ ଥ୍ରୋ' (ପୁରୁଷ) | ସୁନ୍ଦର ସିଂହ ଗୁଜ୍ଜର |
| କାଂସ୍ୟ | ଜୁଡୋ (ପୁରୁଷ) | କପିଳ ପରମାର |
| କାଂସ୍ୟ | ସଟ୍‌ପୁଟ୍ (ପୁରୁଷ) | ହୋକାତୋ ସେମା |
| କାଂସ୍ୟ | ୨୦୦ ମି. ରେସ୍ (ମହିଳା) | ସିମରନ୍ |

### ସ୍ୱତନ୍ତ୍ର ଅଲିମ୍ପିକ୍ସ ଜାତୀୟ ବୋଲିଂ

## ଓଡ଼ିଶାକୁ ସ୍ୱର୍ଣ୍ଣ ଓ କାଂସ୍ୟ

ଭୁବନେଶ୍ୱର,୮।୯ (ସଂଚାର ବ୍ୟୁରୋ) : ନୂଆଦିଲ୍ଲୀର ରୁବ୍ ମଲ୍ଲ ଜୋରେକୋରେ ଅନୁଷ୍ଠିତ ସ୍ୱତନ୍ତ୍ର ଅଲିମ୍ପିକ୍ସ ଖେଳାଳିଙ୍କ ପ୍ରଥମ ଜାତୀୟ ବୋଲିଂ ପ୍ରତିଯୋଗିତାରେ ଓଡ଼ିଶାକୁ ଗୋଟିଏ ଲେଖାଏଁ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ମିଳିଛି। ଅସୀମା ଐଶ୍ୱର୍ଯ୍ୟା ଓ ସଂଗୀତା ନାୟକଙ୍କୁ ନେଇ ଗଠିତ ଓଡ଼ିଶା ମହିଳା ଦଳ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ଦେବାଶିଷ ଓ କିରଣ ନାଗଙ୍କୁ ନେଇ ଗଠିତ ଓଡ଼ିଶା ପୁରୁଷ ଦଳ କାଂସ୍ୟ ପଦକ ଜିତିଛନ୍ତି। ଓଡ଼ିଶା ଦଳ ସହ ବିବେକାନନ୍ଦ ମହାନ୍ତି ଓ ଲିଲୁବାଳା ମହାପାତ୍ର ପ୍ରଶିକ୍ଷକ ଭାବେ ଦାୟିତ୍ୱ ତୁଲାଇଥିଲେ। 'ନିକଟରେ ବୋଲିଂ ଖେଳକୁ ସ୍ୱତନ୍ତ୍ର ଅଲିମ୍ପିକ୍ସରେ ସାମିଲ କରାଯାଇଛି। ଭିତ୍ତିଭୂମିର ଅଭାବ ସତ୍ତ୍ୱେ ଆମ ଖେଳାଳି ଚମତ୍କାର ପ୍ରଦର୍ଶନ ଦେଇଛନ୍ତି' ବୋଲି ପ୍ରକାଶ କରିଛନ୍ତି ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତ-ଓଡ଼ିଶାର ରାଜ୍ୟ କାର୍ଯ୍ୟକ୍ରମ ସଂଯୋଜିକା ଅର୍ପିତା ମହାପାତ୍ର। ସରକାର ଏବେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ସ୍ୱତନ୍ତ୍ର ଅଲିମ୍ପିକ୍ସର କେନ୍ଦ୍ରମାନ ଖୋଲିବାର ଆବଶ୍ୟକତା ରହିଛି ବୋଲି ମତ ଦେଇଛନ୍ତି ସ୍ୱତନ୍ତ୍ର ଅଲିମ୍ପିକ୍ସ ଭାରତ-ଓଡ଼ିଶାର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରକାଶ କୁମାର ରଥ।

### ୟୁଏସ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ମହିଳା ଏକକ

## ସାବାଲେଙ୍କା ନୂଆ ଚାମ୍ପିଅନ୍

ନ୍ୟୁୟର୍କ, ୮।୯ (ଏଜେନ୍ସି): ରୋମାଞ୍ଚକ ମହିଳା ଏକକ ଫାଇନାଲ୍‌ରେ ଆମେରିକୀୟ ଜେସିକା ପେଗୁଲାଙ୍କୁ ହରାଇ ବେଲାରୁଷୀୟ ଆରିନା ସାବାଲେଙ୍କା ୟୁଏସ୍ ଓପନ୍‌ରେ ନୂଆ ଚାମ୍ପିଅନ୍ ହୋଇଛନ୍ତି। ଏହା ତାଙ୍କ କ୍ୟାରିଅର୍‌ର ତୃତୀୟ ଗ୍ରାଣ୍ଡସ୍ଲାମ୍ ମୁକୁଟ। ଅନ୍ୟପଟେ, ଏହି ପରାଜୟ ସହ ପେଗୁଲାଙ୍କ ପ୍ରଥମ ମେଜର୍ ମୁକୁଟ ଆଶା ଧୂଳିସାତ୍ ହୋଇଯାଇଛି।

ବିଶ୍ୱର ଦୁଇ ନମ୍ବର ଖେଳାଳି ସାବାଲେଙ୍କା ୭-୫, ୭-୫ ସେଟ୍‌ରେ ବିଜୟୀ ହୋଇ ତାଙ୍କ ପ୍ରଭାବଶାଳୀ କ୍ୟାରିଅର୍‌ରେ ନ୍ୟୁୟର୍କ ଚାମ୍ପିଅନ୍‌ସିପ୍ ସଫଳତାକୁ ଯୋଡ଼ିଛନ୍ତି, ଯେଉଁଥିରେ କ୍ରମାଗତ ଦୁଇ ଥର ଅଷ୍ଟ୍ରେଲିଆନ୍ ଓପନ୍ ବିଜୟ ରହିଛି।

ଦ୍ୱିତୀୟ ସେଟ୍‌ରେ ୦-୩ ବ୍ୟବଧାନ ଓ ଏକ ବ୍ରେକ୍ ପଏଣ୍ଟ ହରାଇବା ସତ୍ତ୍ୱେ ଷଷ୍ଠ ସିଡ୍ ପେଗୁଲା ଦୃଢ଼ତାର ସହ ପ୍ରତ୍ୟାବର୍ତ୍ତନ କରି ୫-୩ରେ ଅଗ୍ରଣୀ ହାସଲ କରିଥିଲେ। ତେବେ ସାବାଲେଙ୍କାଙ୍କ ପ୍ରତିବଦ୍ଧତା ଆଗରେ ତାହା ପର୍ଯ୍ୟାପ୍ତ ନ ଥିଲା, ଯିଏ ପ୍ରଥମ ସେଟ୍ ପରେ ଦ୍ୱିତୀୟ ସେଟ୍‌କୁ ବି ହାତେଇଥିଲେ। ପେଗୁଲାଙ୍କୁ ଦର୍ଶକଙ୍କ ଠାରୁ ଅଧିକ ସମର୍ଥନ ମିଳୁଥିଲେହେଁ ସାବାଲେଙ୍କାଙ୍କ ଅବିରତ ହିଟିଂର ମୁକାବିଲା କରିବା ତାଙ୍କ ପାଇଁ ଚାଲେଞ୍ଜ୍ ହୋଇଯାଇଥିଲା।



୩୦ବର୍ଷୀୟା ପେଗୁଲା ୟୁଏସ୍ ହାର୍ଡକୋର୍ଟ ସିଜନ୍‌ରେ ୧୬ରୁ ୧୫ ମ୍ୟାଚ୍ ଜିତି ଫାଇନାଲ୍‌ରେ ପହଞ୍ଚିଥିଲେ, ଯେଉଁଥିରେ ଟରୋଣ୍ଟୋ ବିଜୟ ଓ ସାବାଲେଙ୍କାଙ୍କ ଠାରୁ ସିନ୍‌ସିନାଟି ଫାଇନାଲ୍ ପରାଜୟ ଥିଲା। ମ୍ୟାଚ୍‌ର ଆଦ୍ୟଭାଗରେ ସେ ୨-୧ରେ ଆଗୁଆ ଥିଲେ। କିନ୍ତୁ ସାବାଲେଙ୍କା ଶୀଘ୍ର ଲୟ ହାସଲ କରି ୪-୨ରେ ଅଗ୍ରଣୀ ହୋଇଥିଲେ। ଏହାପରେ ବେଲାରୁଷୀୟ ତାଙ୍କ ଆଧିପତ୍ୟ ବଜାୟ ରଖିଥିଲେ।

୨୬ବର୍ଷୀୟା ସାବାଲେଙ୍କା ମ୍ୟାଚ୍‌ରେ ୪୦ ୱିନର୍ ଲଗାଇଥିଲେ। ସେ ପ୍ରଥମ ମହିଳା ଖେଳାଳି ଭାବେ ଗୋଟିଏ ସିଜନ୍‌ରେ ଦୁଇ ହାର୍ଡକୋର୍ଟ ଟୁର୍ଣ୍ଣାମେଣ୍ଟ (ଅଷ୍ଟ୍ରେଲିଆନ୍ ଓପନ୍ ଓ ୟୁଏସ୍ ଓପନ୍) ଜିତିବାର ଗୌରବ ଅର୍ଜନ କରିଛନ୍ତି। ଏହା ପୂର୍ବରୁ ଆଞ୍ଜେଲିକ୍ କର୍ବର ୨୦୧୬ରେ ଏହି ଉପଲବ୍ଧି ହାସଲ କରିଥିଲେ।

ଏହା ପୂର୍ବରୁ ସେମିଫାଇନାଲ୍‌ରେ ସାବାଲେଙ୍କା ୧୩ତମ ସିଡ୍ ଆମେରିକାର ଏମା ନଭାରୋଙ୍କୁ ୬-୩, ୭-୬ (୭/୨)ରେ ମାତ୍ ଦେଇଥିବା ବେଳେ ପେଗୁଲା ବିଶ୍ୱର ୫୨ତମ ମାନ୍ୟତାଧାରିଣୀ ଅନ୍‌ସିଡ୍ ଚେକ୍ ଗଣତନ୍ତ୍ରର କାରୋଲିନା ମୁକୋଭାଙ୍କୁ ୧-୬, ୬-୪, ୬-୨ ସେଟ୍‌ରେ ହରାଇଥିଲେ।

ଟୁର୍ଣ୍ଣାମେଣ୍ଟର ପୂର୍ବ ସିଜନ୍‌ର ରନର୍ସଅପ୍ ଏବଂ ୨୦୨୧ ଓ ୨୦୨୨ର ସେମିଫାଇନାଲିଷ୍ଟ ସାବାଲେଙ୍କା ମ୍ୟାଚ୍ ପରେ କହିଥିଲେ, "ମୁଁ ଅବାକ୍। ଅନେକ ଥର ମୁଁ ୟୁଏସ୍ ଓପନ୍‌ର ନିକଟତର ହୋଇଥିଲି ଏବଂ ଶେଷରେ ମୁଁ ତାକୁ ହାସଲ କରିଛି। ନିଜ ସ୍ୱପ୍ନକୁ କେବେ ତ୍ୟାଗ କର ନାହିଁ। କଠିନ ପରିଶ୍ରମ କର। ମୁଁ ନିଜକୁ ନେଇ ଖୁବ୍ ଗର୍ବିତ।"

### ଦୁଲିପ ଟ୍ରଫି

## ଇଣ୍ଡିଆ-ବି ୭୬ ରନରେ ବିଜୟୀ

ବେଙ୍ଗାଲୁରୁ , ୮।୯ (ଏଜେନ୍ସି): ଏଠାରେ ଦୁଲିପ ଟ୍ରଫି କ୍ରିକେଟର ଏକ ମ୍ୟାଚରେ ଇଣ୍ଡିଆ-ବି ପ୍ରତିପକ୍ଷ ଇଣ୍ଡିଆ-ଏ'କୁ ୭୬ ରନରେ ପରାଜିତ କରିଛି। ବିଜୟ ହାସଲ ନିମନ୍ତେ ଦ୍ୱିତୀୟ ଇନିଂସର ଇଣ୍ଡିଆ-ଏ'କୁ ୨୭୩ ରନର ଆବଶ୍ୟକତା ଥିବା ବେଳେ ଇଣ୍ଡିଆ-ବି' ଦଳର ବୋଲରଙ୍କ ଆଗରେ ଇଣ୍ଡିଆ-ଏ' ହାର ମାନିଥିଲେ ଏବଂ ସମୁଦାୟ ଦଳ ୧୯୮ରେ ଅଲ ଆଉଟ ହୋଇଯାଇଥିଲା। ଇଣ୍ଡିଆ-ଏ' ପକ୍ଷରୁ ଲୋକେଶ ରାହୁଲ ସର୍ବାଧିକ ୫୭ ଏବଂ ଆକାଶ ଦୀପ ୪୩ ରନ କରି ଶେଷ ବ୍ୟାଟସ୍ମ୍ୟାନ ଭାବେ ରନ ଆଉଟ ହୋଇଯାଇଥିଲେ। ଏହା ସହିତ ଖେଳର ପରିସମାପ୍ତି ଘଟିଥିଲା। ଇଣ୍ଡିଆ ବି- ଦଳ ପକ୍ଷରୁ ଯାଶ ଦୟାଲ ସର୍ବାଧିକ ୩ଟି ଏବଂ ନବଦୀପ ସାଇନି ତଥା ମୁକେଶ କୁମାର ୨ ଟଇ ଲେଖାଏଁ ୱିକେଟ ଦଖଲ କରିଥିଲେ। ପୂର୍ବରୁ ଇଣ୍ଡିଆ ବି ଏହାର ପ୍ରଥମ ଇନିଂସରେ ମୁସିର ଖାନଙ୍କ ୧୮୧ ରନ ବଳରେ ୩୨୧ ରନ ସଂଗ୍ରହ କରିଥିଲା। ଜବାବରେ ଇଣ୍ଡିଆ-ଏ ଏହାର ପ୍ରଥମ ଇନିଂରେ ୨୩୧ ରନରେ ଅଲଆଉଟ ହୋଇଥିଲା। ଫଳରେ ଇଣ୍ଡିଆ ବି ପ୍ରଥମ ଇନିଂସରେ ୯୦ ରନରେ ଅଲ ଆଉଟ ହୋଇଥିଲା। ଫଳରେ ଇଣ୍ଡିଆ-ବିଂ ପ୍ରଥମ ଇନିଂସରେ ୯୦ ରନ ନିର୍ଣ୍ଣାୟକ ଅଗ୍ରଣୀ ହାସଲ କରିଥିଲା। ଦ୍ୱିତୀୟ ଇନିଂସରେ ଇଣ୍ଡିଆ-ବି ରିଷଭ ପନ୍ତଙ୍କ ୬୧ ରନ ବଳର ୧୮୪ ରନରେ ଅଗ୍ରଣୀ ହାସଲ କରିଥିଲା। ଇଣ୍ଡିଆ ଏ ପକ୍ଷରୁ ଆକାଶଦୀପ ସର୍ବାଧିକ ୫ଟି ଏବଂ ଖଲିଲ ଅହମ୍ମଦ ୩ଟି ୱିକେଟ ଦଖଲ କରିଥିଲେ। ପ୍ରଥମ ଇନିଂସରେ ୧୮୧ ରନ ସଂଗ୍ରହ କରିଥିବା ମୁସିର ଖାନଙ୍କୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ କରାଯାଇଛି।

## ଭାରତ 'ସି' ୪ ୱିକେଟ୍‌ରେ ବିଜୟୀ

ଦଲିପ ଟ୍ରଫି ଘରୋଇ କ୍ରିକେଟ୍ ପ୍ରତିଯୋଗିତାର ନୂଆ ଫର୍ମାଟରେ ପ୍ରଥମ ବିଜୟ ପାଇଛି ଭାରତ 'ସି'। ଋତୁରାଜ ଗାଏକ୍‌ୱାଡ୍‌ଙ୍କ ଏହି ଦଳ ତୃତୀୟ ଦିନରେ ରୋମାଞ୍ଚକ ଭାବେ ୪ ୱିକେଟ୍‌ରେ ଶ୍ରେୟସ ଆୟରଙ୍କ ଭାରତ 'ଡି'କୁ ପରାସ୍ତ କରିଛି। ଅନନ୍ତପୁରରେ ଖେଳାଯାଇଥିବା ମ୍ୟାଚ୍‌ରେ ଶନିବାର ଭାରତ 'ଡି'ର ଦ୍ୱିତୀୟ ପାଳି ୧୦୬/୮ରୁ ଆରମ୍ଭ ହୋଇ ୨୩୬ ରନ୍‌ରେ ଶେଷ ହୋଇଯାଇଥିଲା। ଫଳରେ ପ୍ରଥମ ପାଳିରେ ମାତ୍ର ୪ ରନ୍ ଅଗ୍ରଣୀ ପାଇଥିବା ଭାରତ 'ସି' ସମ୍ମୁଖରେ ୨୩୩ ରନ୍ ବିଜୟ ଲକ୍ଷ୍ୟ ରହିଥିଲା। ଶୀର୍ଷକ୍ରମଙ୍କ ଦାୟିତ୍ୱପୂର୍ଣ୍ଣ ଅବଦାନ କାରଣରୁ ଦଳ ୬ ୱିକେଟ୍ ହରାଇ ବିଜୟ ଲକ୍ଷ୍ୟରେ ପହଞ୍ଚିଯାଇଥିଲା। ଅଧିନାୟକ ଋତୁରାଜ ଗାଏକ୍‌ୱାଡ (୪୬)ଙ୍କ ସହ ଆର୍ଯ୍ୟନ ଜୁୟାଲ (୪୭), ରଜତ ପଟିଦାର (୪୪), ଅଭିଷେକ ପୋରେଲ୍ (୩୫*), ମାନବ ସୁତାର (୧୯*) ଦଳର ବିଜୟ ସୁଯୋଗ ହାତଛଡ଼ା କରି ନଥିଲେ। ସାରାଂଶ ଜୈନ ୪ ୱିକେଟ୍ ନେଇ ସୁଯୋଗ ଦେଇଥିଲେ ମଧ୍ୟ ଏହା ସଫଳ ହୋଇ ନଥିଲା। ମାନବ ସୁତାର (୧, ୧/୩୪, ୭/୪୯, ୧୯*) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଛନ୍ତି।



## ଏସିଆନ ଚାମ୍ପିୟନ୍ସ ଟ୍ରଫି: ଚାଇନାକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୮।୯ (ଏଜେନ୍ସି) : ପୁରୁଷ ଏସିଆନ ଚାମ୍ପିୟନ୍ସ ଟ୍ରଫିର ଅଷ୍ଟମ ସଂସ୍କରଣ ଆଜିଠାରୁ ଚାଇନାର ହୁଲୁନବୁଇରରେ ଆରମ୍ଭ ହୋଇଛି। ପ୍ରଥମ ମ୍ୟାଚ୍‌ରେ ୩-୦ ଗୋଲରେ ଚାଇନାକୁ ପରାସ୍ତ କରିଛି ଡିଫେଣ୍ଡିଂ ଚାମ୍ପିୟନ ଭାରତ। ଭାରତୀୟ ଟିମ୍ ପକ୍ଷରୁ ସୁଖଜୀତ ସିଂହ, ଉତ୍ତମ ସିଂହ ଓ ଅଭିଷେକ ଏହି ତିନୋଟି ଗୋଲ୍ କରିଥିଲେ।

ଭାରତ ପାଇଁ ପ୍ରଥମ ଗୋଲ୍ କରିଥିଲେ ସୁଖଜୀତ ସିଂହ। ୧୪ତମ ମିନିଟ୍‌ରେ ସେ ଏହି ଗୋଲ୍ କରିଥିଲେ। ତା'ପରେ ଆଉ ପଛକୁ ଦେଖି ନଥିଲା ଦଳ। ଭାରତ ଦ୍ୱିତୀୟ ଗୋଲ ଆସିଥିଲା ଦ୍ୱିତୀୟ କ୍ୱାର୍ଟରରେ। ଉତ୍ତମ ସିଂହ ଚାଇନରେ ଡିଫେନ୍ସ ଲାଇନକୁ ଭାଙ୍ଗି ଗୋଲ୍ ଦେବାରେ ସଫଳ ହୋଇଥିଲେ। ଭାରତୀୟ ଦଳ ଅଧିକ ସମୟ ଧରି ବଲ୍‌କୁ ନିଜ ପାଖରେ ରଖିବାରେ ସଫଳ ହୋଇଥିଲା।

ଖେଳ ଆରମ୍ଭରେ ବେଶ୍ କିଛି ସମୟ ପାଇଁ ଚାଇନାର ଡିଫେଣ୍ଡରମାନେ ଅଭିଷେକଙ୍କୁ ହଇରାଣ କରିଥିବା ବେଳେ ୩୨ତମ ମିନିଟ୍‌ରେ କିନ୍ତୁ ସବୁ ଓଲଟପାଲଟ ହୋଇଯାଇଥିଲା। ଚାଇନର ଡିଫେଣ୍ଡରଙ୍କୁ ଚକମା ଦେଇ ଏକ ଗୋଲ୍ ଦେବାରେ ସଫଳ ହୋଇଥିଲେ।

ପ୍ୟାରିସ ଅଲିମ୍ପିକ୍ସ ପରେ ପିଆର ଶ୍ରୀଜେଶ ଅବସର ନେଇ ଯାଇଥିବାରୁ ଆଜି ଭାରତୀୟ ଦଳ ପାଇଁ ଗୋଲ୍ ପୋଷ୍ଟ ସମ୍ଭାଳିଥିଲେ କୃଷ୍ଣ ବାହାଦୂର ପାଠକ। ହେଲେ ଆଜିର ମ୍ୟାଚ୍ ତାଙ୍କ ପାଇଁ କଠିନ ନଥିଲା। କାରଣ ଭାରତୀୟ ଦଳର ଡିଫେନ୍ସ ଖୁବ୍ ସଶକ୍ତ ରହିଥିଲା। ଭାରତର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ଅଛି। କାଲି ଦଳ ଜାପାନ ବିପକ୍ଷରେ ଖେଳିବ। ୧୧ ତାରିଖରେ ଦଳ ତା'ର ତୃତୀୟ ମ୍ୟାଚ୍ ମ୍ୟାଲେସିୟା ବିପକ୍ଷରେ ଖେଳିବାକୁ ଥିବା ବେଳେ ୧୨ରେ ଦକ୍ଷିଣ କୋରିଆ ବିପକ୍ଷରେ ଖେଳିବ। ସେପ୍ଟେମ୍ବର ୧୪ ତାରିଖରେ ଭାରତ ତା'ର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ ଭେଟିବ।

ସୂଚନାଯୋଗ୍ୟ, ନିକଟରେ ଶେଷ ହୋଇଥିବା ପ୍ୟାରିସ ଅଲିମ୍ପିକ୍ସରେ ଭାରତ ବ୍ରୋଞ୍ଜ ପଦକ ଜିତିଥିଲା। ସ୍ପେନ୍‌କୁ ହରାଇ ଭାର ଏହି ପଦକ ହାସଲ କରିଥିଲା। ଏହା ପୂର୍ବରୁ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତ ବ୍ରୋଞ୍ଜ ପଦକ ହାସଲ କରିଥିଲା। ଲଗାତାର ଦୁଇଟି ଅଲିମ୍ପିକ୍ସରେ ଦଳ ପଦକ ଜିତିଥିବାରୁ ଏହାର ମନୋବଳ ଦୃଢ଼ ଅଛି।

## ଜୟ ଶାହା ଆଇସିସି ଚେୟାରମ୍ୟାନ ହେବା ପରେ ପାକିସ୍ତାନକୁ ଲାଗିଲା ଝଟ୍‌କା



ନୂଆଦିଲ୍ଲୀ/ଇସଲାମାବାଦ,୮।୯: ଭାରତୀୟ କ୍ରିକେଟ କଂଟ୍ରୋଲ ବୋର୍ଡ (ବିସିସିଆଇ) ସଚିବ ଜୟ ଶାହାଙ୍କୁ ଗତ ମାସ ଶେଷରେ ଆଇସିସିର ଚେୟାରମ୍ୟାନ ଭାବରେ ନିର୍ବାଚିତ କରାଯାଇଛି। ସେ ୧ଡିସେମ୍ବର ୨୦୨୪ରେ ତାଙ୍କ ପଦ ଗ୍ରହଣ କରିବେ। ଜୟ ଶାହା ବିନା ପ୍ରତିଦ୍ୱନ୍ଦ୍ୱିତାରେ ଆଇସିସି ଅଧ୍ୟକ୍ଷ ଭାବରେ ନିର୍ବାଚିତ ହୋଇଛନ୍ତି। ତାଙ୍କ ବିଷୟରେ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଅଧ୍ୟକ୍ଷ ମୋହସିନ ନାକଭି ଖୋଲାଖୋଲି ଭାବେ ଶାହା ଆଇସିସି ଚେୟାରମ୍ୟାନ ହେବା ଏବଂ ଏସୀୟ କ୍ରିକେଟ ପରିଷଦର ପରବର୍ତ୍ତୀ ବୈଠକକୁ ନେଇ ଆଲୋଚନା କରିଛନ୍ତି। ନକଭି କହିଛନ୍ତି ଯେ ଜୟ ଶାହା ଅଧ୍ୟକ୍ଷ ହେବା ନେଇ କୌଣସି ଚିନ୍ତା ନାହିଁ। ଜିଓ ନ୍ୟୁଜ ଅନୁଯାୟୀ, ନକଭି ଗଣମାଧ୍ୟମକୁ କହିଛନ୍ତି ଯେ ଆମେ ଜୟ ଶାହାଙ୍କ ସହ ଯୋଗାଯୋଗରେ ଅଛୁ, ତାଙ୍କର ଆଇସିସି ଚେୟାରମ୍ୟାନ ହେବାକୁ ନେଇ କୌଣସି ଚିନ୍ତା ନାହିଁ। ଏସିସି ବୈଠକ ସେପ୍ଟେମ୍ବର ୮ ଏବଂ ୯ରେ ହେବ। ନକଭି ନିଶ୍ଚିତ କରିଛନ୍ତି ଯେ ସେ ଏହି ସଭାରେ ଯୋଗଦେବେ ନାହିଁ। ସେ କହିଛନ୍ତି ମୁଁ ସଭାରେ ଯୋଗ ଦେଇ ପାରିବି ନାହିଁ। ଏଥିରେ ସଲମାନ ନାସିର ଅଂଶଗ୍ରହଣ କରିବେ। ବୈଠକରେ ନୂତନ ଅଧ୍ୟକ୍ଷଙ୍କ ସହ ଜଡିତ ମାମଲା ଚୂଡ଼ାନ୍ତ ହେବ। ଆଇସିସିର ନେତୃତ୍ୱ ନେଉଥିବା ଜୟ ଶାହା ହେଉଛନ୍ତି ସବୁଠାରୁ କନିଷ୍ଠ ବ୍ୟକ୍ତି। ସେ ଜଗମୋହନ ଡାଲମିଆ, ଶରଦ ପାୱାର, ଏନ ଶ୍ରୀନିବାସନ ଏବଂ ଶଶାଙ୍କ ମନୋହରଙ୍କ ଭଳି ଭାରତୀୟଙ୍କ ସହ ଯୋଗ ଦେଇଛନ୍ତି ଯେଉଁମାନେ ଅତୀତରେ ଆଇସିସିର ନେତୃତ୍ୱ ନେଇଥିଲେ। ଆସନ୍ତା ବର୍ଷ ପାକିସ୍ତାନ ଆଇସିସି ଚାମ୍ପିଅନ୍ସ ଟ୍ରଫି ଆୟୋଜନ କରିବ। କରାଚି ଜାତୀୟ ଷ୍ଟାଡିୟମ, ଲାହୋରର ଗଦ୍ଦାଫି ଷ୍ଟାଡିୟମ ଏବଂ ରାୱଲପିଣ୍ଡି କ୍ରିକେଟ ଷ୍ଟାଡିୟମରେ ଏହି ବଡ଼ କାର୍ଯ୍ୟକ୍ରମ ପାଇଁ ନବୀକରଣ କାର୍ଯ୍ୟ ଚାଲିଛି।

## ଆନ୍ତର୍ଜାତିକ କ୍ରିକେଟ୍‌ରୁ ମୋଇନ୍‌ଙ୍କ ଅବସର

ଲଣ୍ଡନ, ୮।୯ (ଏଜେନ୍ସି): ଇଂଲିଶ୍ ଅଲ୍‌ରାଉଣ୍ଡର ମୋଇନ୍ ଅଲୀ ଆନ୍ତର୍ଜାତିକ କ୍ରିକେଟ୍‌ର ସମସ୍ତ ଫର୍ମାଟ୍‌ରୁ ଅବସର ନେଇଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ହ୍ୱାଇଟ୍-ବଲ୍ ଶୃଙ୍ଖଳା ପାଇଁ ଇଂଲିଶ୍ ଟିମ୍‌ରେ ସ୍ଥାନ ନ ମିଳିବା ପରେ ୩୭ବର୍ଷୀୟ ମୋଇନ୍ ଏହି ଚରମ ନିଷ୍ପତ୍ତି ନେଇଛନ୍ତି। ସେ ୨୦୧୯ ଦିନିକିଆ ଓ ୨୦୨୨ ଟି-୨୦ ବିଶ୍ୱକପ୍ ବିଜେତା ଟିମ୍‌ର ସଦସ୍ୟ ଥିଲେ।

ମୋଇନ୍ ଡେଲି ମେଲ୍‌କୁ ଦେଇଥିବା ଏକ ସାକ୍ଷାତକାରରେ କହିଛନ୍ତି, "ମୋତେ ୩୭ ବର୍ଷ ବୟସ ଏବଂ ଚଳିତ ମାସରେ ଅଷ୍ଟ୍ରେଲିଆ ବିପକ୍ଷରେ ହେବାକୁ ଥିବା ଶୃଙ୍ଖଳା ପାଇଁ ମୋତେ ଚୟନ କରାଯାଇ ନାହିଁ। ମୁଁ ଇଂଲଣ୍ଡ ପାଇଁ ବହୁତ କ୍ରିକେଟ୍ ଖେଳିଛି। ଏବେ ପରବର୍ତ୍ତୀ ପିଢ଼ି ପାଇଁ ସମୟ ଆସିଛି, ।ହା ବିଷୟରେ ମୋତେ କୁହାଯାଇଛି। ମୋତେ ଲାଗୁଛି ଏହା ପ୍ରକୃଷ୍ଟ ସମୟ। ମୁଁ ନିଜର କାମ କରିଦେଇଛି।"

ମୋଇନ୍ ନିଜର ଶେଷ ଆନ୍ତର୍ଜାତିକ ମ୍ୟାଚ୍ ଟି-୨୦ ବିଶ୍ୱକପ୍ ୨୦୨୪ରେ ଖେଳିଥିଲେ। ଗୟାନା ଠାରେ ଭାରତ ବିପକ୍ଷରେ ଖେଳାଯାଇଥିବା ଏହି ସେମିଫାଇନାଲ୍ ମ୍ୟାଚ୍‌ରେ ଇଂଲଣ୍ଡ ଟିମ୍ ପରାଜୟର ସମ୍ମୁଖୀନ ହୋଇଥିଲା।

### ବର୍ଷେ ତଳେ ଅବସରରୁ ଫେରିଥିଲେ

ମୋଇନ୍ ଅଲୀ ୨୦୨୧ରେ ମଧ୍ୟ ଅବସର ଘୋଷଣା କରିଥିଲେ। ଏହାର ଦୁଇ ବର୍ଷ ପରେ ୨୦୨୩ରେ ଟେଷ୍ଟ କ୍ରିକେଟ୍ ଜରିଆରେ ଅବସରରୁ ପ୍ରତ୍ୟାବର୍ତ୍ତନ କରିଥିଲେ। ସେତେବେଳେ ତାଙ୍କୁ ଆସେସ୍ ଶୃଙ୍ଖଳା ପାଇଁ ଜ୍ୟାକ୍ ଲିଚ୍‌ଙ୍କ ସ୍ଥାନରେ ଇଂଲିଶ୍ ଟିମ୍‌ରେ ସାମିଲ୍ କରାଯାଇଥିଲା।

ମୋଇନ୍ ଅଲୀ ଟେଷ୍ଟ ଅଧିନାୟକ ବେନ୍ ଷ୍ଟୋକ୍ସ, ମୁଖ୍ୟ କୋଚ୍ ବ୍ରାଣ୍ଡନ୍ ମ୍ୟାକ୍‌କଲମ୍ ଓ ଇଂଲଣ୍ଡ କ୍ରିକେଟ୍‌ର ପରିଚାଳନା ନିର୍ଦ୍ଦେଶକ ରବର୍ଟ କୋସେଙ୍କ ସହ କଥାବାର୍ତ୍ତା କରି ଅବସର ନିଷ୍ପତ୍ତି ନେଇଥିଲେ।

### ୩୬୬ ୱିକେଟ୍ ହାସଲ ଓ ୬୬୭୮ ରନ୍ ସଂଗ୍ରହ

ମୋଇନ୍ ୨୦୧୪ରେ ଆନ୍ତର୍ଜାତିକ କ୍ରିକେଟ୍‌ରେ ପଦାର୍ପଣ କରିଥିଲେ। ସେ ଅଲ୍‌ରାଉଣ୍ଡର୍ ଭାବେ ୬୮ ଟେଷ୍ଟ, ୧୩୮ ଦିନିକିଆ ଓ ୯୨ ଟି-୨୦ ଆନ୍ତର୍ଜାତିକ ମ୍ୟାଚ୍ ଖେଳିଛନ୍ତି। ସେ ସବୁ ଆନ୍ତର୍ଜାତିକ ଫର୍ମାଟ୍‌କୁ ମିଶାଇ ଆଠ ଶତକ ଓ ୨୮ ଅର୍ଦ୍ଧଶତକ ସହ ୬୬୭୮ ରନ୍ ସଂଗ୍ରହ କରିଥିବା ବେଳେ ୩୬୬ ୱିକେଟ୍ ନେଇଛନ୍ତି।

**୧୦ ବର୍ଷର ଅନ୍ତର୍ଜାତୀୟ କ୍ୟାରିଅରରେ ସେ ୨୯୮ଟି ମ୍ୟାଚ୍ ଖେଳିଛନ୍ତି**





ନୂଆଁଖାଇରେ ନୂଆ ଖାଇଲେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ତାଙ୍କ ପତ୍ନୀ ଓ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

# ନୂଆଁଖାଇ ପ୍ରସ୍ତୁତି ବେଳେ ବୁଡ଼ିଗଲା ନାବାଳିକା

**ସମ୍ବଲପୁର,୮।୯(ସଂଚାର ବ୍ୟୁରୋ):** ନୂଆଁଖାଇ ଆନନ୍ଦଉଲ୍ଲାସ ମଧ୍ୟରେ ଏକ ନାବାଳିକା ଗାଧୋଇବାକୁ ଯାଇ ପୋଖରୀରେ ବୁଡ଼ିଯାଇଛନ୍ତି। ପରିବାର ଲୋକେ ପୋଖରୀରୁ ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଏପରି ଏକ ଦୁଃଖଦ ଘଟଣା ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ବଲବସପୁର ଗାଁରେ ଘଟିଛି। ମୃତକ ହେଲେ ୧୭ ବର୍ଷୀୟା ଶୋଭାଗିନୀ କର୍ଣ୍ଣ। ହସଖୁସିରେ ଫାଟିପଡୁଥିବା ଘର ହଠାତ୍ କାନ୍ଦବୋବାଳିରେ ଫାଟି ଉଠୁଛି। ଘରେ ନୂଆଖାଇ ପାଇଁ ଜୋରସୋରରେ ପ୍ରସ୍ତୁତି ଚାଲିଥିବା ବେଳେ ଶୋଭାଗିନୀ ଖୁସି ମନରେ ଗାଧୋଇବାକୁ ପୋଖରୀକୁ ଯାଇଥିଲେ। ଗାଧୋଇ ସାରିବା ପରେ ନୂଆ ଡ୍ରେସ ପିନ୍ଧି ପିଠାପଣା ଖାଇ ସାଙ୍ଗଙ୍କ ସହ ମଜାମସ୍ତି କରିଥାନ୍ତେ। ମାତ୍ର ତାଙ୍କ ଆଶା ପୂରଣ ହୋଇପାରିଲାନି। ବହୁ ସମୟ ପର୍ଯ୍ୟନ୍ତ ଝିଅ ନ ଫେରିବାରୁ ପରିବାର ଲୋକେ ପୋଖରୀ ନିକଟକୁ ଯାଇ ଝିଅ ପାଣିରେ ମୁହଁ ମାଡ଼ି ପଡ଼ିଥିବା ଦେଖିବାକୁ ପାଇଥିଲେ। ତୁରନ୍ତ ପରିବାର ଲୋକେ ଅଚେତ ଅବସ୍ଥାରେ ଝିଅକୁ ରେଢ଼ାଖୋଲ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଶୋଭାଗିନୀଙ୍କୁ ମୃତ ଘୋଷଣା କରିଥିଲେ । ଏହି ଘଟଣା ପ୍ରଚାରିତ ହେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ନକ୍ସଲ ନାଁରେ ଚାନ୍ଦା ଆଦାୟ, ୨ ଗିରଫ

**ନବରଙ୍ଗପୁର, ୮।୯ (ସଂଚାର ବ୍ୟୁରୋ):** ଆରମ୍ଭ ହୋଇଛି ପାର୍ବଣ ଋତୁ। ଆଉ ଏହି ପାର୍ବଣ ଋତୁରେ ପକେଟ ଗରମ କରିବା ପାଇଁ ନକ୍ସଲଙ୍କ ନାଁରେ ଚାନ୍ଦା ଆଦାୟ କରୁଥିଲେ ଦୁଇ ଯୁବକ। ଏପରି ଅଭିଯୋଗ ନବରଙ୍ଗପୁର ଜିଲ୍ଲା କୁନ୍ଦେଇ ଥାନା ଅଞ୍ଚଳରୁ ଆସିଛି। ଏ ନେଇ ଅଭିଯୋଗ ହେବା ପରେ ପୁଲିସ୍ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଗତ ୫ ତାରିଖରେ ରାଇଘର ବ୍ଲକ୍ ଖୁଡୁକୁ ପଞ୍ଚାୟତ ରାସପୁର ଗାଁର ରାମଲାଲ ହରିଜନ ଓ ଖୁଡୁକୁ ଗ୍ରାମର ପିଲାରାମ ହରିଜନ ହାଟଭରାଣ୍ଡିର ଅନୀଲ କୁମାର ଗନ୍ତାଙ୍କ ଆଧାର କେନ୍ଦ୍ରକୁ ଯାଇଥିଲେ। ଆଉ ନକ୍ସଲ ପରିଚୟ ଦେଇ ୫୦ ହଜାର ଟଙ୍କା ମାଗିଥିଲେ। ଅନୀଲ୍ ଏ ନେଇ କୁନ୍ଦେଇ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି କୁନ୍ଦେଇ ଥାନା ଅଧିକାରୀ ପ୍ରଶାନ୍ତ କୁମାର ସେଠୀ ମାମଲା ରୁଜୁ କରି ରାମଲାଲ ହରିଜନ ଓ ପିଲାରାମ ହରିଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି।

# ଓଡ଼ିଶା ଭବନ ଅସୁରକ୍ଷିତ





**ଭୁବନେଶ୍ୱର, ୮।୯ (ସଂଚାର ବ୍ୟୁରୋ) :** ନୂଆଦିଲ୍ଲୀ ସ୍ଥିତ ଓଡିଶା ଭବନକୁ ଅସୁରକ୍ଷିତ ଘୋଷଣା କରିଛନ୍ତି ରାଜ୍ୟ ସରକାର । ଓଡିଶା ଭବନ ଏବେ ରହିବା ପାଇଁ ଆଉ ସୁରକ୍ଷିତ ନୁହେଁ। ପୂର୍ତ୍ତ ବିଭାଗର ଆଧାରରେ ରାଜ୍ୟ ସରକାର ଓଡିଶା ଭବନକୁ ଅସୁରକ୍ଷିତ ଘୋଷଣା କରିବା ସହ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ ଜୁନ ୨୯ ତାରିଖରେ ଦିଲ୍ଲୀ ମୁନିସିପାଲ କାଉନସିର ମୁଖ୍ୟ ଆର୍କିଟେକ୍ଟ ସବୁ ସରକାରୀ କୋଠାର ସୁରକ୍ଷା ସମ୍ପର୍କିତ ଅଡିଟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦ୍ନୁଯାୟୀ ପୂର୍ତ୍ତ ବିଭାଗ ରାଜ୍ୟ ସରକାର ତିନୋଟି ଯାକ କୋଠା-ଓଡିଶା ଭବନ, ଓଡିଶା ନିବାସ ଓ ଓଡିଶା ସଦନର ସୁରକ୍ଷା ଯାଞ୍ଚ କରିଥିଲେ। ପୂର୍ତ୍ତ ବିଭାଗର ମୁଖ୍ୟଯନ୍ତ୍ରୀ ୨୦୨୨ ଏପ୍ରିଲ ୧୯ ତାରିଖରେ ଓଡିଶା ଭବନ ରହିବା ପାଇଁ ସୁରକ୍ଷିତ ନୁହେଁ ଏବଂ ଏହାକୁ ଦୁଇ ତିନି ବର୍ଷ ମଧ୍ୟରେ ଭାଙ୍ଗିବାକୁ ସୁପାରିଶ କରିଥିଲେ। ଏହି କୋଠା ଆଉ ମରାମତି ଯୋଗ୍ୟ ନୁହେଁ ବୋଲି ମଧ୍ୟ ପୂର୍ତ୍ତ ବିଭାଗ ରିପୋର୍ଟ ଦେଇଥିଲା। ତଦନୁଯାୟୀ ଓଡିଶା ଭବନକୁ ଅସୁରକ୍ଷିତ ଘୋଷଣା କରିବା ସହ ଏହାକୁ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଛନ୍ତି ସରକାର।

# ଭୋଗ ଖାଇ ଶତାଧିକ ଅସୁସ୍ଥ

**ବାଙ୍ଗିପୋଷୀ, ୮।୯(ସଂଚାର ବ୍ୟୁରୋ):** ଗଣେଶ ପୂଜା ଭୋଗ ଖାଇ ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷୀ ବ୍ଲକ୍ ଭୂଆଶୁଣୀ ପଞ୍ଚାୟତ ରାୟାଁ ଗାଁ ସ୍କୁଲରେ ଗଣେଶ ପୂଜା ଭୋଗଖାଇ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଭିଭାବକ ଅସୁସ୍ଥ ହୋଇଛନ୍ତି। ରବିବାର ସେମାନଙ୍କୁ ମେଡ଼ିକାଲ୍‌ରେ ଭର୍ତ୍ତି କରାଯାଇଛି। ଖବର ପାଇ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ଏକ ମେଡ଼ିକାଲ୍ ଟିମ୍ ରାୟାଁ ଗାଁକୁ ଯାଇଛି। ଅସୁସ୍ଥ ଲୋକଙ୍କ ପରିବାର ସହିତ ଆଲୋଚନା କରିଛନ୍ତି।

# ଦୁର୍ଗାମେଢ଼ ଭସାଣିରେ ଲେଜର ଲାଇଟ୍ ଓ ଫାୟାର ଗନ୍ ମନା

**କଟକ, ୮।୯( ସଂଚାର ବ୍ୟୁରୋ):** କଟକ ସହରରେ ଦୁର୍ଗା ପୂଜା ଭସାଣିରେ ଲେଜର ଲାଇଟ୍ ଓ ଫାୟାର ଗନ୍ ବ୍ୟବହାର ହେବନି। ଜିଲ୍ଲା ପ୍ରଶାସନ ସହ ଶାନ୍ତି କମିଟି ବୈଠକରେ ଏଭଳି ନିଷ୍ପତ୍ତି ନିଆଯାଇଛି। ଦୁର୍ଗାପୂଜା ପାଇଁ ପୂର୍ବରୁ ରାଜଧାନୀ ଭୁବନେଶ୍ୱର ଓ କଟକରେ କମିଶନରେଟ ପୁଲିସ ପକ୍ଷରୁ ପଦକ୍ଷେପ ଆରମ୍ଭ ହୋଇଯାଇଥିଲା। ମଦମୁକ୍ତ ଭସାଣି ଏବଂ ଡିଜେମୁକ୍ତ ରୋଷଣିକୁ ପ୍ରାଧାନ୍ୟ ଦିଆଯାଇଥିଲା। ଡିଜେକୁ ସମ୍ପୂର୍ଣ୍ଣ ବାରଣ କରାଯାଇଥିଲା। ପୂର୍ବରୁ ନିଷ୍ପତ୍ତି ହୋଇଥିଲା ଯେ, କଟକର ପ୍ରସିଦ୍ଧ ଦୁର୍ଗାପୂଜା ଭସାଣିରେ ଡିଜେ ବାଜିବ ନାହିଁ। ଭସାଣିରେ ପାରଂପରିକ ବାଦ୍ୟ ବଜାଇବାକୁ ଅନୁମତି ମିଳିଥିବା ବେଳେ ଡିଜେକୁ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରାଯାଇଛି। ରାତି ୧୨ଟା ଯାଏ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁମତି ମିଳିଛି। ପୂଜା ପାଇଁ ଜବରଦସ୍ତ ଚାନ୍ଦା ମାଗିଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ନିର୍ଦ୍ଦେଶ ଦିଆଯାଇଛି। ପୁଲିସ କମିସନରଙ୍କ ସୂଚନା ମୁତାବକ ଅକ୍ଟୋବର ୧୪ରେ ଭସାଣି ଶୋଭାଯାତ୍ରା ହେବ। ଶୋଭାଯାତ୍ରାରେ ୬ଟି ବକ୍ସ ହିଁ ବଜାଇପାରିବେ। ଡିଜେ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ବୈଠକରେ ପୂଜା କମିଟି କର୍ମକର୍ତ୍ତା, ବିଧାୟକ, ପୋଲିସ ଓ ପ୍ରଶାସନିକ ଅଧିକାରୀ, ମେୟର, କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

## ଗଣେଶ ଭସାଣି ବେଳେ ବୁଡ଼ିଗଲେ ୨ ଭାଇ, ବଡ଼ ମୃତ

**ବାଲେଶ୍ୱର, ୮।୯(ସଂଚାର ବ୍ୟୁରୋ):** ଗଣେଶ ଭସାଣ ବେଳେ ଅଘଟଣ। ବାଲେଶ୍ୱର ଜିଲ୍ଲା ଖନ୍ତାପଡ଼ା ଥାନା କୁଳିଗାଁରେ ପୋଖରୀରେ ବୁଡ଼ିଗଲେ ଦୁଇ ଭାଇ। ବଡ଼ ଭାଇର ମୃତ୍ୟୁ ହୋଇଥିବା ବେଳେ ସାନକୁ ଗୁରୁତର ଅବସ୍ଥାରେ ମେଡ଼ିକାଲରେ ଭର୍ତ୍ତି କରାଯାଇଛି। ଗତକାଲି ଗାଁରେ ଗଣେଶ ପୂଜା ହୋଇଥିଲା। ଆଜି ଗାଁ ପୋଖରୀରେ ବିସର୍ଜନ ଲାଗି ବ୍ୟବସ୍ଥା ହୋଇଥିଲା। ଅରୁଣ ରାଉତଙ୍କ ବଡ଼ ପୁଅ ପ୍ରତ୍ୟୁଷ ରଞ୍ଜନ ରାଉତ(୧୧) ଓ ସାନଭାଇର ପୁଅ ସତ୍ୟଜିତ ରାଉତ (୮) ଭସାଣରେ ଯୋଗଦେବେ କହି ଘରୁ ବାହାରିଥିଲେ। ହେଲେ ମୂର୍ତ୍ତି ବିସର୍ଜନ ବେଳେ ଦୁଇ ଭାଇ ବୁଡ଼ିଯାଇଥିଲେ। ଗାଁ ଲୋକ ତୁରନ୍ତ ସେମାନଙ୍କୁ ପାଣି ଭିତରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରତ୍ୟୁଷର ମୃତ୍ୟୁ ହୋଇଯାଇଥିଲା। ସତ୍ୟଜିତର ଅବସ୍ଥା ଗୁରୁତର ହେବାରୁ ତାକୁ ବାଲେଶ୍ୱର ମେଡିକାଲ ସ୍ଥାନାନ୍ତର କରାଯାଇଛି।

# ଜେଲ୍ ଗଲେ ଏମ୍‌ଭିଆଇ

**ଖୋର୍ଦ୍ଧା, ୮।୯(ସଂଚାର ବ୍ୟୁରୋ):** ବନ୍ଧାହେଲେ ଭିଜିଲାନ୍ସ ଜାଲରେ ପଡ଼ିଥିବା ନୂଆପଡ଼ା ଏମ୍‌ଭିଆଇ ବିଜୟ କୁମାର ବେହୁରିଆ । ଗତକାଲି ନୂଆପଡ଼ାରୁ ଭୁବନେଶ୍ୱର ଅଭିମୁଖେ ଆସୁଥିବା ବିଜୟଙ୍କ ଗାଡ଼ିରୁ ୧ ଲକ୍ଷ ୩୨ ହଜାର ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ଏହି ଟଙ୍କା କେଉଁଠୁ ଆଣିଲେ ତାହାର ସନ୍ତୋଷଜନକ ଉତ୍ତର ନ ଦେଇ ପାରିବାରୁ ଭିଜିଲାନ୍ସ ତାଙ୍କୁ ଗିରଫ କରିଛି। ନୂଆପଡ଼ାରୁ ଭୁବନେଶ୍ୱର ଆସୁଥିବା ବେଳେ ସାଙ୍ଗରେ ମୋଟା ଅଙ୍କର ଟଙ୍କା ଆଣୁଥିବା ଭିଜିଲାନ୍ସ ଅଧିକାରୀ ବିଶ୍ୱସ୍ତ ସୂତ୍ରରୁ ଖବର ପାଇଥିଲେ। ଏହାପରେ ଭିଜିଲାନ୍ସ ବିଭାଗ ପକ୍ଷରୁ ପୂର୍ବ ଯୋଜନା ମୁତାବକ ଅଧିକାରୀମାନେ ଖୋର୍ଦ୍ଧା ମେଡିକାଲ ଛକରେ ଜଗି ରହିଥିଲେ। ବିଜୟ ଏକ ଭଡ଼ା ଗାଡ଼ିରେ ଆସୁଥିବା ବେଳେ ତାଙ୍କୁ ଖୋର୍ଦ୍ଧା ମେଡିକାଲ ଛକରେ ଅଟକା ଯାଇଥିଲା। ଗାଡ଼ିରୁ ୧ ଲକ୍ଷ ୩୨ ହଜାର ଟଙ୍କା ଜବତ କରିଥିଲା ଭିଜିଲାନ୍ସ। ତାଙ୍କୁ ଅଟକ ରଖି ପଚରାଉଚରା କରୁଥିଲା। ଆଜି ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ବିଜୟଙ୍କ ନୂଆପଡ଼ା ସ୍ଥିତ ଘର, ଜଗତସିଂହପୁର ସ୍ଥିତ ପୈତୃକ ଘର, ଭୁବନେଶ୍ୱର ଶୈଳଶ୍ରୀ ବିହାର ସ୍ଥିତ ଘର, ନୂଆପଡ଼ା ଅଫିସ ଚାମ୍ବରରେ ଏକକାଳୀନ ଚଢ଼ାଉ କରାଯାଇଛି।

**ଅସୁରକ୍ଷିତ ଓଡ଼ିଶା ଜେଲ**

# ୧୦ ବର୍ଷରେ ଫାଶୀ ଦେଲେଣି ୩୪

- **ଅସ୍ୱାସ୍ଥ୍ୟକର ପରିବେଶରେ ରହୁଛନ୍ତି ମାତ୍ରାଧିକ କଏଦୀ**
- **୩୪୯୭ ଜଣ ୱାର୍ଡର ପଦବୀରୁ ୨୦୨୯ ଖାଲି**

**ଭୁବନେଶ୍ୱର, ୮।୯( ସଂଚାର ବ୍ୟୁରୋ):** ଅପରାଧରେ ସଜା ହେବା ପୂର୍ବରୁ ଜୀବନ ହାରୁଛନ୍ତି ଜେଲରେ ଥିବା ଅନ୍ତେବାସୀ । ସୁଧୁରିବା ପୂର୍ବରୁ ପାଣି ଫୋଟକା ପରି ଝଡି ପଡୁଛି ଜୀବନ। ଗୋଟିଏ ପଟେ ସରକାର ଜେଲ ବା କାଳ କୋଠରୀକୁ ସୁଧାର ଗୃହ ଭାବେ ପରିକଳ୍ପନା କରୁଥିବା ବେଳେ ଅନ୍ୟପଟେ ବିଗତ ୧୦ ବର୍ଷରେ ସାରା ରାଜ୍ୟରେ ଥିବା ଜେଲରେ ଯାଇଛି ୩୪ ଜଣଙ୍କ ଜୀବନ । ଏହାବାଦ ବୟସାଧିକ ଓ ବିଭିନ୍ନ ରୋଗ ଯୋଗୁ ୪୪୭ ଜଣଙ୍କ ମୃତ୍ୟୁ ଘଟିଛି । ଅଧିକାଂଶ କ୍ଷେତ୍ରରେ ଜେଲରେ ମାନସିକ ଓ ଶାରୀରିକ ନିର୍ଯ୍ୟାତନା ଏହାର କାରଣ କୁହାଯାଉଛି। ତେବେ ଏଠାରେ ପ୍ରଶ୍ନ ଉଠୁଛି ଜେଲ ଭିତରେ ସିସିଟିଭି, କର୍ମଚାରୀ ଙ୍କ ପାଖେ ବଡି କ୍ୟାମେରା, କ୍ୟାମ୍ପସରେ ଜାମର ଆଦି ସମସ୍ତ ସୁରକ୍ଷାକୁ କଡାକଡି କରାଯାଇଥିବା ବେଳେ ନିର୍ଯାତନା ଦିଆଯାଉଛି କେମିତି ?

ତେବେ ଆସନ୍ତୁ ନଜର ପକାଇବା ୧୦ ବର୍ଷର ତଥ୍ୟ ଉପରେ। ଗତ କିଛିଦିନ ତଳେ ମମିତା ମେହେର ହତ୍ୟାକାଣ୍ଡ ମୁଖ୍ୟ ଅଭିଯୁକ୍ତ ଗୋବିନ୍ଦ ସାହୁର କଣ୍ଟାବାଞ୍ଜି ଉପ କାରାଗାରରେ ମୃତ୍ୟୁ ଘଟିଥିଲା । ୨୦୧୩ ରୁ ୨୦୨୩ ଶେଷ ମଧ୍ୟରେ ବିଭିନ୍ନ କାରଣବଶତଃ ବେକରେ ଗାମୁଛା ଲଗାଇ ଝୁଲି ପଡିଛନ୍ତି ୩୪ ଜଣ। ବିଭିନ୍ନ ଜେଲରେ ଥିବା ୱାର୍ଡରେ ଆବଶ୍ୟକତା ଠାରୁ ଅଧିକ କଏଦୀ ରହୁଛନ୍ତି । ଅସ୍ୱାସ୍ଥ୍ୟକର ପରିବେଶରେ ରହୁଥିବା ଯୋଗୁଁ ହୃଦରୋଗ, ଫୁସଫୁସ, କିଡନୀ ଭଳି ମାରାତ୍ମକ ରୋଗ ବ୍ୟାପୁଛି । ଗ୍ୟାଙ୍ଗୱାର ଓ ମାରାତ୍ମକ ନିଶା ଖାଇ ମଧ୍ୟ ଜୀବନ ଯାଉଛି। ୨୦୨୦ ସେପ୍ଟେମ୍ବର ୨୮ ରେ ଜାରି ନୂଆ ଜେଲ ମଡେଲ ମାନୁଆଲ ମୁତାବକ ପ୍ରତି ୬ ଜଣ କଏଦୀଙ୍କ ପିଛା ଜଣେ ୱାର୍ଡର ରହିବେ। ଯାହାଫଳରେ କଏଦୀଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରହିବ । କୌଣସି ଅଘଟଣ ଘଟିବା ପୂର୍ବରୁ ଏହାକୁ ନିୟନ୍ତ୍ରଣ କରାଯାଇପାରିବ । ରାଜ୍ୟରେ ଥିବା ୯୨ ଜେଲରେ ପୁରୁଣା ମାନୁଆଲ ଅନୁଯାୟୀ ମଞ୍ଜୁରୀ ହୋଇଥିବା ୧୮୭୧ ପଦବୀ ମଧ୍ୟରୁ ୪୦୩ ପଦବୀ ଏବେ ବି ଖାଲି ରହିଛି । ନୂଆ ମାନୁଆଲ ମୁତାବକ ୩ ହଜାର ୪୯୭ ଜଣ ୱାର୍ଡର ପଦବୀର ଆବଶ୍ୟକତା ଥିବା ବେଳେ ବର୍ତ୍ତମାନ ଆହୁରି ୨ ହଜାର ୨୯ ପଦବୀ ଖାଲି ରହିଛି । ଡିଷ୍ଟ୍ରିକ୍ଟ ଲିଗାଲ ସେଲ ଅଥରିଟି ଓ ମାନବାଧିକାର କମିଶନ ର କହିବା କଥା ହେଲା ଶତ ପ୍ରତିଶତ କଏଦୀ ମାନସିକ ସମସ୍ୟା ଦେଇ ଗତି କରନ୍ତି । ଗୋଟିଏ ପଟେ ଜେଲରେ ଢିଲା ସୁରକ୍ଷା ଓ ବିଚାର ପ୍ରକ୍ରିୟା ବିଳମ୍ବ ଯୋଗୁଁ ଫାଶୀ ଲଗାଇ ଝୁଲି ପଡିବାକୁ ଶ୍ରେୟ ମନେ କରୁଛନ୍ତି ବିଚାରାଧୀନ ବନ୍ଦୀ ଓ ସଜା ଭୋଗୁଥିବା କଏଦୀ।









# ଅରୁଣଙ୍କ ଭାଷଣରେ ମହିଳା ଫିଦା



ନୟାଗଡ ବିଧାୟକ ଡକ୍ଟର ଅରୁଣ ସାହୁ ଏକାଧାରାରେ ରାଜନେତା ସହିତ ଜଣେ କବି ଓ ଭଲ ବକ୍ତା। ନୂଆବର୍ଷରେ ତାଙ୍କ କବିତା ରଚିତ ବୃହତ୍ ଗ୍ରିଟିଙ୍ଗସ୍ କାର୍ଡ ଅନେକଙ୍କୁ ଆକର୍ଷିତ କରିଥାଏ। ତାଙ୍କ ଭାଷଣର ବି ଚାତୁରୀ ରହିଛି। ହେଲେ ନିକଟରେ ବାବୁଙ୍କ ଭାଷଣରେ ମହିଳାମାନେ ଫିଦା ହୋଇଛନ୍ତି। ଏହା ପୁଣି ଖୋଦ ଶଙ୍ଖ ଭବନରେ। ସେଦିନ ଶଙ୍ଖ ଭବନରେ ମହିଳା ସମାବେଶ ଆୟୋଜିତ ହୋଇଥିଲା। ଯେତେବେଳେ ବାବୁ ଅରୁଣ ଭାଷଣ ଦେବାକୁ ଆସିଲେ ସମସ୍ତେ ତାଙ୍କ ମୁହଁରୁ ଦୁଇପଦ ଶୁଣିବେ ବୋଲି ଅନାଇ ରହିଲେ। ବାବୁ ରାଜନୀତି କଥା ବଦଳରେ ତାଙ୍କ ନିଜ କଥା କହିଲେ। କେମିତି ବାବୁ ହାରୁ ହାରୁ ଗଲା ନିର୍ବାଚନରେ ଜିଣିଗଲେ ତାହାକୁ ଭିନ୍ନ ଢଙ୍ଗରେ ବଖାଣିଲେ। ଏମିତି ପୁଟ ଦେଇ କହିଲେ ଯେ କିଛି ମହିଳା କୁଆଡେ ଲୁଚାଇ ଲୁଚାଇ ଲୁଗା କାନିରେ ଆଖି ପୋଛି ପକାଇଲେ। ବାବୁ ବି ତାଙ୍କ ଭାଷଣ ଛଳରେ ନିର୍ବାଚନ ପୂର୍ବରୁ କିଭଳି ମଞ୍ଚ ମଞ୍ଚ ବାନ୍ଧି ବାନ୍ଧି ତାଙ୍କର ଅନେକ ବେଳ ଯାଇଥିଲା ତାହାକୁ ଟିକେ ତେରେଛେଇ କହିଥିଲେ। ସବୁ ଶୁଣିବାପରେ ଉପସ୍ଥିତ ମହିଳାମାନେ କରତାଳିରେ ଅରୁଣଙ୍କୁ ପୋତି ପକାଇଲେ। ଜଣେ ଦୁଇଜଣ କହୁଥିଲେ, ଏଇଥି ପାଇଁ ଆମ ଅରୁଣ ଭାଇ ହେଉଛନ୍ତି

# ପଞ୍ଜାବୀ ଢୋଲ ବଜାଳିଙ୍କ ପୁଷମାସ

ଏବେ ବାହାଘର ଋଣ ନାହିଁ କି ଭସାଣୀ ଆରମ୍ଭ ହୋଇନି। ହେଲେ ରାଜଧାନୀରେ ଥିବା ପଞ୍ଜାବୀ ଢୋଲ ବଜାଳିଙ୍କ ପୁଷମାସ। ସେମାନଙ୍କୁ ହାତରେ କାମର ଅଭାବ ନାହିଁ। ସେଦିନ ବାଜୁଜୀନଗର ବାଜା ଦୋକାନ ଆଗରେ ଏଭଳି ଆଲୋଚନା ହେଉଥିବାବେଳେ ଆମେ ଟିକେ ପଚାରିଦେଲୁ। ଏ ବେସିଜିନରେ ବେପାର କେମିତି ହେଉଛି ? ଜଣେ ଢୋଲୁଆ କହିଲେ ବୁଝିଲ, ଶଙ୍ଖ ଭବନରେ ଏବେ ଜବର କାମ। ସବୁଦିନେ ବୈଠକ। ବୈଠକ ପାଇଁ ଦରକାର ହେଉଛି ଢୋଲ ମାଡ। ତେଣୁ ଆମେ ଏବେ ନିଇତି କାମ ପାଉଛୁ। ଲୋକେ ଆସନ୍ତୁ କି ନଆସନ୍ତୁ, ଶଙ୍ଖପତିଙ୍କ ଆଗରେ ଟିକେ ଜୋରଦାର ଢୋଲମାଡ ହେବା ଦରକାର। ଏକଥା ଶୁଣିବାପରେ ଆମେ ଟିକେ ଶଙ୍ଖଭବନ ଆଡେ ଚକ୍କର କାଟିଲା ବେଳକୁ ଘଟଣାଟି ସତ। ଦଳେ ଢୋଲ ବଜାଳି ପଞ୍ଜାବୀ ବେଶରେ ଶଙ୍ଖଭବନ ଆଗରେ ଡେରା ପକାଇଛନ୍ତି। ଆମେ ଅଟକିଲା ମାତ୍ରେ ଢୋଲ ବାଜି ଉଠିଲା। ଭାବିଲୁ ଆମକୁ ଦେଖି ବଜାଇଲେ, ହେଲେ ପଛକୁ ଚାହିଁ ଦେଖିଲା ବେଳକୁ ବିମାନ ବନ୍ଦର ପଟୁ ଶଙ୍ଖପତିଙ୍କ ଗାଡିଟି ଆସୁଥିଲା। ଆଉ ଏତିକିବେଳେ ଧଳାସାର୍ଟ ପିନ୍ଧା କିଛି ଯୁବକ ଫାଟକ ପାଖରେ ଫୁଲ ହାର ଧରି ଗହଳି ଆରମ୍ଭ କରିଦେଲେ। ଆମେ ତୁରନ୍ତ ସ୍ଥାନ ଛାଡି ପଳାଇଲୁ।



# ସୁନୀତିଙ୍କ ପଛରେ କାହାର ମୁଣ୍ଡ





ବିଜେପି ପ୍ରାର୍ଥୀଭାବେ ଭୁବନେଶ୍ୱର ମେୟର ପଦରେ ଲଢି ବାଇଚାନ୍ସ ହାରି ଯାଇଥିବା ବିଜେପି ନେତ୍ରୀ ସୁନୀତି ମୁଣ୍ଡ ଦଳୀୟ କାର୍ଯ୍ୟାଳୟରୁ ଧକ୍କାଖାଇ ବାହାରିଲା ପରେ ନାନା ଆଲୋଚନା ହୋଇଛି। ୨୦ଲକ୍ଷ ଟଙ୍କା ଠକେଇ ମାମଲାରେ ତାଙ୍କ ନାଁରେ ମାମଲା ହେବାରୁ ହାଇକୋର୍ଟରୁ ଆଗୁଆ ଜାମିନ ଆଣିଛନ୍ତି। ଜାମିନ ପାଇଲା ପରେ ଦଳ ତାଙ୍କୁ ନିଲମ୍ବିତ କରିଛି। ନିଲମ୍ବନ ପରେ ସିଏ ଭଲ ଭାବେ ଜାଣିଥିଲେ ରାମମନ୍ଦିର ନିକଟକୁ ଗଲେ ତାଙ୍କର ଅବସ୍ଥା କ'ଣ ହେବ। ହେଲେ କିନ୍ତୁ ସିଏ ଗଲେ। ଏବେ ଶୁଣାଯାଉଛି ତାଙ୍କୁ କିଛି ଲୋକ ପଠାଇଥିଲେ। ଏଥିପାଇଁ ବହୁ ବିଦ୍ୱାନ ମୁଣ୍ଡ ଖଟାଇଥିଲେ। ମୁଣ୍ଡ ଖଟାଇବାପାଇଁ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଥିବା ଏକ ଅନୁଷ୍ଠାନରେ ସଞ୍ଜବେଳିଆ ବୈଠକ ବସିଥିଲା। ସେହିଠାରେ ସ୍ଥିର ହୋଇଥିଲା ସୁନୀତିଙ୍କୁ ଗେରୁଆ ଅଫିସକୁ ପଠାଯିବ। ସାଙ୍ଗରେ ଗଣମାଧ୍ୟମ ରହିବେ। ଗେରୁଆ କମ୍ପାନୀଙ୍କୁ ବଦନାମ କରାଯିବ। ହେଲେ ଏହି ମୁଣ୍ଡ ଖଟାଇଥିବା ଲୋକଙ୍କ ମଧ୍ୟରୁ କିଏ ଟିକେ ଅଧିକ ମୁଣ୍ଡ ଖଟାଇ ରାମମନ୍ଦିର ଅଫିସକୁ ଖବର ଦେଇଦେଲେ। ତାହା ପରେ ଯାହା ଘଟିଲା ତାକୁ ସାରା ରାଇଜ ଦେଖିଲା।

# ଚା' ବିସ୍କୁଟ ଖର୍ଚ୍ଚ ଦେଖି ଅଧିକାରୀ ତାଜୁବ

ରାଜ୍ୟ ବିଧାନସଭାର ଏବେ ବଜେଟ୍ ଅଧିବେଶନ ଚାଲିଛି। ନୂଆ ସରକାରର ନୂଆ ବଜେଟ୍ ଅଧିବେଶନ। ସେଥିପାଇଁ କୌଣସି କ୍ଷେତ୍ରରେ ଯେଭଳି ତ୍ରୁଟି ନରହିବ ତାହା ଉପରେ ଧ୍ୟାନ ଦିଆଯାଉଛି। ତେବେ ବିଧାନସଭାରେ ବାବୁ, ସାମ୍ବାଦିକ ଓ ଅନ୍ୟମାନଙ୍କୁ ଚା' ପାନ ଯୋଗାଣ ପାଇଁ ରାଜଧାନୀର ଗୋଟିଏ ତାରକା ହୋଟେଲକୁ ବରାଦ ଦିଆଯାଇଥିଲା। ବରାଦ ପାଇବାମାତ୍ରେ ହୋଟେଲର କର୍ମଚାରୀମାନେ କୋର୍ଟ ଟାଇ ପିନ୍ଧି ବିଧାନସଭାରେ ହାଜର ହେଲେ। ଚା', କଫି ସହିତ ସୁଆଦିଆ ବିସ୍କୁଟ ପରସି ଦେଲେ। ଯେଉଁମାନେ ଚା' ନପିଇଲେ ସେମାନଙ୍କ ପେଟ ଥଣ୍ଡା ପାଇଁ କୁଆଡେ ପଇଡ ଯୋଗାଇଲେ। ଖାଦ୍ୟ ପେୟର ବ୍ୟବସ୍ଥା ବି ହେଲା। ସମସ୍ତଙ୍କ ମନକୁ ସେବା ଓ ଖାଦ୍ୟ କିଣିନେଲା। ହେଲେ ଯେତେବେଳେ ହୋଟେଲ କର୍ତ୍ତୃପକ୍ଷ ବିଲ୍ ଧରାଇଲେ ତାହା ସମସ୍ତଙ୍କ ଅକଲ ଗୁଡୁମ୍ କରିଦେଲା। ଶୁଣାଯାଉଛି କୁଆଡେ ଏହି ତାରକା ହୋଟେଲ ମାତ୍ର ୩୦ ଲକ୍ଷ ଟଙ୍କାର ବିଲ୍ ଧରାଇଛି। କପେ ଚା' ଓ ଦୁଇଟି ବିସ୍କୁଟ୍ ଦାମ ମାତ୍ର ୧୮୦ ଟଙ୍କା ପଡିଛି। ଏହାପରେ ସେହି ତାରକା ହୋଟେଲକୁ ଯୋଗାଣ ଦାୟିତ୍ୱରୁ ଅବ୍ୟାହତି ଦିଆଯାଉଛି। ଏବେ ନୂଆ ସଂସ୍ଥା ଆସିଛି। ହେଲେ କେତେ ଦରରେ ବିଲ୍ ଧରାଇବ ତାହା କେହି ଜାଣିପାରୁ ନାହାନ୍ତି।







# ପୁଣି ଫେରିଲାଣି ହ୍ୱାଟସ୍ ଅଫ୍ କଲିଂ

ବିଜେଡି ସରକାର ରାଜ୍ୟରୁ ବିଦା ହେବାପରେ ହ୍ୱାଟସ୍ ଆପ୍‌ରେ କଥାବାର୍ତ୍ତା ଯୁଗର ଅବସାନ ଘଟିଥିଲା। ବଡ ବଡିଆମାନେ ଶାନ୍ତିରେ ନିଶ୍ୱାସ ମାରିଥିଲେ। କାରଣ ନିର୍ବାଚନ ପୂର୍ବରୁ ଅନେକ ବିଶ୍ୱାସ କରୁଥିଲେ ସେମାନଙ୍କ ଫୋନ୍ ଟ୍ୟାପିଂ ହେଉଛି। ହେଲେ ଏବେ କିଛି ବାବୁ ପୁଣି ହ୍ୱାଟସ୍‌ଆପ୍‌କୁ ଆପଣେଇଛନ୍ତି। ଏମାନଙ୍କ ସଂଖ୍ୟା ଅବଶ୍ୟ ହାତଗଣତି। ଆଲୋଚନା ହେଉଛି ଯେ ଜଣେ ପୁଲିସ୍ ବାବୁ ରାଜଧାନୀରେ ରାସଲୀଳା କରି ଦଣ୍ଡିତ ହେବାପରେ ଏଭଳି ଅବସ୍ଥା ହୋଇଛି। ଆଉ ଯେଉଁ ରଙ୍ଗିଲା ବାବୁମାନେ ଖୋଲାଖୋଲି ଭାବେ ଟେଲିଫୋନ୍‌ରେ କଥା ହେଉଥିଲେ ସେମାନେ ଟିକେ ସତର୍କ ହୋଇଛନ୍ତି। କୁଆଡେ କୁହାଯାଉଛି ଯେ ସମ୍ପୃକ୍ତ ଖାକି ବାବୁ ଜଣଙ୍କ ହ୍ୱାଟସ୍‌ଆପ୍ କଲିଂ ନକରିବାର ଫଳି ଭୋଗିଲେ ଓ ରଙ୍ଗେ ହାତ ଧରାପଡିଗଲେ। ତେଣୁ ଏବେ ରାଜଧାନୀର କିଛି ରଙ୍ଗିଲା ବାବୁ ସେମାନଙ୍କର ଦୁଇ ନମ୍ବର କାମ ପାଇଁ ହ୍ୱାଟସ୍ ଆପ୍ କଲିଂ କରୁଛନ୍ତି। ଏମାନଙ୍କ ମଧ୍ୟରେ କୁଆଡେ ଜଣେ ଅବସରପ୍ରାପ୍ତ ବରିଷ୍ଠ ସବୁଠାରୁ ଆଗରେ ଥିବାବେଳେ ଆଉ ଜଣେ ଲୋକସଭା ଭବନର ବାବୁ ରହିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha)

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର